ବର୍ଷ-୨୫, ସଂଖ୍ୟା-୨୭୧
ଭୁବନେଶ୍ୱର
୧୨, ଅକ୍ଟୋବର, ୨୦୨୫ ରବିବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-25, Issue No. 271
Bhubaneswar
12, October, 2025 Sunday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat

# ୪ ଜିଲ୍ଲାରେ ଧନ-ଧାନ୍ୟ କୃଷି ଯୋଜନାର ଶୁଭାରମ୍ଭ

**ଭୁବନେଶ୍ୱର,୧୧।୧୦ (ମହାଭାରତ):** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦେଶର କୃଷକ ଭାଇ ଭଉଣୀଙ୍କ ପାଇଁ କୃଷି, ପଶୁପାଳନ, ମତ୍ସ୍ୟ ଚାଷ ଓ ଖାଦ୍ୟ ପ୍ରକ୍ରିୟାକରଣ କ୍ଷେତ୍ର ପାଇଁ ୪୨୦୦୦ କୋଟି ଟଙ୍କାରୁ ଉର୍ଦ୍ଧ ମୂଲ୍ୟର ୧୧୦୦ ରୁ ଉର୍ଦ୍ଧ ପରିଯୋଜନାର ଶୁଭ ଉଦଘାଟନ କରିଛନ୍ତି। ଏହି ଅବସରରେ ପ୍ରଧାନମନ୍ତ୍ରୀ ଧନ ଧାନ୍ୟ କୃଷି ଯୋଜନା, ଡାଲି ସ୍ୱାବଲମ୍ବନ ମିଶନର ମଧ୍ୟ ଶୁଭାରମ୍ଭ ହୋଇଛି।




ଓୟୁଏଟି ସ୍ଥିତ କୃଷି ଶିକ୍ଷା ସଦନ ଠାରେ ପ୍ରଧାନମନ୍ତ୍ରୀ ଧନ-ଧାନ୍ୟ କୃଷି ଯୋଜନା ଏବଂ ଡାଲି ଜାତୀୟ ଫସଲରେ ଆତ୍ମନିର୍ଭରତା ମିଶନର ଶୁଭାରମ୍ଭ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେଇ ଏହି ସବୁ ଯୋଜନା ଗୁଡ଼ିକ କୃଷିକ୍ଷେତ୍ରରେ କୃଷକମାନଙ୍କୁ ଆତ୍ମନିର୍ଭର କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି କହିଥିଲେ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱାରା ଦେଶର ୧୦୦ଟି ଜିଲ୍ଲାରେ ଏହି ଯୋଜନା ଆରମ୍ଭ କରାଯାଇଛି। ଏଥିସହିତ ରାଜ୍ୟର କନ୍ଧମାଳ, ମାଲକାନଗିରି, ସୁନ୍ଦରଗଡ ଓ ନୂଆପଡ଼ା ଜିଲ୍ଲାରେ ମଧ୍ୟ ଆଜି ଠାରୁ ପ୍ରଧାନମନ୍ତ୍ରୀ ଧନ-ଧାନ୍ୟ କୃଷି ଯୋଜନା କାର୍ଯ୍ୟକାରୀ କରାଗଲା। ଏହି ଯୋଜନାରେ ସାରା ଦେଶରେ ଆସନ୍ତା ୬ ବର୍ଷ ପାଇଁ ବର୍ଷକୁ ୨୪ ହଜାର କୋଟି ଟଙ୍କା ଖର୍ଚ୍ଚ ହେବ ଏବଂ ଦେଶର ୧.୭ କୋଟି କୃଷକ ଉପକୃତ ହେବେ। ଏହି ଅବସରରେ ଆଜି ପ୍ରଧାନମନ୍ତ୍ରୀ ସମ୍ବଲପୁରର ବସନ୍ତପୁର ଠାରେ ୧୦୦ କୋଟି ଟଙ୍କା ବିନିଯୋଗରେ ଏକ ଅତ୍ୟାଧୁନିକ ସମନ୍ୱିତ ଆକ୍ୱା ପାର୍କ ଏବଂ ଭୁବନେଶ୍ୱରର ପାଣ୍ଡରା ଠାରେ ପ୍ରାୟ ୬୦ କୋଟି ଟଙ୍କାରେ ଅତ୍ୟାଧୁନିକ ମାଛ ମାର୍କେଟ ପାଇଁ ଭିତ୍ତିପ୍ରସ୍ତର ମଧ୍ୟ ସ୍ଥାପନ କରିଛନ୍ତି।

କାର୍ଯ୍ୟକ୍ରମରେ ଅଭିଭାଷଣ ରଖି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି ଯେ, କୃଷି ଏବଂ ଆନୁଷଙ୍ଗିକ କାର୍ଯ୍ୟ କେବଳ ଓଡିଶାର ନୁହେଁ, ସାରା ଦେଶର ପ୍ରମୁଖ ଜୀବିକା । ଆଜି ବି ଓଡିଶାର ୬୦ ପ୍ରତିଶତରୁ ଅଧିକ ଏବଂ ଦେଶର ପ୍ରାୟ ୫୦ ପ୍ରତିଶତ ଲୋକେ ଏହା ମାଧ୍ୟମରେ ଜୀବିକା ନିର୍ବାହ କରିଥାନ୍ତି। ତେଣୁ, ମୋଦୀଜୀଙ୍କ ସରକାର ୨୦୧୪ ମସିହାରୁ କୃଷକଙ୍କ ପାଇଁ ଅଭୂତପୂର୍ବ କଲ୍ୟାଣକାରୀ ଯୋଜନାଗୁଡିକ ପ୍ରଣୟନ କରିଆସୁଛନ୍ତି, ଯାହା ଫଳରେ ଆଜି କୃଷକ ସମାଜର ସର୍ବାଙ୍ଗୀନ ଉନ୍ନତି ସମ୍ଭବ ହୋଇପାରିଛି। ଗତ ୧୧ ବର୍ଷ ଭିତରେ ଆମ ଦେଶ ଅନେକ କ୍ଷେତ୍ରରେ ଆତ୍ମନିର୍ଭରଶୀଳ ହୋଇ ପାରିଛି । ଦେଶକୁ ପ୍ରମୁଖ ଖାଦ୍ୟ ଶସ୍ୟ, ତୈଳବୀଜ ଓ ଡାଲି ଜାତୀୟ ପଦାର୍ଥ ଦିଗରେ ଆତ୍ମନିର୍ଭର କରିବା ଆବଶ୍ୟକ । ଆଜି ବି ଆମ ଦେଶ ଡାଲି ଏବଂ ଖାଇବା ତେଲ ପାଇଁ ବିଦେଶ ଉପରେ ନିର୍ଭରଶୀଳ । ଆମକୁ ଏହି ନିର୍ଭରଶୀଳତାକୁ ହ୍ରାସ କରିବାକୁ ପଡିବ। ତେଣୁ, ଆଜି ମାନ୍ୟବର ମୋଦୀଜୀଙ୍କ କର କମଳରେ ଶୁଭାରମ୍ଭ ହେଉଥିବା ଯୋଜନା ଗୁଡିକ ଆତ୍ମନିର୍ଭର କୃଷକଙ୍କ ପ୍ରତି ଉତ୍ସର୍ଗୀକୃତ। ଆମ ସରକାର ଆସିବା ମାତ୍ରେ କୃଷି ଓ ଆନୁଷଙ୍ଗିକ କ୍ଷେତ୍ରରେ ବ୍ୟାପକ ପରିବର୍ତ୍ତନ ହୋଇଛି। ସେଥିପାଇଁ ଆମ ସରକାର ୨୦୨୫-୨୬ ବଜେଟରେ କୃଷି ଓ ଆନୁଷଙ୍ଗିକ କ୍ଷେତ୍ରର ବିକାଶ ପାଇଁ ୩୭ ହଜାର ୮୩୮ କୋଟି ଟଙ୍କାର ବଜେଟ ବ୍ୟବସ୍ଥା କରିଛନ୍ତି। ସବୁଠାରୁ ବଡ ଯୋଜନା ହେଉଛି ସମୃଦ୍ଧ କୃଷକ ଯୋଜନା ଯାହା ଫଳରେ ଓଡିଶାର ଚାଷୀମାନେ ପ୍ରତି କୁଇଣ୍ଟାଲ ପିଛା ଏମଏସପି ଓ ଇନ୍‌ପୁଟ ସହାୟତା ମିଶି ୩୧୦୦ ଟଙ୍କା ପାଉଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

ଏହି ଦୂରଦୃଷ୍ଟିସମ୍ପନ୍ନ କୃଷକ କଲ୍ୟାଣ କାର୍ଯ୍ୟକ୍ରମ 'ପ୍ରଧାନମନ୍ତ୍ରୀ ଧନ-ଧାନ୍ୟ କୃଷି ଯୋଜନା' ର ରାଜ୍ୟସ୍ତରୀୟ ଶୁଭାରମ୍ଭରେ ମୋର ଦୃଢ ବିଶ୍ୱାସ, ଯେ ଏହି ଯୋଜନା ଦ୍ୱାରା ଚାଷୀ ପରିବାର ସ୍ୱଚ୍ଛଳ ହେବେ ଏବଂ ସେମାନଙ୍କ ଆୟରେ ନିଶ୍ଚିତ ଭାବେ ବୃଦ୍ଧି ହେବ । ଏହି କାର୍ଯ୍ୟକ୍ରମ ଅଧୀନରେ ଓଡ଼ିଶାର ଚାରୋଟି ଜିଲ୍ଲା - କନ୍ଧମାଳ, ମାଲକାନଗିରି, ସୁନ୍ଦରଗଡ ଏବଂ ନୂଆପଡ଼ାକୁ ଚୟନ କରାଯାଇଥିବାରୁ, ମୁଖ୍ୟମନ୍ତ୍ରୀ, ପ୍ରଧାନମନ୍ତ୍ରୀଙ୍କୁ ଧନ୍ୟବାଦ ଦେଇଥିଲେ ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ସେ ପ୍ରତିଶ୍ରୁତି ଦେଉଛନ୍ତି ଯେ, ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଆରମ୍ଭ ହେଉଥିବା ଏହି ଯୋଜନାର ସଫଳ ରୂପାୟନ ପାଇଁ ରାଜ୍ୟ ସରକାର ସମ୍ପୂର୍ଣ୍ଣ ପ୍ରତିବଦ୍ଧ । ଏହି ଯୋଜନା ଦ୍ୱାରା ଚାଷୀଭାଇମାନେ କେବଳ ଧାନ ଉପରେ ନିର୍ଭର ନ ହୋଇ ଡାଲି, ତୈଳବିଜ ଓ ଅନ୍ୟାନ୍ୟ ଅର୍ଥକାରୀ ଫସଲ ଚାଷ କରି ଫସଲର ବିବିଧକରଣ କରିବେ ଏବଂ ଅଧିକ ଅର୍ଥ ରୋଜଗାର କରିପାରିବେ ବୋଲି ସେ କହିଥିଲେ।

ଭୁବନେଶ୍ୱରର ପାଣ୍ଡରା ହୋଲସେଲ୍ ମାଛ ମାର୍କେଟ ପ୍ରକଳ୍ପ ଭୁବନେଶ୍ୱରର କେନ୍ଦ୍ରସ୍ଥଳରେ ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ ।

୫୯ କୋଟି ୧୩ ଲକ୍ଷ ଟଙ୍କା ବିନିଯୋଗରେ ପ୍ରଧାନମନ୍ତ୍ରୀ ମତ୍ସ୍ୟ ସମ୍ପଦ ଯୋଜନା ଅଧୀନରେ ଏହା ନିର୍ମିତ ହେବ।ଏଥିରେ ୩୦ କୋଟି ଟଙ୍କା କେନ୍ଦ୍ର ସରକାର ଓ ୨୯ କୋଟି ୧୩ ଲକ୍ଷ ଟଙ୍କା ରାଜ୍ୟ ସରକାର ଖର୍ଚ୍ଚ କରିବେ । ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିଭାଗ ଏବଂ ଭୁବନେଶ୍ୱର ମହାନଗର ନିଗମର ମିଳିତ ସହଯୋଗରେ କାର୍ଯ୍ୟକାରୀ ହେଉଥିବା ଏହି ମାର୍କେଟ ସିଧାସଳଖ ଭାବରେ ୧୪୩ ବ୍ୟବସାୟୀଙ୍କୁ ଉପକୃତ କରାଇବ ଓ ୨,୦୦୦ରୁ ଅଧିକ ଲୋକଙ୍କ ପାଇଁ ପରୋକ୍ଷ ରୋଜଗାର ମଧ୍ୟ ସୃଷ୍ଟି ହେବ । ଭୁବନେଶ୍ୱର ଓ କଟକର ଖାଉଟିମାନଙ୍କ ଚାହିଦାକୁ ପୂରଣ କରିବ । ପ୍ରକଳ୍ପ କାର୍ଯ୍ୟକାରୀ କରିବା ପାଇଁ ଭୁବନେଶ୍ୱର ମହାନଗର ନିଗମ ସହିତ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି ଏବଂ ପ୍ରକଳ୍ପ କାର୍ଯ୍ୟ ୨୦୨୭ ନଭେମ୍ବର ମାସ ସୁଦ୍ଧା ସମ୍ପୂର୍ଣ୍ଣ ହେବ। ଇଣ୍ଟିଗ୍ରେଟେଡ୍ ଆକ୍ୱା ପାର୍କ ଏବଂ ହୋଲସେଲ୍ ମାଛ ବିକ୍ରୟ କେନ୍ଦ୍ର- ଏହି ଦୁଇଟି ପ୍ରକଳ୍ପ ମିଶି ପ୍ରଥମେ ଉତ୍ପାଦନ ପରେ ପ୍ରସ୍ତୁତି ଓ ବିପଣନ ପର୍ଯ୍ୟନ୍ତ ଏକ ଭେଲ୍ୟୁ ଚେନ ସୃଷ୍ଟି କରିବ । ଭାରତର ନୀଳ ବିପ୍ଳବ ରେ ଅଗ୍ରଣୀ ରାଜ୍ୟ ଭାବେ ଓଡିଶା ସ୍ଥାନ ପାଇବ ବୋଲି ସେ କହିଥିଲେ।

# ଶ୍ରୀମନ୍ଦିର ଉପରେ ଡ୍ରୋନ୍ ଉଡ଼ିଲେ କଠୋର ଦଣ୍ଡ



**ପୁରୀ,୧୧।୧୦ (ମହାଭାରତ):** ଡାଇରେକ୍ଟର ଜେନେରାଲ ସିଭିଲ ଆଭିଏସନ୍ ବା ଡ଼ିଜିସିଏ ମ୍ୟାପରେ ଶ୍ରୀମନ୍ଦିର ରେଡ ଜୋନ ଭାବ ସ୍ଥାନ ପାଇଛି। ଏହି ରେଡ୍ ଜୋନ୍ ଅନୁଯାୟୀ ସମୁଦ୍ର ପତ୍ତନ ଠାରୁ ୫୦,୦୦୦ ମିଟର ଉଚ୍ଚତା ପର୍ଯ୍ୟନ୍ତ କୌଣସି ଉଡ଼ାଣ ହୋଇପାରିବ ନାହିଁ। ରେଡ୍ ଜୋନ୍ ପରେ ଆଇନ ଅନୁଯାୟୀ ପୋଲିସ ଦୃଢ଼ କାର୍ଯ୍ୟାନୁଷ୍ଠାନ ମଧ୍ୟ ଗ୍ରହଣ କରିପାରିବ। ଏୟାରସ୍ପେସ ମ୍ୟାପରେ କିଛି ଏଭଳି ତଥ୍ୟ ରହିଥିବା ଭାରତ ସରକାରଙ୍କ ଡିଜିସିଏ ୱେବସାଇଟରେ ଉପଲବ୍ଧ ରହିଛି। ଭଲକରି ଦେଖନ୍ତୁ ଏୟାରସ୍ପେସ୍ ମ୍ୟାପକୁ। ଏଥିରେ ସ୍ପଷ୍ଟଭାବେ ଲେଖାହେଇଛି ସେପ୍ଟେମ୍ବର ୨୬ ତାରିଖରେ ଶ୍ରୀମନ୍ଦିରରକୁ ରେଡ ଜୋନ ଭାବେ ଘୋଷଣା କରାଯିବା କଥା। ଏହାର ଅବଧି ୩ ବର୍ଷ ମଧ୍ୟ ରହିଛି। ୨୦୨୮ ସେପ୍ଟେମ୍ବର ୨୫ ତାରିଖରେ ଏହାର ସମୟସୀମା ସରିବ। ପୂର୍ବରୁ ଶ୍ରୀମନ୍ଦିର ଉପରକୁ ନୋଫ୍ଲାଇଂ ଜୋନ୍ ଭାବେ ଘୋଷଣା କରାଯାଇଥିବା ବେଳେ ଏବେ ରେଡ ଜୋନ ଘୋଷଣା ହେବା ଶ୍ରୀମନ୍ଦିର ସୁରକ୍ଷାକୁ ଆହୁରି ମଜବୁତ କରିବ ବୋଲି ଆଶା କରାଯାଉଛି। ରେଡ ଜୋନ ଘୋଷଣା କରିବାକୁ ଡିଜିସିଏର ମାନଦଣ୍ଡ ଅନୁଯାୟୀ ସର୍ଭେ ସହ ଜିଲ୍ଲା ପୋଲିସ ପ୍ରଶାସନ ପକ୍ଷରୁ ଆବଶ୍ୟକ ତଥ୍ୟ ଦିଆଯାଇ ରାଜ୍ୟ ସରକାରଙ୍କୁ ଚିଠି ଲେଖାଯାଇଥିଲା। ରାଜ୍ୟ ସରକାରଙ୍କ ଉଦ୍ୟମ ପରେ ଡିଜିସିଏ ଶ୍ରୀମନ୍ଦିରକୁ ରେଡ ଜୋନ ଘୋଷଣା କରିଛି। ରେଡ୍ ଜୋନ୍ ଘୋଷଣା ପରେ ଶ୍ରୀମନ୍ଦିର ଉପରେ ଆଉ ଡ୍ରୋନ୍ ବୁଲିଛି କି ନାହିଁ ତାହା ଦେଖିବାର କଥା।

# ଓଡ଼ିଆ ଡାକ୍ତରୀ ଛାତ୍ରୀଙ୍କୁ ଗଣଦୁଷ୍କର୍ମ




**ଭୁବନେଶ୍ୱର,୧୧।୧୦ (ମହାଭାରତ):** ଜଣେ ମେଡିକାଲ କଲେଜ ଛାତ୍ରୀଙ୍କୁ ଗଣ ଦୁଷ୍କର୍ମ ଅଭିଯୋଗରେ ପଶ୍ଚିମବଙ୍ଗରେ ପୁଣି ଆଇନଶୃଙ୍ଖଳା ବିପନ୍ନ ହୋଇପଡିଛି। ପୀଡିତା ଜଣକ ଓଡ଼ିଶାର ଜଳେଶ୍ୱର ଅଞ୍ଚଳର ଓ ସେ ପଶ୍ଚିମବଙ୍ଗର ଦୁର୍ଗାପୁରସ୍ଥିତ ଏକ ଘରୋଇ ମେଡିକାଲ କଲେଜରେ ପାଠ ପଢୁଥିଲେ। ଗତ ଶୁକ୍ରବାର ସନ୍ଧ୍ୟାରେ ସେ ତାଙ୍କର ଜଣେ ପୁରୁଷ ବନ୍ଧୁଙ୍କ ସହିତ ଗୁପଚୁପ ଖାଇବାକୁ ଯାଇଥିବା ବେଳେ ଦୁର୍ବୃତ୍ତମାନେ ଓଡ଼ିଆ ଯୁବତୀଙ୍କୁ ଟେକିନେଇ ତାଙ୍କୁ ଗଣଦୁଷ୍କର୍ମ କରିଥିବା ଘଟଣା ଏବେ ସେହି ପଶ୍ଚିମବଙ୍ଗର ଆର.ଜି. ମେଡିକାଲ କଲେଜରେ ଅଳ୍ପଦିନ ତଳେ ଅନୁରୂପ ଭାବେ ଏକ ଲୋମହର୍ଷଣକାରୀ ଗଣଦୁଷ୍କର୍ମ ଓ ହତ୍ୟା ଘଟଣାର ପୁନରାବୃତ୍ତି ହୋଇଛି।

ଗତ ୮ ତାରିଖ ଦିନ ଦୁର୍ଗାପୁର ମେଡିକାଲ କଲେଜର ଛାତ୍ରୀ ଜଣକ ବର୍ତ୍ତମାନ ଗଣଦୁଷ୍କର୍ମ ପରେ ଆଇ.ସି.ୟୁରେ ଭର୍ତ୍ତି ହୋଇଛନ୍ତି। ମାତ୍ର ପଶ୍ଚିମବଙ୍ଗର ମୁଖ୍ୟମନ୍ତ୍ରୀ ଜଣେ ମହିଳା ହୋଇଥିଲେ ମଧ୍ୟ ଏହି ଅମାନୁଷିକ ଘଟଣାର ତଦନ୍ତ କ୍ଷେତ୍ରରେ ଯେତିକି ତତ୍ପରତା ପ୍ରକାଶ କରିବା କଥା ତାହା କରିନାହାଁନ୍ତି। ଏହାକୁ ନେଇ ଓଡ଼ିଶାରେ ତୀବ୍ର ପ୍ରତିକ୍ରିୟା ସୃଷ୍ଟି ହେବା ସହିତ ସବୁ ରାଜନୈତିକ ଦଳ ପକ୍ଷରୁ ମମତାଙ୍କ ନିଷ୍କ୍ରିୟତା ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିଛନ୍ତି।

ଗତ ତିନିଦିନ ହେଲା ଦୁର୍ଗାପୁର ମେଡିକାଲ କଲେଜରେ ଛାତ୍ର ଆନ୍ଦୋଳନ ସହିତ ପରିସ୍ଥିତି ଉତ୍ତେଜନାପୂର୍ଣ୍ଣ ରହିଛି। କିନ୍ତୁ ଘଟଣାକୁ ୪ ଦିନ ବିତି ଯାଇଥିଲେ ମଧ୍ୟ ପଶ୍ଚିମବଙ୍ଗ ପୋଲିସ ଏପର୍ଯ୍ୟନ୍ତ ଅଭିଯୁକ୍ତ ମାନଙ୍କୁ ଗିରଫ କରିପାରିନାହିଁ। ପୋଲିସ ତଦନ୍ତରେ ଶିଥିଳତା ପ୍ରକାଶ କରୁଥିବା ପୀଡିତାଙ୍କ ପରିବାର ଅଭିଯୋଗ କରିବା ପରେ ଓଡ଼ିଶା ସରକାର ଏକ ଟିମ୍‌କୁ ପଶ୍ଚିମବଙ୍ଗ ପଠାଇବାକୁ ନିର୍ଦ୍ଦେଶ ଦେଇଛନ୍ତି। ଆଜି ପ୍ରଶାସନର ଦୁଇଜଣିଆ ଟିମ୍ ପଶ୍ଚିମବଙ୍ଗ ଯାଇଛନ୍ତି। ସେମାନଙ୍କ ମଧ୍ୟରେ ଜଣେ ଡିଏସ୍‌ପି ଅଛନ୍ତି।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ଘଟରାକୁ ଦୁର୍ଭାଗ୍ୟଜନକ, ନିନ୍ଦନୀୟ ଓ ପୀଡାଦାୟକ ବୋଲି ବର୍ଣ୍ଣନା କରି ପଶ୍ଚିମବଙ୍ଗ ଦୁର୍ଗାପୁରରେ ଜଣେ ଡାକ୍ତରୀ ଛାତ୍ରୀଙ୍କୁ ଗଣଦୁଷ୍କର୍ମ ସେ ମର୍ମାହତ ହୋଇଛନ୍ତି। ଏହି ସମ୍ବେଦନଶୀଳ ଘଟଣାରେ ଅଭିଯୁକ୍ତ ମାନଙ୍କ ବିରୁଦ୍ଧରେ ଆଇନ ଅନୁଯାୟୀ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ନେବାକୁ ସେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଦୃଢ଼ଦାବୀ କରିଛନ୍ତି।

ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଏଥିରେ ପ୍ରତିକ୍ରିୟା ରଖି କହିଛନ୍ତି ଯେ, ପଶ୍ଚିମବଙ୍ଗ ଦୁର୍ଗାପୁରରେ ଏକ ମେଡିକାଲ କଣେଜରେ ଜଣେ ଓଡ଼ିଆ ଛାତ୍ରୀଙ୍କୁ ଗଣଦୁଷ୍କର୍ମ ଘଟଣା ମତେ ବ୍ୟଥିତ କରିଛି। ଚିକିତ୍ସାଧୀନ ପୀଡିତାଙ୍କର ଶୀଘ୍ର ଆରୋଗ୍ୟ ପାଇଁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛି।

**ବିଜେଡ଼ିକୁ ବାଏ ବାଏ**

# ବିଜେପିରେ ଯୋଗଦେଲେ ଜୟ



**ଭୁବନେଶ୍ୱର,୧୧।୧୦ (ମହାଭାରତ):** ନୂଆପଡା ବିଧାନସଭା ଉପନିର୍ବାଚନ ପାଇଁ ରଣ ଦୁନ୍ଦୁଭି ବାଜିଲାଣି। ଠିକ୍ ଏହି ସମୟରେ ନୂଆପଡାର ପୂର୍ବତନ ବିଜେଡ଼ି ବିଧାୟକ ଓ ମନ୍ତ୍ରୀ ରାଜେନ୍ଦ୍ର ଢ଼ୋଲକିଆଙ୍କ ପୁତ୍ର ଜୟ ଢ଼ୋଲକିଆ ଆଜି ହଠାତ ଆକସ୍ମିକ ଭାବେ ନିଜର ହଜାର ହଜାର ସମର୍ଥକ, କର୍ମୀ ଓ ଶୁଭେଚ୍ଛୁମାନଙ୍କୁ ଧରି ଆଜି ରାଜ୍ୟ ବିଜେପି କାର୍ଯ୍ୟାଳୟରେ ବିଜେପିରେ ସାମିଲ ହୋଇଛନ୍ତି। ଯଦିଓ ଜୟ ପୂର୍ବରୁ ତାଙ୍କ ପିତାଙ୍କ ପରଲୋକ ପରେ ନୂଆପଡାରୁ ବିଜେଡ଼ିର ପ୍ରାର୍ଥି ହେବେ ବୋଲି ଘୋଷଣା କରିଥିଲେ ହେଲେ ଆଜି ଜୟଙ୍କ ଏହି ପଦକ୍ଷେପ ବିଜେଡ଼ିକୁ ଶକ୍ତ ଧକ୍କା ଦେବା ସହିତ ବିଜେଡ଼ି ସ୍ତବ୍ଧ ହୋଇଯାଇଛି।

ଠିକ୍ କିଛି ବର୍ଷ ପୂର୍ବରୁ ରାଜ୍ୟରେ ବିଜେଡ଼ି ସରକାର ଥିବାବେଳେ ନିର୍ବାଚନ ପୂର୍ବରୁ ବିଧାନସଭାର ଶେଷ ଅଧିବେଶନ ପରେ ପରେ କଂଗ୍ରେସର ବିରୋଧୀଦଳର ନେତା ଥିବା ଭୂପିନ୍ଦର ସିଂହଙ୍କୁ ବିଜେଡ଼ି ନିଜ ଦଳରେ ସାମିଲ କରି କଂଗ୍ରେସକୁ ଦୁର୍ବଳ କରିବା ପାଇଁ ଯେଉଁ ପଦକ୍ଷେପ ନେଇଥିଲା ଆଜିର ଘଟଣା ବହୁବର୍ଷ ପରେ ବିଜେଡ଼ି ପାଇଁ ଠିକ୍ ବୁମେରାଂ ହେଲାଭଳି ହୋଇଛି। ବିଜେଡ଼ି ଗତ ନିର୍ବାଚନରେ ହାରିଯାଇ ସରକାର ଗଢ଼ିନପାରିବାର ଯେଉଁ ଝଟ୍‌କା ଦେଖିଥିଲା ତା'ଠାରୁ ଅଧିକ ଝଟ୍‌କା ଦେଇଛି ରାଜେନ୍ଦ୍ର ଢ଼ୋଲକିଆଙ୍କ ପୁତ୍ର ଜୟ ଢ଼ୋଲକିଆଙ୍କ ପଦକ୍ଷେପ। ନୂଆପଡାରୁ ଜୟ ଢ଼ୋଲକିଆ ବିଜେପି ପ୍ରାର୍ଥି ହେବେ ବୋଲି ଆନୁଷ୍ଠାନିକ ଭାବେ ଘୋଷଣା ହୋଇନଥିଲେ ମଧ୍ୟ ସେ ଯେ, ନିଶ୍ଚିତ ବିଜେପି ପ୍ରାର୍ଥି ହେବେ ଏବଂ ନିର୍ବାଚନ ଜିତିବେ ତାହା ସ୍ପଷ୍ଟ ହୋଇଯାଇଛି। ସେଥିପାଇଁ ବିଜେଡ଼ିକୁ ଏହା ସବୁଠାରୁ ବଡ ଧକ୍କା ବୋଲି କୁହାଯାଇପାରେ। ବିଜେଡ଼ି ଶିବିରରେ ଏବେ ଖାଲି ନୈରାଶ୍ୟ ଆଉ ନୈରାଶ୍ୟ।

ଅଳ୍ପ ଦିନ ତଳେ ବିଧାୟକ ରାଜେନ୍ଦ୍ର ଢ଼ୋଲକିଆଙ୍କର ଆକସ୍ମିକ ପରଲୋକ ହୋଇଯିବା ପରେ ବିଜେଡ଼ି ସେହି ନୂଆପଡା ନିର୍ବାଚନମଣ୍ଡଳୀରୁ ତାଙ୍କ ପୁଅ ଜୟ ଢ଼ୋଲକିଆଙ୍କୁ ପ୍ରାର୍ଥି କରିବ ବୋଲି ଯୋଜନା କରିଥିଲା। ଜୟ ଢ଼ୋଲକିଆ ମଧ୍ୟ ସେ ବିଜେଡ଼ିରୁ ପ୍ରାର୍ଥି ହେବେ ବୋଲି ଘୋଷଣା କରିଥିଲେ। କିନ୍ତୁ ଆଜି ହଠାତ ଜୟ ଢ଼ୋଲକିଆ ଓ ତାଙ୍କ ସମର୍ଥକମାନେ ମତ ପରିବର୍ତ୍ତନ କରି ନୂଆପଡା ଜିଲ୍ଲାର ବିକାଶ ପାଇଁ ବିଜେପି ଦଳରେ ଯୋଗଦେଇଛନ୍ତି। ଏଥିପାଇଁ ରାଜ୍ୟ ବିଜେପି କାର୍ଯ୍ୟାଳୟଠାରେ ଏକ ବିରାଟ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା। ଏଥିରେ ଜୟ ଢ଼ୋଲକିଆଙ୍କ ସମେତ ନୂଆପଡାରୁ ହଜାର ହଜାର ସମର୍ଥକ ରାଜ୍ୟ ବିଜେପି କାର୍ଯ୍ୟାଳୟରେ ପହଞ୍ଚିଥିଲେ।

ଏହି ମିଶ୍ରଣ ପର୍ବରେ ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ, ମୁଖ୍ୟମନ୍ତ୍ରୀ ମୋହନ ମାଝୀ, ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ସ୍ୱାସ୍ଥ୍ୟମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ, କ୍ରୀଡାମନ୍ତ୍ରୀ ସୂରଜ ସୂର୍ଯ୍ୟବଂଶୀ, କଳାହାଣ୍ଡିର ପୂର୍ବତନ ସାଂସଦ, ବିଧାୟକ ତଥା ପୂର୍ବତନ ରାଜ୍ୟ ବିଜେପି ସଭାପତି ବସନ୍ତ ପଣ୍ଡା, ବିଧାୟକ ଜୟନାରାୟଣ ମିଶ୍ର, ବିଧାୟକ ବାବୁ ସିଂ, ସାଂସଦ ସୁଜିତ କୁମାର, ପ୍ରମୁଖ ଉପସ୍ଥିତ ରହି ଜୟ ଢ଼ୋଲକିଆଙ୍କୁ ସ୍ୱାଗତ କରିଥିଲେ।

ଏହି ମିଶ୍ରଣ ପର୍ବ ପୂର୍ବରୁ ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ, ରାଜ୍ୟ ସଂଗଠନ ମହାମନ୍ତ୍ରୀ ଓ ବସନ୍ତ ପଣ୍ଡାଙ୍କ ମଧ୍ୟରେ ରାଜ୍ୟ ଅତିଥି ଭବନରେ ଦୀର୍ଘ ସମୟ ଧରି ନିଭୃତ ଆଲୋଚନା ହୋଇଥିଲା। ଏଥର ଉପନିର୍ବାଚନରେ ନୂଆପଡାରୁ ବସନ୍ତ ପଣ୍ଡା କିମ୍ବା ତାଙ୍କ ପୁଅ ବିଜେପିରୁ ପ୍ରାର୍ଥି ହେବେ ବୋଲି ଆଶା ବାନ୍ଧିଥିଲେ। କିନ୍ତୁ ପରବର୍ତ୍ତୀ ରାଜନୈତିକ ଦୃଶ୍ୟପଟ୍ଟରେ ପରିବର୍ତ୍ତନ ହେବା ଦେଖି ବସନ୍ତ ପଣ୍ଡା ମଧ୍ୟ କ୍ଷୁବ୍ଧ ହୋଇଥିଲେ। ତାଙ୍କୁ ବୁଝାଇବା ପାଇଁ ବହୁ ସମୟ ଲାଗିଥିଲା ଓ ଶେଷରେ ତାଙ୍କର ମାନଭଞ୍ଜନ ହୋଇଥିଲା। ସେ ବି ଏହି ମିଶ୍ରଣ ପର୍ବରେ ସାମଲି ହେବାକୁ ରାଜି ହୋଇଥିଲେ।

ବିଜେପିରେ ମିଶିବା ପରେ ଜୟ ଢ଼ୋଲକିଆ କହିଛନ୍ତି ଯେ, ଦଳ ତାଙ୍କୁ ଯେଉଁ ଦାୟିତ୍ୱ ଦେବ ସେ ତାହା ନିଷ୍ଠାର ସହିତ କରିବେ। ପ୍ରଧାନମନ୍ତ୍ରୀ ମୋଦୀ ଓ ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ନେତୃତ୍ୱରେ ଗଠିତ ଡବଲଇଞ୍ଜିନ ସରକାର ଦ୍ୱାରା ସେ ନୂଆପଡାରେ ତାଙ୍କ ପିତାଙ୍କ ଅଧୁରା ସ୍ୱପ୍ନ ସାକାର କରିବେ।

# ସମ୍ପୂର୍ଣ୍ଣକ୍ରାନ୍ତିର ମହାନାୟକ ଥିଲେ ଜୟପ୍ରକାଶ

**ଭୁବନେଶ୍ୱର,୧୧।୧୦ (ମହାଭାରତ):** ସୂଚନା ଓ ଲୋକସମ୍ପର୍କ ବିଭାଗ ଏବଂ ଶହୀଦ ବାଜି ରାଉତ ମେମୋରିଆଲ୍ ଫାଉଣ୍ଡେସନ୍ ର ମିଳିତ ଆନୁକୂଲ୍ୟରେ ଲୋକନାୟକ ଜୟପ୍ରକାଶ ନାରାୟଣଙ୍କର ପବିତ୍ର ଜୟନ୍ତୀ ଓ ଶହୀଦ ବାଜି ରାଉତଙ୍କ ଶ୍ରାଦ୍ଧଦିବସ ଜୟଦେବ ଭବନଠାରେ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ, ବିଜ୍ଞାନ ଓ କାରିଗରୀ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଲେ ଯେ ଅନ୍ୟାୟ ଓ ଶୋଷଣ ବିରୁଦ୍ଧରେ ଜୟପ୍ରକାଶ ନାରାୟଣଙ୍କର ଜୀବନବ୍ୟାପୀ ସଂଗ୍ରାମ ତାଙ୍କୁ ଆଧୁନିକ ଭାରତର ଇତିହାସରେ ଏକ ସ୍ୱତନ୍ତ୍ର ସ୍ଥାନ ପ୍ରଦାନ କରିଛି । ସେ ଥିଲେ ଜଣେ ମହାନ୍ ସ୍ୱାଧୀନତା ସଂଗ୍ରାମୀ, ବିଚକ୍ଷଣ ବ୍ୟକ୍ତିତ୍ୱର ଅଧିକାରୀ, ସମାଜବାଦୀ ଆଦର୍ଶର ଅନ୍ୟତମ ପ୍ରବକ୍ତା, ବିଚକ୍ଷଣ ରାଜନୀତିଜ୍ଞ ଓ ସାମାଜିକ ନ୍ୟାୟ ପାଇଁ ଅଙ୍ଗୀକାରବଦ୍ଧ ଜନନେତା । ସେ ଥିଲେ ସମ୍ପୂର୍ଣ୍ଣ କ୍ରାନ୍ତିର ମହାନାୟକ । ୧୯୭୫ ମସିହାରେ ଜରୁରୀକାଳୀନ ପରିସ୍ଥିତି ସମୟରେ ସମ୍ବିଧାନର ସୁରକ୍ଷା ପାଇଁ ତାଙ୍କ ଅବଦାନ ଚିରସ୍ମରଣୀୟ ରହିବ । ତାଙ୍କର ଉଚ୍ଚ ଆଦର୍ଶ ଓ ବଳିଷ୍ଠ ନେତୃତ୍ୱ ଭାରତୀୟ ଜନଜୀବନକୁ ଗଭୀର ଭାବେ



ପ୍ରଭାବିତ କରିଛି । ତାଙ୍କର ବଳିଷ୍ଠ ବ୍ୟକ୍ତିତ୍ୱ, ରାଜନୈତିକ ଆଦର୍ଶ ଏବଂ ଏକଛତ୍ରବାଦ ବିରୁଦ୍ଧରେ ସଂଗ୍ରାମ ପାଇଁ ସେ ଅମର ହୋଇ ରହିବେ ।

ସମ୍ମାନିତ ଅତିଥି ଭାବେ ଯୋଗଦେଇ ପରଜଙ୍ଗ ବିଧାୟକ ବିଭୁତି ଭୂଷଣ ପ୍ରଧାନ, କାମାକ୍ଷାନଗର ବିଧାୟକ ଶତ୍ରୁଘ୍ନ ଜେନା ସେମାନଙ୍କ ବକ୍ତବ୍ୟରେ କହିଲେ ଯେ ଅନ୍ୟାୟ ଓ ଶୋଷଣ ବିରୁଦ୍ଧରେ ଜୟପ୍ରକାଶ ନାରାୟଣଙ୍କର ଜୀବନବ୍ୟାପୀ ସଂଗ୍ରାମ ତାଙ୍କୁ ଆଧୁନିକ ଭାରତର ଇତିହାସରେ ଏକ ସ୍ୱତନ୍ତ୍ର ସ୍ଥାନ ପ୍ରଦାନ କରିଛି । ଆଜିର ଯୁବପିଢି ବାଜି ଓ ଜୟପ୍ରକାଶଙ୍କ ଆଦର୍ଶରୁ ଶିଖି ନିଜେ ରାଷ୍ଟ୍ରନିର୍ମାଣର ଯାତ୍ରାରେ ଅଂଶୀଦାର ହୁଅନ୍ତୁ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା ଭାବେ ଯୋଗଦେଇ ଗବେଷକ ତଥା ସୁବକ୍ତା ସଚ୍ଚିଦାନନ୍ଦ ବେହେରା କହିଲେ ଯେ, ଲୋକନାୟକ ଜୟପ୍ରକାଶ ନାରାୟଣ ଥିଲେ ଜନଶକ୍ତିର ଜାଗ୍ରତ ପ୍ରହରୀ । ତାଙ୍କ ନେତୃତ୍ୱରେ ଆରମ୍ଭ ହୋଇଥିବା ସମ୍ପୂର୍ଣ୍ଣ କ୍ରାନ୍ତି ଆନ୍ଦୋଳନ ଦେଶର ଯୁବପିଢିକୁ ଜାଗ୍ରତ କରିଥିଲା । ଜୟପ୍ରକାଶ ନାରାୟଣଙ୍କ ଜୀବନ ଆମକୁ ଶିଖାଏ ଯେ ସତ୍ୟ, ନୀତି ଓ ସେବା ହିଁ ସର୍ବୋତ୍କୃଷ୍ଟ ରାଜଧର୍ମ । ସେଥିପାଇଁ ତାଙ୍କ ନାମ ପଛରେ ଯୋଡି ହେଇଥିଲା ଲୋକନାୟକ ଓ ଭାରତରନି । ଶ୍ରୀ ବେହେରା ଅମର ଶହୀଦ ବାଜିରାଉତଙ୍କ ଜୀବନୀ ଉପରେ ଆଲୋକପାତ କରି ତାଙ୍କୁ କେବଳ ଓଡ଼ିଶା ନୁହେଁ ସମଗ୍ର ଭାରତର ସର୍ବକନିଷ୍ଠ ଶହୀଦ ବୋଲି ମତ ଦେଇଥିଲେ । ତାଙ୍କର ବଳିଦାନ, ବୀରତ୍ୱ ଓଡ଼ିଶାର ସ୍ୱାଧୀନତା ସଂଗ୍ରାମୀଙ୍କ ମନରେ ପ୍ରେରଣା ଓ ଜାତୀୟତାର ଭାବ ଉଦ୍ରେକ କରିଥିଲା ବୋଲି ସେ ମତ ଦେଇଥିଲେ ।

କାର୍ଯ୍ୟକ୍ରମ ପ୍ରାରମ୍ଭରେ ଅତିଥିମାନେ ଲୋକନାୟକ ଜୟପ୍ରକାଶ ନାରାୟଣ ଓ ଶହୀଦ ବାଜି ରାଉତଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିବାବେଳେ ଓଡିଶା ମ୍ୟୁଜିକ ହେରିଟେଜ ତରଫରୁ ପ୍ରାରମ୍ଭିକ ସଂଗୀତ ଗାନ କରା ଯାଇଥିଲା । ଶହୀଦ ବାଜି ରାଉତ ମେମୋରିଆଲ ଫାଉଣ୍ଡେସନ୍‌ର ଅଧ୍ୟକ୍ଷ ଡ. କୃଷ୍ଣଚନ୍ଦ୍ର ଆଇଚ ଧନ୍ୟବାଦ ଅର୍ପଣ କରିଥିଲେ।

# ନବଜାତ ଶିଶୁ ଚୋରି



**ବାରିପଦା,୧୧।୧୦ (ମହାଭାରତ):** ବାରିପଦା ସ୍ଥିତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରୁ ପୁଣି ନବଜାତ ଶିଶୁ ଚୋରି ନେଇ ଅଭିଯୋଗ ସାମ୍ନାକୁ ଆସିଛି।ସହାୟତା କରିବା ବାହାନାରେ ଶିଶୁପୁତ୍ରକୁ ଧରି ଛୁ ମାରିଲେ ଅଜଣା ମହିଳା। ଘଟଣା ସମ୍ପର୍କରେ ବାରିପଦା ଟାଉନ ଥାନା ପୋଲିସର ତନାଘନା ଜାରି ରହିଛି। ବାରିପଦା ସଦର ଥନା ଅନ୍ତର୍ଗତ ରାଣୀଭୋଳ ଗ୍ରାମର ଧାନାଇ ହାଁସଦା ଗତକାଲି ସ୍ତ୍ରୀ ଫୁଲମଣି ସୋରେନଙ୍କ ପ୍ରସବ ବେଦନା ହେବାରୁ ଆମ୍ବୁଲାନ୍ସରେ ପିଆରଏମ ମେଡିକାଲକୁ ଆସିବା ବାଟରେ ଏକ ଶିଶୁପୁତ୍ରକୁ ଜନ୍ମ ଦେଇଥିଲେ । ଏହାପରେ ଫୁଲମଣୀ ବାରିପଦା ସ୍ଥିତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରୁ ଗତକାଲି ଭୋର ୫ଟା ସମୟରେ ମେଡିକାଲରେ ଭର୍ତି ହୋଇଥିଲେ। ଗତକାଲି ରାତିରୁ ଜଣେ ଅଜଣା ମହିଳା ତାଙ୍କ ନିକଟରେ ଆସି ମେଳାପ କରି ସାଙ୍ଗରେ ରହିଥିଲା। ଆଜି ସକାଳ ପ୍ରାୟ ୬ଟା ସମୟରେ ଅଜଣା ମହିଳା ଜଣକ ଧାନାଇ ହାଁସଦାଙ୍କୁ ପ୍ରସବ ଟଙ୍କା ପାଇଁ ଆବେଦନ କରିବାକୁ ଡାକି ନେଇଥିଲା। ଧାନାଇ ଶିଶୁପୁତ୍ରକୁ ଧରି ଆବେଦନ ପାଇଁ ଯାଇଥିବା ସମୟରେ କୌଶଳ କ୍ରମେ ଅଜଣା ମହିଳା ଜଣକ ତାଙ୍କ ଠାରୁ ଶିଶୁପୁତ୍ରକୁ ନେଇ କେଉଁଆଡେ ଉଭାନ୍ ହୋଇଯାଇଥିଲା।

## ସେଓ ରାବିଡ଼ି

ଆପଣ ଅନେକ ଥର ରାବିଡି ନିଶ୍ଚୟ ଖାଇଥିବେ। କିଛି ଲୋକଙ୍କର ଏହା ଫେଭରେଟ ମିଠା ଡ଼ିଶ ମଧ୍ୟ ଅଟେ। ଆଜି ଆମେ ଆପଣଙ୍କୁ ଆପେଲ ରାବିଡ଼ି ବିଷୟରେ ବତାଇବୁ।ଏଥିର ରାବିଡ଼ି ତ ଏକା ଭଳି ମାତ୍ର ସେଓ,ପିସ୍ତା ଏବଂ ବାଦାମ ଟେଷ୍ଟକୁ କରିବ ଆହୁରି ମଜାଦାର।

**ଆବଶ୍ୟକ ସାମଗ୍ରୀ:**

୩ଟି ମଧ୍ୟମ ଆକାରର ସେଓ,୧ଲିଟର କ୍ଷୀର,୩ଟେବୁଲ ଚାମଚ ଚିନି,୧/୪ ଚା ଚାମଚ ଗୁଜୁରାତି,୮-୧୦ ବାଦାମ, ୮-୧୦ ପିସ୍ତା।

**ପ୍ରସ୍ତୁତି ପ୍ରଣାଳୀ:**

ଏକ ବଡ଼ ବାସନରେ କ୍ଷୀର ଫୁଟାନ୍ତୁ। ଏହାକୁ ଧୀରେ ଧୀରେ ଗୋଳାନ୍ତୁ,ଯେ ପର୍ଯ୍ୟନ୍ତ କ୍ଷୀର ଗାଢ ନହୋଇ ଯାଉ ସେ ପର୍ଯ୍ୟନ୍ତ କ୍ଷୀରକୁ ଗୋଳାନ୍ତୁ। ଏହା ପରେ ଏଥିରେ ଚିନି ପକାନ୍ତୁ ଏବଂ ମଧ୍ୟମ ଆଂଚରେ କ୍ଷୀରକୁ ଗରମ କରନ୍ତୁ ।

ସେଓର ଚୋପା ବାହାର କରି ଏହାକୁ ଚକଟି ଦିଅନ୍ତୁ। ଯେତେବେଳେ କ୍ଷରୀରର ମାତ୍ରା କମିଯିବ ଏଥିରେ ସେଓକୁ ଢାଳି ଭଲ ଭାବେ ମିଶାଇ ଦିଅନ୍ତୁ। ଏହାକୁ ୩ରୁ ୪ମିନିଟ ପର୍ଯ୍ୟନ୍ତ ଫୁଟାନ୍ତୁ। ଏହା ପରେ ଏଥିରେ ଗୁଜୁରାତି ପାଉଡ଼ର ଫ୍ଲେଭର ପାଇଁ ବାଦାମ ଏବଂ ପିସ୍ତା ପକାନ୍ତୁ। ଏହା ପରେ ଏହାକୁ ଗରମ କିମ୍ବା ଥଣ୍ଡା ପରଷନ୍ତୁ ।



### ଖବର

## ମୋହନଲାଲଙ୍କ ଫିଲ୍ମ ବୃଷଭ ପୋଷ୍ଟର ଆଉଟ୍



ଆଗାମୀ ଚଳଚ୍ଚିତ୍ର ବୃଷଭ ସହିତ ଫେରୁଛନ୍ତି ସୁପରଷ୍ଟାର ମୋହନଲାଲ। ନିର୍ମାତା ମୋହନଲାଲଙ୍କ ଫିଲ୍ମ ବୃଷଭର ରିଲିଜ ତାରିଖ ଘୋଷଣା କରିଛନ୍ତି। ଏହି ଫିଲ୍ମଟି ଆସନ୍ତା ନଭେମ୍ବର ୬ରେ ସିନେମା ହଲରେ ରିଲିଜ୍ ହେବ। ମୋହନଲାଲ ମଧ ତାଙ୍କ ଇନଷ୍ଟାଗ୍ରାମ ହ୍ୟାଣ୍ଡେଲରେ ଫିଲ୍ମର ପୋଷ୍ଟର ସେୟାର କରି ପ୍ରଶଂସକମାନଙ୍କ ସହିତ ଏହି ଖୁସି ଖବର ସେୟାର କରିଛନ୍ତି ।ପୋଷ୍ଟରେ ସେ ଲେଖିଛନ୍ତି, ପୃଥିବୀ ଥରୁଛିୟ ଆକାଶ ଜଳୁଛି। ଭାଗ୍ୟ ତାର ଯୋଦ୍ଧା ବାଛିଛି। ବୃଷଭ ନଭେମ୍ବର ୬ ତାରିଖରେ ଆସୁଛି। ତେବେ ମୋହନଲାଲଙ୍କ ଏହି ଫିଲ୍ମଟି ପ୍ରଥମେ ଅକ୍ଟୋବର ୧୬ ତାରିଖରେ ସିନେମା ହଲରେ ମୁକ୍ତିଲାଭ କରିବାର ଥିଲା । କିନ୍ତୁ କୌଣସି କାରଣ ବଶତଃ ଏହାକୁ ସ୍ଥଗିତ ରଖାଯାଇଥିଲା। ଚଳିତ ବର୍ଷ ମୋହନଲାଲଙ୍କ ଜନ୍ମଦିନରେ ଚଳଚ୍ଚିତ୍ରର ପ୍ରଥମ ପୋଷ୍ଟର ମୁକ୍ତିଲାଭ କରିଥିଲା ।ପ୍ରଥମ ପୋଷ୍ଟର ଦେଖିବା ପରେ ମୋହନଲାଲଙ୍କ ପ୍ରଶଂସକମାନେ ଚଳଚ୍ଚିତ୍ର ପାଇଁ ବେଶ୍ ଉତ୍ସାହିତ ଥିଲେ। ପୋଷ୍ଟରରେ ସେ ସୁନେଲି ରଙ୍ଗର ଏକ କବଚ ପିନ୍ଧି ଜଣେ ଯୋଦ୍ଧା ଭାବରେ ଦେଖାଯାଇଥିଲେ। ଲମ୍ବା କେଶ, ଦାଢ଼ି ଏବଂ ଧଳା ତିଲକ ସହିତ ମୋହନଲାଲଙ୍କ ଫଟୋ ଦେଖି ପ୍ରଶଂସକ ଖୁସିରେ ପାଗଳ ହୋଇଯାଇଥିଲେ । ସେ ନାକ ମୁଦି ମଧ ପିନ୍ଧିଥିବା ଦେଖିବାକୁ ମିଳିଥିଲା । ମୋହନଲାଲଙ୍କ ଏହି ଫିଲ୍ମଟି ୫ଟି ଭାଷାରେ ସିନେମା ହଲରେ ମୁକ୍ତିଲାଭ କରିବ। ତେଲୁଗୁ, ମାଲାୟଲମ, ହିନ୍ଦୀ, ତାମିଲ ଏବଂ କନ୍ନଡ ଭାଷାରେ ଫିଲ୍ମ ମୁକ୍ତିଲାଭ କରିବ।

## ସୁସ୍ଥ ମାଢ଼ି ସ୍ୱସ୍ଥ ମୁଖ

ମୁଖ ପରିଚ୍ଛନ୍ନତା କଥା ଉଠିଲେ ସାଧାରଣତଃ ଦାନ୍ତ ହିଁ ଦୃଷ୍ଟି ଆକର୍ଷଣ କରିଥାଏ। ତେବେ ପାଟିର ଏକ ସମାନ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ହେଉଛି ମାଢ଼ିୟ ତେଣୁ ତା' ପ୍ରତି ଉପଯୁକ୍ତ ଧ୍ୟାନ ଦେବାକୁ ଦନ୍ତ ବିଶେଷଜ୍ଞମାନେ ପରାମର୍ଶ ଦିଅନ୍ତି। ଆମର ମାଢ଼ି କେବଳ ଆମ ଦାନ୍ତକୁ ଘେରି ରହିଥିବା ଗୋଲାପୀ ତନ୍ତୁ ନୁହେଁ, ଏହା ଏକ ଜୀବନ୍ତ ଓ ଶ୍ୱାସକ୍ରିୟାଶୀଳ ଗଠନ। ମାଢ଼ି ଦାନ୍ତର ମୂଳ ଏବଂ ଦାନ୍ତକୁ ଠିକ୍ ସ୍ଥାନରେ ଧରି ରଖୁଥିବା ହାଡ଼କୁ ସୁରକ୍ଷା ଦିଏୟ ସୁସ୍ଥ ମାଢ଼ି ଦାନ୍ତ ଚାରିପାଖରେ ଏକ ସଙ୍କୁଚିତ ଆବରଣ ସୃଷ୍ଟି କରେ, ଯାହା ଜୀବାଣୁ ଏବଂ ଖାଦ୍ୟ କଣିକାଗୁଡ଼ିକୁ ଚର୍ମ ଅଭ୍ୟନ୍ତରକୁ ଯିବାରୁ ରୋକିଥାଏ ଏବଂ ସମଗ୍ର ଦାନ୍ତ ସ୍ୱାସ୍ଥ୍ୟକୁ ଅକ୍ଷୁଣ୍ଣ ରଖିଥାଏ। ଅଧିକାଂଶ ଲୋକ ସାଧାରଣତଃ ଦାନ୍ତ ଘଷିବା ସମୟରେ ରକ୍ତସ୍ରାବ, ଫୁଲା, ସମ୍ବେଦନଶୀଳତା, କିମ୍ବା ଲଗାତାର ଦୁର୍ଗନ୍ଧ ହେଲା ଭଳି ଅସ୍ୱସ୍ତି ଲାଗିଲେ ହିଁ ମାଢ଼ି ପ୍ରତି ଧ୍ୟାନ ଦେବା ଆରମ୍ଭ କରନ୍ତି। ପାଟି ଶରୀରର ଅନ୍ୟାନ୍ୟ ଅଂଶକୁ ଯିବାର ପ୍ରବେଶ ପଥ, ଏବଂ ମାଢ଼ିରେ ପ୍ରଦାହ କିମ୍ବା ସଂକ୍ରମଣ ଅନ୍ୟ ଅଙ୍ଗରେ ପ୍ରଭାବ ପକାଇପାରେ। ଏହା ଜିଞ୍ଜିଭାଇଟିସ୍ ଓ ପିରିଓଡୋଣ୍ଟାଇଟିସ୍ ଭଳି ମାଢ଼ି ରୋଗର ପ୍ରାରମ୍ଭିକ ଲକ୍ଷଣ ହୋଇପାରେ। ଖରାପ ମାଢ଼ି ସ୍ୱାସ୍ଥ୍ୟ ହୃଦ୍ରୋଗ, ମଧୁମେହ, ଶ୍ୱାସକ୍ରିୟା ରୋଗ ଓ ଗର୍ଭାବସ୍ଥାରେ ଜଟିଳତା ଭଳି ରୋଗର ଆଶଙ୍କା ବଢ଼ାଇପାରେ। ମାଢ଼ି ରୋଗର ଉପସ୍ଥିତି ମଧୁମେହ ରୋଗୀଙ୍କ ପାଇଁ ରକ୍ତ ଶର୍କରା ସ୍ତର ନିୟନ୍ତ୍ରଣ କରିବା କଷ୍ଟକର କରିପାରେ ବୋଲି କୁହାଯାଏ। ସେହିପରି ଅସ୍ୱାସ୍ଥ୍ୟକର ମାଢ଼ିରେ ବଢୁଥିବା ଜୀବାଣୁ ରକ୍ତପ୍ରବାହରେ ପ୍ରବେଶ କରି ହୃଦ୍ରୋଗ ସମସ୍ୟା ସୃଷ୍ଟି କରିପାରନ୍ତି। ଜିଞ୍ଜିଭାଇଟିସ୍ ଭାବରେ ଆରମ୍ଭ ହେଉଥିବା ରୋଗକୁ ଅଣଦେଖା କଲେ ତାହା ପିରିଓଡୋଣ୍ଟାଇଟିସ୍ରେ ପରିଣତ ହୋଇପାରେ, ଯାହା ଦାନ୍ତ କ୍ଷୟ, ହାଡ଼ ଓ ସଂଯୋଜକ ଟିସୁକୁ କ୍ଷତି ପହଞ୍ଚାଉଥିବା ଏକ ଦୀର୍ଘକାଳୀନ ରୋଗ।ଦାନ୍ତ ଘଷିବା କି କୁଳୁକୁଚା କରିବା ସମୟରେ ସାମାନ୍ୟ ରକ୍ତସ୍ରାବ, ଲାଲ ପଡ଼ିଥିବା କିମ୍ବା ଫୁଲିଯାଇଥିବା ମାଢ଼ି ଟିସୁ, କୋମଳତା ଏବଂ ଲଗାତାର ଦୁର୍ଗନ୍ଧ ମାଢ଼ି ରୋଗର ସଂକେତ। ସାହାଡ଼ା, ନିମ ଓ ଡାଳିମ୍ବ ଭଳି ପାରମ୍ପରିକ ଔଷଧି ମାଢ଼ି ଯତ୍ନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇପାରନ୍ତି।

## କର୍ଣ୍ଣ କାହିଁକି ବଞ୍ଚାଇପାରିଲେନି ନିଜ ଜୀବନ ?



ପ୍ରାୟ ସମସ୍ତେ ଏକଥା ଜାଣନ୍ତି ଯେ ମହାଭାରତ ଯୁଦ୍ଧରେ ଅର୍ଜୁନଙ୍କ ତୀରରେ ମହାଯୋଦ୍ଧା କର୍ଣ୍ଣଙ୍କ ଜୀବନ ଯାଇଥିଲା। ମାତ୍ର କେତେ ଆଶ୍ଚର୍ଯ୍ୟର କଥା କହିଲେ, ଯିଏ ନିଜ ତୀର ଚାଳନାରେ ପୃଥିବୀକୁ ଥରହର କରାଉଥିଲେ ସେ ପୁଣି ବିବଶ ହୋଇ ଅନ୍ୟର ତୀରରେ ପ୍ରାଣ ହାରିଲେ ? ଏହି ଘଟଣା ପଛରେ ଲୁଚିଛି ଏକ ସତ। ଚାଲନ୍ତୁ ଆଜି ସେ ସତ୍ୟକୁ ଜାଣିବା। ଯୁଦ୍ଧବିଦ୍ୟାରେ ପାରଙ୍ଗମ ପର୍ଶୁରାମଙ୍କ ପାଖରେ ଧନୁର୍ବିଦ୍ୟା ଶିଖିବା ପାଇଁ ଶିଷ୍ୟଙ୍କ ଭିଡ଼ ଜମେ। ମାତ୍ର ପର୍ଶୁରାମ କେବଳ ବ୍ରାହ୍ମଣ ପିଲାଙ୍କୁ ବିଦ୍ୟାଦାନ କରୁଥିଲେ। କର୍ଣ୍ଣ ବ୍ରାହ୍ମଣ ନଥିଲେ, ମାତ୍ର ପର୍ଶୁରାମଙ୍କଠାରୁ ଧନୁର୍ଚାଳନା ଶିଖିବାରେ ତାଙ୍କର ପ୍ରବଳ ଇଚ୍ଛା ଥାଏ। ସେଥିପାଇଁ ସେ ଗୁପ୍ତ ଭାବେ ନିଜକୁ ଜଣେ ବ୍ରାହ୍ମଣ କୁଳର ପିଲା ବୋଲି ପରିଚୟ ଦେଇ ପର୍ଶୁରାମଙ୍କ ନିକଟରୁ ବିଦ୍ୟା ଗ୍ରହଣ କରିଚାଲିଲେ। କର୍ଣ୍ଣ ଧୀରେ ଧୀରେ ପାରଙ୍ଗମ ହୋଇ ଚାଲୁଥାନ୍ତି। ତାଙ୍କ ଖ୍ୟାତି ବି ଚାଲିଥାଏ। ଦୁର୍ଭାଗ୍ୟକୁ ଏକ ଘଟଣାଟେ ଘଟିଲା। ଦିନେ କର୍ଣ୍ଣଙ୍କ କୋଳରେ ମୁଣ୍ଡ ରଖି ପର୍ଶୁରାମ ଶୋଇଥାନ୍ତି। ହଠାତ ଗୋଟିଏ ପୋକ ଆସି ଜୋର୍ କରି କର୍ଣ୍ଣଙ୍କ ଜଙ୍ଘକୁ କାମୁଡ଼ି ଦେଲା। ହଲଚଲ୍ ହେଲେ କାଳେ ଗୁରୁ ଉଠିପଡ଼ିବେ ବୋଲି ଭାବି କର୍ଣ୍ଣ କଷ୍ଟକୁ ସମ୍ବରଣ କରି ସ୍ଥିର ହୋଇ ବସି ରହିଲେ। ପର୍ଶୁରାମଙ୍କ ନିଦ ଭାଙ୍ଗିବା ବେଳକୁ କର୍ଣ୍ଣଙ୍କ କୋଳରେ ରକ୍ତ ଜୁଡୁବୁଡୁ ହୋଇଥାଏ। ପର୍ଶୁରାମ ଉଠିବା ମାତ୍ରେ କର୍ଣ୍ଣ ରାଗରେ ଆସି ପୋକଟିକୁ ହାତରେ ଚିପି ମାରିଦେଲେ। ପର୍ଶୁରାମ ଆଶ୍ଚର୍ଯ୍ୟ ହୋଇଗଲେ। ଜଣେ ବ୍ରାହ୍ମଣ ହୋଇ ଏକ ଜୀବକୁ ଏତେ ନିର୍ମମ ଭାବେ ଯେ ସେ କିପରି ହତ୍ୟା କଲେ ତାହା ତାଙ୍କର ବିଶ୍ୱାସ ହେଲା ନାହିଁ। ସେ କର୍ଣ୍ଣଙ୍କୁ ତାଙ୍କର ପ୍ରକୃତ ପରିଚୟ ଦେବାକୁ କହିଲେ। ଆହୁରି ବି କହିଲେ ଯେ ତୁମେ ଯଦି ବାସ୍ତବରେ ବ୍ରାହ୍ମଣ ହୋଇଥାନ୍ତ ତେବେ ଏତେ ସମୟ ଧରି ପୋକ କାମୁଡ଼ା କଷ୍ଟ କେବେ ବି ସହ୍ୟ କରି ପାରି ନ ଥାନ୍ତ। ବ୍ରାହ୍ମଣମାନେ ଖୁବ୍ ସୁକ୍ଷ୍ମ ହୋଇଥାନ୍ତି। ତାଙ୍କୁ ଭଗବନାନ ଯନ୍ତ୍ରଣା ସହ୍ୟ କରିବା କ୍ଷମତା ଦେଇନାହାନ୍ତି। ଗୁରୁଙ୍କ ମୁହଁରୁ ଏକଥା ଶୁଣି କର୍ଣ୍ଣ ସତ ମାନିଗଲେ। ପର୍ଶୁରାମ କର୍ଣ୍ଣଙ୍କର କପଟରେ କ୍ଷୁବ୍ଧ ହୋଇ ତାଙ୍କୁ ଅଭିଶାପ ଦେଲେ। କହିଲେ କି ଯେମିତି କପଟ କରି ତୁମେ ମୋଠାରୁ ଜ୍ଞାନ ଅର୍ଜନ କରିଛ ସେମିତି ଏକ କପଟ ହେତୁ ତୁମେ ମୃତ୍ୟୁ ବରଣ କରିବ ପଛେ ତୁମ ଜ୍ଞାନ ତୁମକୁ ବଞ୍ଚାଇ ପାରିବ ନାହିଁ। ଉଚିତ ସମୟରେ ତୁମେ ଧନୁର୍ଚାଳନା ଭୁଲିଯିବ। ସେମିତି ହିଁ ହେଲା ମହାଭାରତ ଯୁଦ୍ଧ ସମୟରେ ହଠାତ କର୍ଣ୍ଣଙ୍କ ରଥ ଚକା ଖସିଯିବାରୁ ସେ ଚକା ଠିକ୍ କରୁ କରୁ ଧନୁ ଚଳାଇବା ଭୁଲିଯିବା ହେତୁ ଅର୍ଜୁନ ହାତରେ ତାଙ୍କ ପ୍ରାଣ ଗଲା।

## ଉତ୍ତର ଭାରତର ଅତି ପବିତ୍ର ତୀର୍ଥ



ଶାସ୍ତ୍ରରେ କୁହାଯାଇଛି ଯେ ଆତ୍ମାର ଅନ୍ତିମ ଲକ୍ଷ୍ୟ ହେଉଛି ପରମାତ୍ମାଙ୍କ ସହ ମିଳନ । ସେଥିପାଇଁ ଆତ୍ମା ଗୋଟିଏ ଶରୀରରୁ ଅନ୍ୟ ଶରୀର ମଧ୍ୟକୁ ଘୂରି ବୁଲିଥାଏ । ଧର୍ମଗ୍ରନ୍ଥରେ ମୋକ୍ଷ ପ୍ରାପ୍ତିର ଅନେକ ବିଧି ଏବଂ ବ୍ରତ ସମ୍ପର୍କରେ ବର୍ଣ୍ଣନା ରହିଛି । ଏଥିସହିତ କେତେକ ଏପରି ପବିତ୍ର ସ୍ଥାନ ରହିଛି ଯେଉଁଠି ଶରୀର ତ୍ୟାଗ କରିବା ମାତ୍ରେ ଆତ୍ମାର ଆବାଗମନ ଚକ୍ରରୁ ମୁକ୍ତି ମିଳଥାଏ ଏବଂ ଆତ୍ମା ସିଧାସଳଖ ପରମାତ୍ମାରେ ବିଲୀନ ହୋଇଯାଇଥାଏ । ସେଥିପାଇଁ ଏହିସବୁ ସ୍ଥାନରେ ଦେହତ୍ୟାଗର କାମନା କରିଥାଏ ପ୍ରତ୍ୟେକ ଆତ୍ମା । ତେବେ ଅତିଭାଗ୍ୟଶାଳୀ ଲୋକଙ୍କୁ ହିଁ ପବିତ୍ର ସ୍ଥାନରେ ଦେହତ୍ୟାଗ କରିବାର ସୁଯୋଗ ଜୁଟିଥାଏ ।

ଭଗବାନ ବିଷ୍ଣୁ ଯେଉଁ ସ୍ଥାନରେ ନିବାସ କରିଥାନ୍ତି, ତା'କୁ ବୈକୁଣ୍ଠ କୁହାଯାଇଥାଏ ।ପୃଥିବୀରେ ଏପରି ଏକ ସ୍ଥାନ ରହିଛି, ଯେଉଁଠାରେ ଭଗବାନ ୬ମାସ ଧରି ନିବାସ କରିଥାନ୍ତି ବୋଲି ବିଶ୍ୱାସ ରହିଛି । ସେଥିପାଇଁ ଏହି ସ୍ଥାନକୁ ବୈକୁଣ୍ଠ କୁହାଯାଇଥାଏ । ଏହି ପବିତ୍ର ସ୍ଥାନ ହେଉଛି ବଦ୍ରିନାଥ ତୀର୍ଥ । ମର୍ତ୍ତ୍ୟର ବୈକୁଣ୍ଠ ରୂପେ ପ୍ରସିଦ୍ଧ ଏହି ସ୍ଥାନରେ ଦେହତ୍ୟାଗ କରୁଥିବା ଆତ୍ମାର ମିଳନ ପରମାତ୍ମାଙ୍କ ସହ ହୋଇଥାଏ । ଅକାଳ ମୃତ୍ୟୁ କାରଣରୁ ଯେଉଁ ବ୍ୟକ୍ତିର ଆତ୍ମା ଘୂରି ବୁଲୁଥାଏ, ସେହି ବ୍ୟକ୍ତିର ଅନ୍ତିମ ସଂସ୍କାର ବଦ୍ରିନାଥରେ କରାଗଲେ ତା'କୁ ମୁକ୍ତି ମିଳିଥାଏ ।

ଏହିପରି ଏକ ପବିତ୍ର ସ୍ଥାନ ହେଉଛି କାଶୀ । ଏହି ସହର ଭଗବାନ ଶିବଙ୍କ ତ୍ରୀଶୂଳ ଉପରେ ବିରାଜମାନ ବୋଲି ବିଶ୍ୱାସ କରାଯାଇଥାଏ । ଦେବ ଦେବ ମହାଦେବ କାଶୀର କତୁଆଳ ରୂପେ କାଳଭୈରବଙ୍କୁ ନିଯୁକ୍ତ କରିଛନ୍ତି । ଏହି ସ୍ଥାନକୁ ଯମରାଜ ଏବଂ ଯମଦୂତଙ୍କ ପ୍ରବେଶ ବର୍ଜିତ । ସେଥିପାଇଁ ଏଠାରେ ଦେହତ୍ୟାଗ କଲେ ନର୍କ ପ୍ରାପ୍ତି ହୋଇନଥାଏ । ଧାର୍ମିକ ନଗରୀ କାଶୀରେ ଦେହତ୍ୟାଗ କରୁଥିବା ବ୍ୟକ୍ତିର ଭଲମନ୍ଦ କର୍ମର ବିଚାର କାଳଭୈରବ କରିଥାନ୍ତି । କାଳଭୈରବଙ୍କ ଦଣ୍ଡରୁ ମୁକ୍ତ ହେବା ପରେ ଦେହତ୍ୟାଗ କରୁଥିବା ଆତ୍ମା ନିଶ୍ଚିତ ରୂପେ ପରମାତ୍ମା ସହ ମିଳିତ ହୋଇଥାଏ। ଉତ୍ତରାଖଣ୍ଡର ପବିତ୍ର ଭୂମିରେ ରହିଛି କେଦାରଖଣ୍ଡ । ଏହି ଠାରେ ହିଁ ରହିଛି ଭଗବାନ ଶିବଙ୍କ ପବିତ୍ର ଧାମ କେଦାରନାଥ । ଏହା ହେଉଛି ମହାଶ୍ମଶାନ ଭୂମି । ମହାଶିବରାତ୍ରୀ କଥାରେ ରହିଥିବା ବର୍ଣ୍ଣନା ଅନୁଯାୟୀ କେଦାରନାଥ ଧାମରେ ଦେହତ୍ୟାଗ କରୁଥିବା ପ୍ରାଣୀର ଆତ୍ମାକୁ ଶିବଗଣମାନେ ଶିବଲୋକକୁ ନେଇଯାଇଥାନ୍ତି । ଏହି କାରଣରୁ ପ୍ରାଚୀନ କାଳରେ ଜୀବନର ମୋହରୁ ମୁକ୍ତ ହୋଇସାରିଥିବା ଲୋକମାନେ କେଦାରନାଥ ଏବଂ ବଦ୍ରିନାଥ ଯାତ୍ରା କରୁଥିଲେ । ଯେଉଁ ବ୍ୟକ୍ତି କେଦାରନାଥ ଏବଂ ବଦ୍ରୀନାଥ ଯାତ୍ରା କରିଥାଏ, ସେ ଜୀବନମରଣ ଚକ୍ରରୁ ମୁକ୍ତି ପାଇଥାଏ । ଚାରି ଧାମର ସ୍ଥାପନା କରିଥିବା ଭଗବାନ ଶଙ୍କରଙ୍କ ଅଂଶାବତାର ଆଦିଗୁରୁ ଶଙ୍କରାଚାର୍ଯ୍ୟ ଏହି ଠାରେ ହିଁ ଦେହତ୍ୟାଗ କରିଥିଲେ ।

ପୃଥିବୀରେ ହରିଙ୍କ ଧାମ ବଦ୍ରିନାଥ ହୋଇଥିବା ବେଳେ ସେହି ଧାମ ନିକଟରେ ପହଞ୍ଚିବାର ଦ୍ୱାର ହେଉଛି ହରିଦ୍ୱାର । ଏହି ସ୍ଥାନରେ ଭଗବାନ ମହାଦେବଙ୍କ ମସ୍ତକରୁ ଓହ୍ଲାଇବା ପରେ ବିଷ୍ଣୁଙ୍କ ଚରଣ ଧୋଇ ପବିତ୍ର ଗଙ୍ଗା ନଦୀ ପ୍ରଥମ ଥର ସମତଳଭୂମିରେ ପ୍ରବେଶ କରିଛି । ହରିଦ୍ୱାରକୁ ଶାସ୍ତ୍ରରେ କନଖଲ କ୍ଷେତ୍ର ବୋଲି କୁହାଯାଇଛି । ଏଠାରେ ଦେବୀ ସତୀଙ୍କ ପିତା ପ୍ରଜାପତି ଦକ୍ଷ ମହାଯଜ୍ଞର ଆୟୋଜନ କରିଥିଲେ । ଏହି ଠାରେ ହିଁ ଅଗ୍ନି କୁଣ୍ଡରେ ପ୍ରବେଶ କରି ଦେବୀ ସତୀ ଆତ୍ମଦାହ କରିଥିଲେ । ସେଥିପାଇଁ ହରିଦ୍ୱାରକୁ ତପୋଭୂମି କୁହାଯାଇଥାଏ । ଏହି ସ୍ଥାନରୁ କିଛି ଦୂରରେ ସପ୍ତଋଷି ତପସ୍ୟା କରିଥିଲେ । ଶାସ୍ତ୍ରରେ ଉଲ୍ଲେଖ ରହିଛି ଯେ ଏହି ଠାରେ ଗଙ୍ଗା ତଟରେ ଯେଉଁ ବ୍ୟକ୍ତି ପ୍ରାଣ ତ୍ୟାଗ କରିଥାଏ ସେ ସିଧାସଳଖ ବିଷ୍ଣୁଙ୍କ ପରମଧାମ ପ୍ରାପ୍ତି କରିଥାଏ ।

## ପଇଡ଼ ପାଣିର ଔଷଧୀୟ ଗୁଣ

ଆପଣ ପଇଡ଼ ପାଣି ପିଇବାର ଅଭ୍ୟାସ ରଖିଛନ୍ତି ତ ? ଯଦି ରଖିନାହାନ୍ତି ତେବେ ତୁରନ୍ତ ଅଭ୍ୟାସ କରନ୍ତୁ। ସଂସାରରେ ଯେତେ ପ୍ରକାରର ପାନୀୟ ରହିଛି ସବୁଠାରୁ ଉତ୍ତମ ହେଉଛି



ପଇଡ଼ପାଣି। ଏହାକୁ ପିଇବା ଦ୍ୱାରା ପେଟ ରୋଗ ଜନୀତ ଅନେକ ସମସ୍ୟାର ସମାଧାନ କରାଯାଇପାରେ। ଗୋଟିଏ ପଇଡ଼ରେ ମାତ୍ର ୪ ପ୍ରତିଶତ ଫଳ ଓ ୯୪ ପ୍ରତିଶତ ଜଳ ଭାଗ ଥାଏ। ଏଥିରେ କାର୍ବସ, ଫାଇବର୍, ପ୍ରୋଟିନ୍, ଭିଟାମିନ୍, ମ୍ୟାଗ୍ନେସିୟମ୍, ମାଗାନିଜ୍, ପଟାସିୟମ, ସୋଡିୟମ୍ ଓ କ୍ୟାଲସିୟମ୍ ରହିଛି। ଏଥିରେ ଆଣ୍ଟି-ଅକ୍ସିଡାଣ୍ଟ୍ ବି ରହିଛି। ପଇଡ଼ରେ ମଧୁମେହ ରୋଗ ସହ ଲଢ଼ିପାରିବାର ଶକ୍ତି ରହିଛି। ରୀତିମତ ପଇଡ଼ ପାଣି ପିଇଲେ ମଧୁମେହକୁ ଆୟତ୍ତରେ ରଖାଯାଇ ପାରେ। ଏହା ରକ୍ତରେ ଶର୍କରା ଭାଗକୁ ଆୟତ୍ତରେ ରଖେ। କେବଳ ମଧୁମେହ ନୁହେଁ, କିଡନିଜନୀତ ରୋଗ ପାଇଁ ମଧ ଏହା ଖୁବ୍ ଉପକାରୀ। ନିୟମିତ ପଇଡ଼ ପିଇଲେ କିଡନୀ ସୁସ୍ଥ ରହେ ବୋଲି ଡାକ୍ତରମାନେ ପରାମର୍ଶ ଦେଇଥାନ୍ତି। ହୃଦ୍ରୋଗୀମାନଙ୍କ ପାଇଁ ମଧ ପଇଡ଼ ପାଣି ଖୁବ୍ ଉପକାରୀ। ପଇଡ଼ ପିଇଲେ ହୃଦ୍‌ରୋତ ହେବାର ସମ୍ଭାବନା କମ୍ ରହିଥାଏ। ରକ୍ତଚାପ ପାଇଁ ମଧ ପଇଡ଼ ପାଣି ଅବ୍ୟର୍ଥ ଔଷଧ ଭାବେ କାର୍ଯ୍ୟ କରେ। ବିପି ରୋଗୀ ନିୟମିତ ପଇଡ଼ ପାଣି ପିଇଲେ ଭଲ। ପରିସ୍ରା ସଂକ୍ରମଣ, ପେଟ ଗରମ, କାଶ ଆଦି ଅନେକ ରୋଗକୁ ପଇଡ଼ ପାଣି ପିଇବା ଦ୍ୱାରା ଆୟତ୍ତ କରାଯାଇ ପାରେ। ତେବେ ଆପଣ ଏଭଳି ଉପକାରୀ ପାନୀୟକୁ ନିଶ୍ଚୟ ପିଅନ୍ତୁ।

# ଜିଲ୍ଲା ଖଣିଜ ପ୍ରତିଷ୍ଠାନ ରାଜ୍ୟସ୍ତରୀୟ କମିଟି ବୈଠକ

**ଭୁବନେଶ୍ୱର,୧୧।୧୦ (ମହାଭାରତ):** ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ଅଧକ୍ଷତାରେ ଜିଲ୍ଲା ଖଣିଜ ପ୍ରତିଷ୍ଠାନ ରାଜ୍ୟସ୍ତରୀୟ କମିଟି ବୈଠକ ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ଅତିରିକ୍ତ ମୁଖ୍ୟ ଶାସନ ସଚିବ ସୁରେନ୍ଦ୍ର କୁମାରଙ୍କ ସମେତ କମିଟିର ସଦସ୍ୟ ଥିବା ସଂପୃକ୍ତ ବିଭିନ୍ନ ବିଭାଗର ପ୍ରମୁଖ ଶାସନ ସଚିବ, କମିଶନର ତଥା ଶାସନ ସଚିବମାନେ ଉପସ୍ଥିତ ଥିଲେ । ଭାରତ ସରକାରଙ୍କ ଖଣି ବିଭାଗ ପ୍ରତିନିଧି ଆଭାସୀ ମାଧ୍ୟମରେ ଯୋଗ ଦେଇଥିଲେ ।

ବୈଠକରେ ଜିଲ୍ଲା ଖଣିଜ ପ୍ରତିଷ୍ଠାନର କାର୍ଯ୍ୟକାରିତା ଓ ଅଦ୍ୟାବଧି କାର୍ଯ୍ୟ ଅଗ୍ରଗତି ସଂପର୍କରେ ଉନ୍ନୟନ କମିଶନର ସର୍ବଶେଷ ସୂଚନା ପ୍ରଦାନ କରିଥିଲେ । ବୈଠକର ଆଲୋଚନା ଅନୁସାରେ ସଂପୃକ୍ତ ଜିଲ୍ଲା ଖଣିଜ ପ୍ରତିଷ୍ଠାନ ଜିଲ୍ଲା ଗୁଡ଼ିକରେ ୧୬ ଟି ଡିଏମ୍ଏଫ୍ ଟ୍ରଷ୍ଟବୋର୍ଡ ଗଠିତ ହୋଇଛି ।ଡିଏମ୍ଏଫ୍ ନିୟମ-୨୦୧୫ କୁ ପ୍ରଧାନମନ୍ତ୍ରୀ ଖଣିଜ କ୍ଷେତ୍ର କଲ୍ୟାଣ ଯୋଜନା ମାର୍ଗଦର୍ଶିକା ଅନୁସାରେ ୨୦୨୫ ରେ ସଂଶୋଧନ କରାଯାଇଛି । ଡିଏମ୍ଏଫ୍ ଅଡିଟ୍ ପାଇଁ ଭାରତର ନିୟନ୍ତ୍ରକ ଓ ମହାଲେଖା ପରୀକ୍ଷକ (ସିଆଣ୍ଡଏଜି) କୁ ଦାୟିତ୍ୱ ଦିଆଯାଇଛି ଓ କାର୍ଯ୍ୟ ଜାରି ରହିଛି । ସବିସ୍ତୃତ ଡିଏମ୍ଏଫ୍ ପୋର୍ଟାଲକୁ ୱାମିସ୍, ଆଇ-ଥ୍ରୀ ଏମ୍ ଏସ୍, ଆଇ- ଫୋର ଏମ୍ ଏସ୍, ଏଚଆରଏମଏସ ଆଦି ସହିତ ସମନ୍ୱିତ କରାଯାଇଛି । ଖଣି ପ୍ରଭାବିତ ଗ୍ରାମ ଗୁଡ଼ିକରେ ମୌଳିକ ସୁବିଧା ପ୍ରଦାନ ପାଇଁ ସିଏମ୍ ''ସମ୍ପଦା'' ପୋର୍ଟାଲ ବିକଶିତ କରାଯାଉଛି । ଅନୁଗୋଳ, ଯାଜପୁର ଓ ଝାରସୁଗୁଡ଼ା ଜିଲ୍ଲା ପାଇଁ ସମକାଳୀନ ମୂଲ୍ୟାଙ୍କନ କରାଯାଇ ଏହାର ଫଳାଫଳ ସଂପୃକ୍ତ ଜିଲ୍ଲାପାଳ ଓ ସହଭାଗୀ ବିଭାଗମାନଙ୍କୁ ଅବଗତ କରାଯାଇଛି । ଡିଏମ୍ଏଫର ଦକ୍ଷତା ବୃଦ୍ଧି ପାଇଁ ପଦକ୍ଷେପ ନିଆଯାଇଥିବା ଉନ୍ନୟନ କମିଶନର ସୂଚନା ଦେଇଥିଲେ ।



ଗୁରୁତ୍ୱପୂର୍ଣ୍ଣ ସାର୍ବଜନୀନ ଓ ଅର୍ଥନୈତିକ ପ୍ରକଳ୍ପ କାର୍ଯ୍ୟକାରିତା ପାଇଁ ରହୁଥିବା ପ୍ରତିବନ୍ଧକକୁ ରାଜ୍ୟ ସରକାର ତଥା କେନ୍ଦ୍ର ସରକାରଙ୍କ ସ୍ୱତନ୍ତ୍ର ଅନୁମତି ନେଇ କାର୍ଯ୍ୟକାରୀ କରାଯିବା ସଂପର୍କରେ ପ୍ରସ୍ତାବ ଆଗତ ପୂର୍ବକ ସେ ସଂପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା । ଏଥିସହିତ ଡିଏମ୍ଏଫ୍ ପାଣ୍ଠି ଉପଯୋଗ ସଂପର୍କରେ ରହୁଥିବା ବିଭିନ୍ନ ସମସ୍ୟା ଓ ସମାଧାନ ନେଇ ସବିଶେଷ ଆଲୋଚନା କରାଯାଇଥିଲା । ଡିଏମ୍ଏଫ୍ ପାଣ୍ଠି ଉପଯୋଗିତା ଓ ସଂପର୍କିତ ଉଚ୍ଚ ନ୍ୟାୟାଳୟରେ ବିଚାରାଧିନ ମାମଲାଗୁଡ଼ିକ ରାଜ୍ୟସ୍ତରୀୟ କମିଟି ଅନୁଧ୍ୟାନ କରି ପଦକ୍ଷେପ ନିଆଯିବା ସଂପର୍କରେ ଆଲୋଚନା କରାଯାଇଛି । ବିଭିନ୍ନ ଡିଏମ୍ଏଫ୍ ଜିଲ୍ଲାରେ ପ୍ରାୟ ୧୧୫୦ ଟି ଗ୍ରାମ ୫ କି.ମି. ପରିଧି ମଧ୍ୟରେ ଅବସ୍ଥିତ ଏବଂ ସେମାନଙ୍କର ପାନୀୟ ଜଳ, ଶିକ୍ଷା, ସ୍ୱାସ୍ଥ୍ୟ, ରାସ୍ତା ଆଦି ମୌଳିକ ସ୍ଥିତି ସଂପର୍କରେ ସର୍ବେକ୍ଷଣ କରାଯାଇଛି, ଯାହାକି ଡିଏମ୍ଏଫ୍ ପୋର୍ଟାଲରେ ସ୍ଥାନିତ ହେବ, ଏବଂ ଗ୍ରାମଗୁଡ଼ିକରେ ମୌଳିକ ସୁବିଧା ପ୍ରଦାନକୁ ଅଧିକ ସହଜ ଓ ତ୍ୱରାନ୍ୱିତ କରିବ ।ଗୋଟିଏ ଜିଲ୍ଲାରେ ଖଣି ଥାଇ ଏହା ଦ୍ୱାରା ପ୍ରଭାବିତ ହେଉଥିବା ଜିଲ୍ଲା ଏବଂ ଅନ୍ୟ ପଡୋଶୀ ବା ପାଖ ଜିଲ୍ଲାର ଗ୍ରାମଗୁଡ଼ିକରେ ପ୍ରସ୍ତାବିତ ପ୍ରକଳ୍ପ କ୍ଷେତ୍ରରେ ଡିଏମ୍ଏଫ ପାଣ୍ଠିର ଭାଗିଦାରିତା ତଥା ଉପଯୋଗିତା ପ୍ରକ୍ରିୟା ସଂପର୍କରେ ସବିଶେଷ ଆଲୋଚନା କରାଯାଇଥିଲା ।ବିଭିନ୍ନ ପ୍ରତିଷ୍ଠିତ ସଂସ୍ଥାନ ଏବଂ ବିଶ୍ୱ ବିଦ୍ୟାଳୟମାନଙ୍କ ଦ୍ୱାରା ୫ ବର୍ଷିଆ ଦୀର୍ଘମିଆଦୀ ଭିିରେ ଖଣି ପ୍ରଭାବିତ ଅଂଚଳରେ ସୁବିଧା ଉପଲବ୍ଧ ସଂପର୍କିତ ସର୍ବେକ୍ଷଣ(ବେସ୍ ଲାଇନ୍ ସର୍ଭେ) କରାଯିବା ନେଇ ଆଲୋଚନା କରାଯାଇଥିଲା ।ବୈଠକରୁ ଜଣାପଡିଛି ଯେ, ଡିଏମଏଫରେ ଅଦ୍ୟାବଧି ୩୩,୨୦୪.୮୭ କୋଟି ଟଙ୍କା ସଂଗୃହିତ ହୋଇଛି, ସେଥିରୁ ୨୬,୭୮୮.୫୦ କୋଟି ଟଙ୍କା ଆବଣ୍ଟନ କରାଯାଇଛି ଏବଂ ୧୮,୩୮୨.୨୪ କୋଟି ଟଙ୍କା ଖର୍ଚ୍ଚ ହୋଇଛି । ଅନୁମୋଦିତ ପ୍ରକଳ୍ପ ଅନୁସାରେ ୮୦.୬୭ ପ୍ରତିଶତ ପାଣ୍ଠି ପ୍ରଦାନ କରାଯାଇଛି ଯ ୨୦୧୭-୧୮ ରୁ ବର୍ଷ ୱାରୀ ପାଣ୍ଠି ସଂଗ୍ରହ, ଆବଣ୍ଟନ ଓ ବିନିଯୋଗ ସଂପର୍କରେ ଅନୁଧ୍ୟାନ କରାଯାଇଥିଲା । ଡିଏମଏଫ କାର୍ଯ୍ୟ ଆକାଂକ୍ଷୀ ଜିଲ୍ଲା ଓ ଆକାଂକ୍ଷୀ ବ୍ଲକର ବିକାଶମୂଳକ କାର୍ଯ୍ୟ, କେନ୍ଦ୍ର ଓ ରାଜ୍ୟର ବିଭିନ୍ନ ଜନକଲ୍ୟାଣକାରୀ ଓ ଉନ୍ନୟନମୂଳକ ଯୋଜନା ସହିତ ସଂଯୋଜିତ ହେଉଛି ।ରାଜ୍ୟସ୍ତରୀୟ କମିଟିକୁ ସଂପୃକ୍ତ ବିଭିନ୍ନ ବିଭାଗମାନଙ୍କର ସଂଯୋଜନ(କନଭରଜେନ୍ସ) ପାଇଁ ସୁବିଧା କରାଯିବା ସଂପର୍କରେ ଆଲୋଚନା କରାଯାଇଥଇଲା । ଜିଲ୍ଲାପାଳମାନେ ମଧ୍ୟ ଜିଲ୍ଲାସ୍ତରରେ ଏହାର ପରିଚାଳନା କରୁଛନ୍ତି । ଡିଏମ୍ଏଫର ବାର୍ଷିକ କାର୍ଯ୍ୟ ଯୋଜନାରେ ଏଡିପି, ଏବିପି ଏବଂ ପ୍ରଭାବିତ ଜିଲ୍ଲାରେ ସମସ୍ତଙ୍କୁ ମୌଳିକ ସୁବିଧା ଲକ୍ଷ୍ୟ ସହିତ ସଂଯୋଜିତ କରି ପ୍ରସ୍ତୁତି ଉପରେ ଗୁରୁତ୍ୱ ଦିଆଯାଇଥିଲା । ଡିଏମ୍ଏଫ ପାଣ୍ଠି ଯେପରି ଖଣି ପ୍ରଭାବିତ ଅଂଚଳରେ ଜନସାଧାରଣଙ୍କର ମୌଳିକ ସୁବିଧା ପ୍ରଦାନ କରି ସେମାନଙ୍କର ଜୀବନଧାରଣମାନରେ ଆଖିଦୃଶିଆ ପରିବର୍ନ ଆଣିବ, ତାହାକୁ ଦୃଷ୍ଟିଦେଇ ଯୋଜନା ଓ କାର୍ଯ୍ୟକ୍ରମ ପ୍ରସ୍ତୁତି ସହ ପାଣ୍ଠିର ଉପଯୋଗ ଓ ତଦାରଖ ବ୍ୟବସ୍ଥାକୁ ସୁଦୃଢ଼ କରିବାକୁ ମୁଖ୍ୟ ଶାସନ ସଚିବ ଗୁରୁତ୍ୱାରୋପ କରିଥିଲେ ।

# ମୃତ କନଷ୍ଟେବଲଙ୍କ ପରିବାରକୁ ୧ କୋଟି ଟଙ୍କାର ବୀମା ପ୍ରଦାନ

**ଭୁବନେଶ୍ୱର,୧୧।୧୦ (ମହାଭାରତ):** ଦୁର୍ଘଟଣାରେ ଶିକାର ହୋଇ ମୃତ୍ୟବରଣ କରିଥିବା କନଷ୍ଟେବଲ ଲବଣି



ଗାଂଟାଙ୍କ ପରିବାରବର୍ଗଙ୍କୁ ଗୁରୁବାର ରାଜ୍ୟ ପୋଲିସ ମୁଖ୍ୟାଳୟ ଠାରେ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆ ଭେଟି ସମବେଦନା ଜଣାଇବା ସହ ଭାରତୀୟ ଷ୍ଟେଟ ବ୍ୟାଙ୍କ ତରଫରୁ ଦିଆ ଯାଇଥିବା ୧ କୋଟି ଟଙ୍କାର ଦୁର୍ଘଟଣା ଜନିତ ମୃତ୍ୟୁ ବୀମା ରାଶିର ଚେକ ପ୍ରଦାନ କରିଛନ୍ତି । ଏହି ଅବସରରେ ସ୍ୱଳ୍ପ ସମୟ ମଧ୍ୟରେ ବୀମା ରାଶି ପ୍ରଦାନ କରିବାରେ ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆର ସମସ୍ତ ଅଧିକାରୀଙ୍କୁ ଡିଜିପି ସାଧୁବାଦ ଜଣାଇଥିଲେ । ସୂଚନାଯୋଗ୍ୟ ଯେ, ମୃତ ଲବଣି ରାୟଗଡା ଜିଲ୍ଲା ରିଜର୍ଭ କାର୍ଯ୍ୟାଳୟ ଠାରେ କନଷ୍ଟେବଲ ଭାବେ ଚାକିରୀ କରୁଥିଲେ । ଗତ ଜୁଲାଇ ୫ ତାରିଖରେ ଥେରୁବାଲି ନିକଟରେ ନିଜ କର୍ତବ୍ୟ ସମ୍ପାଦନ କରୁଥିବା ବେଳେ ଦୁର୍ଘଟଣାର ଶିକାର ହୋଇ ମୃତ୍ୟୁ ବରଣ କରିଥିଲେ । ଆଜି ତାଙ୍କ ପିତା ବୃନ୍ଦାବନ ଗାଂଟା ଡିଜିପିଙ୍କ ଠାରୁ ଚେକ ଗ୍ରହଣ କରିଥିଲେ ।

ଏହି ଅବସରରେ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ( ମୁଖ୍ୟାଳୟ) ପ୍ରତୀକ ମହାନ୍ତି, ଏସବିଆଇ, ( ଚିଫ ଜେନେରାଲ ମ୍ୟାନେଜର), ଏ. ଡି. ରତ୍ନାତେଜା, ଏସବିଆଇ,( ଜେନେରାଲ ମ୍ୟାନେଜର) କୌଶଲ କିଶୋର ସିଂ, ଏସବିଆଇ,( ଡେପୁଟି ଜେନେରାଲ ମ୍ୟାନେଜର) ଆଶିଷ କୁମାର ମିଶ୍ର, ଏସବିଆଇ,( ରିଜିଅନାଲ ମ୍ୟାନେଜର), ଉତ୍ତର କୁମାର ପଟେଲ, ଏସବିଆଇ,( ଏଜିଏମ) ନଗେନ୍ଦ୍ର ସାହୁ, ଏସବିଆଇ, (ଏଜିଏମ) ମନୋଜ କୁମାର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ । ପୂର୍ବରୁ ଓଡିଶା ପୋଲିସ ଏବଂ ଭାରତୀୟ ଷ୍ଟେଟ ବ୍ୟାଙ୍କ ମଧ୍ୟରେ ଏକ ଚୁକ୍ତିପତ୍ର ସ୍ୱାକ୍ଷରିତ ହୋଇଥିଲା । ଚୁକ୍ତିପତ୍ର ଅନୁଯାୟୀ, ଏସବିଆଇ ପକ୍ଷରୁ ଦୁର୍ଘଟଣାର ଜନିତ ମୃତ୍ୟୁ ହୋଇଥିବାରୁ ୧ କୋଟି ଟଙ୍କାର ସହାୟତା ରାଶି ପ୍ରଦାନ କରାଯାଇଛି ।

# ଜନଜାତି ସଙ୍କୁଳ ବିକାଶ ପରିଯୋଜନା କର୍ମଶାଳା

**ଭୁବନେଶ୍ୱର,୧୧।୧୦ (ମହାଭାରତ):** ଦେଶ ସ୍ୱାଧୀନତା ପରେ ଜନଜାତି ସମାଜର ଉନ୍ନତି ପାଇଁ କୌଣସି କାର୍ଯ୍ୟ କରାଯାଇନଥିଲା । ନରେନ୍ଦ୍ର ମୋଦୀ ଦେଶର ପ୍ରଧାନମନ୍ତ୍ରୀ ହେବା ପରେ ଏ ବିଷୟରେ ଗହନ ଚିନ୍ତା କରି ୫ ବର୍ଷ ପୂର୍ବେ ଜନଜାତି ସଙ୍କୁଳ ବିକାଶ ପରିଯୋଜନା ଆରମ୍ଭ କରିଥିଲେ । ଜନଜାତି ସମାଜର ସାମଗ୍ରିକ ଓ ସନ୍ତୁଳିତ ବିକାଶ ସମେତ ଯେପରି ଦାଦନ ଖଟିବାକୁ ଅନ୍ୟ ରାଜ୍ୟକୁ ନ ଯିବେ ତାହା ହେଉଛି ଏହି ଯୋଜନାର ମୂଳ ଉଦ୍ଦେଶ୍ୟ । ଏନେଇ ରାଜ୍ୟ କାର୍ଯ୍ୟାଳୟରେ ଦିନିକିଆ ଜନଜାତି ସଙ୍କୁଳ ବିକାଶ ପରିଯୋଜନା କର୍ମଶାଳା ଆୟୋଜନ କରାଯାଇଛି ବୋଲି ସାଂସଦ ଅନନ୍ତ ନାୟକ ସୁଚନା ଦେଇଛନ୍ତି ।

କର୍ମଶାଳା ସଂପର୍କରେ ସୁଚନା ଦେଇ ଶ୍ରୀ ନାୟକ କହିଛନ୍ତି ଯେ, ଏହି ଯୋଜନାରେ ଜନଜାତି ସମାଜ ଯେପରି ନିଜ ଅଂଚଳରେ କାମ ପାଇପାରିବେ, ସେମାନେ ସ୍ୱଇଚ୍ଛାରେ ନିଜ ଅଂଚଳର ବିକାଶରେ ଭାଗିଦାରୀ ହୋଇପାରିବେ, ସେନେଇ ବିଜେପି ସରକାର ପକ୍ଷରୁ ଉଦ୍ୟମ ଆରମ୍ଭ ହୋଇଛି । ଏହି ଯୋଜନାରେ କେବଳ ସରକାରଙ୍କ ଉପରେ ନିର୍ଭର ନ କରି ଭାରତର ଜଣେ ନାଗରିକ ହିସାବରେ ପ୍ରଶାସନ, ଜନପ୍ରିତିନିଧି, ସ୍ୱେଚ୍ଛାସେବୀ ସଂଗଠନକୁ ସାଙ୍ଗରେ ନେଇ ଜନଜାତିର ବିକାଶ କରିବା ପାଇଁ ସାମୂହିକ ଭାବେ ପ୍ରୟାସ କରାଯିବ । ଏନେଇ ଆଦିବାସୀବହୁଳ ଗାଁକୁ ଚୟନ କରାଯାଇ ତାର ମୁଖ୍ୟ ସମସ୍ୟାର ସମାଧାନ କରି ଉକ୍ତ ଅଂଚଳର ବିକାଶ କରାଯିବ । ପୂର୍ବ ସରକାର ଭଳି ସେମାନଙ୍କ ଉପରେ ଯୋଜନା ଥୋପା ନ ଯାଇ ଆଦିବାସୀମାନଙ୍କ ଇଚ୍ଛା ଅନୁସାରେ ଉକ୍ତ ଅଂଚଳର କିପରି ବିକାଶ କାର୍ଯ୍ୟ କରାଯିବ ସେନେଇ କର୍ମଶାଳାରେ ବିଚାରବିମର୍ଶ କରାଯାଇଥିଲା । ସ୍ୱେଚ୍ଛାସେବୀ ସଂଗଠନ ତଥା ବ୍ୟକ୍ତିଗତ ଭାବେ ପ୍ରଶାସନ ସହ ମିଶି ଏନେଇ ମିଳିତ ପ୍ରୟାସ କରାଯିବ । ଜନଜାତି ସାଂସଦ, ବିଧାୟକମାନେ ନିଜ ନିଜ ନିର୍ବାଚନମଣ୍ଡଳୀର ୨୦ ରୁ ୨୫ ଗ୍ରାମକୁ ପୌଷ୍ୟ ଭାବେ ଗ୍ରହଣ କରି ବିକାଶ କାର୍ଯ୍ୟକୁ ତ୍ୱରାନ୍ୱିତ କରିବେ । ଯଶସ୍ୱୀ ପ୍ରଧାନମନ୍ତ୍ରୀ ମୋଦିଜୀ ବିକଶିତ ଭାରତର ଯେଉଁ ସ୍ୱପ୍ନ ଦେଖିଛନ୍ତି, ଏହା ଦ୍ୱାରା ଜନଜାତି ସମ୍ପ୍ରଦାୟର ସାମଗ୍ରିକ ଓ ସନ୍ତୁଳିତ ବିକାଶ ସମ୍ଭବ ହୋଇପାରିବ ବୋଲି ସାଂସଦ ଶ୍ରୀ ନାୟକ କହିଛନ୍ତି ।

ଏହି କର୍ମଶାଳା ପୂର୍ବରୁ ଭଗବାନ ବିର୍ସା ମୁଣ୍ଡା ଏବଂ ଉତ୍କଳମଣି ଗୋପବନ୍ଧୁ ଦାଶଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରି ରାଜ୍ୟ ସଭାପତି ଶ୍ରୀ ମନମୋହନ ସାମଲ, ରାଜ୍ୟ ପ୍ରଭାରୀ ବିଜୟ ପାଲ ସିଂହ ତୋମାର, ସହପ୍ରଭାରୀ ସୁଶ୍ରୀ ଲତା ଉସେଣ୍ଡି, ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ପ୍ରମୁଖଙ୍କ ସମେତ ଅନେକ ବିଧାୟକ ଓ ଦଳୀୟ ନେତୃବୃନ୍ଦ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ଏହା ପରେ ଜନଜାତି ସଂଙ୍କୁଳ ବିକାଶ ପରିଯୋଜନା ଆଧାରିତ ପ୍ରଦର୍ଶନୀକୁ ଉଦଘାଟନ ହୋଇଥିଲା ।

ଏଥିରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ, କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ, ରାଷ୍ଟ୍ରୀୟ ସାଧାରଣ ସଂପାଦକ (ସଂଗଠନ) ଶ୍ରୀ ବି. ଏଲ୍ ସନ୍ତୋଷ, ରାଷ୍ଟ୍ରୀୟ ସଂଗଠକ ଭି. ସତୀଶ, ବିଜେପି ଜନଜାତି ମୋର୍ଚ୍ଚା ରାଷ୍ଟ୍ରୀୟ ଅଧକ୍ଷ ସମୀର ଓରାମ, ରାଜ୍ୟ ପ୍ରଭାରୀ ବିଜୟପାଲ ସିଂ ତୋମାର, ସହପ୍ରଭାରୀ ଲତା ଉଷେଣ୍ଡି, 'ଯୋଜକ' ଅଧକ୍ଷ ଶ୍ରୀ ଗଜାନନ୍ ଡାଙ୍ଗେ ଓ ଉପାଧକ୍ଷ ଗକପିଳ ସହସ୍ରବୁଦ୍ଧେ, ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ଗରବି ନାରାୟଣ ନାୟକ ପ୍ରମୁଖ ଯୋଗ ଦେଇ ପରିଯୋଜନାର ପରିକଳ୍ପନା, ପ୍ରସ୍ତୁତି, ଅନୁଭବ, ଜନଜାତି ବିକାଶ ପାଇଁ ମୋଦି ସରକାରର ସଂକଳ୍ପ, ବିକାଶ ପଥରେ ଭାରତୀୟ ସଂକଳ୍ପନା ସଂପର୍କରେ ବିସ୍ତୃତ ଆଲୋଚନା କରିଥିଲେ । ଏହି କର୍ମଶାଳାରେ ସାଂସଦ, ବିଧାୟକ, ପଦାଧିକାରୀଗଣ ଉପସ୍ଥିତ ଥିଲେ । ସାଂସଦ ଶ୍ରୀ ବଳଭଦ୍ର ମାଝୀ କର୍ମଶାଳାକୁ ସଂଯୋଜନା କରିଥିଲେ ।

# ଡାକ୍ତରଖାନା କୋଠା ଏବଂ ଅଗ୍ନି ନିରାପତା ସମ୍ପର୍କରେ ସମୀକ୍ଷା

**ଭୁବନେଶ୍ୱର,୧୧।୧୦ (ମହାଭାରତ):** ସ୍ୱାସ୍ଥ୍ୟ ସଚିବ ଅଶ୍ୱତୀ ଏସ୍ ଲୋକ ସେବା ଭବନରେ ବିଭିନ୍ନ ବିଭାଗର ଅଧିକାରୀଙ୍କୁ ନେଇ ଏକ ବୈଠକର ଅଧକ୍ଷତା କରି ସରକାରୀ ଡାକ୍ତରଖାନା କୋଠା ଗୁଡ଼ିକ ନିର୍ମାଣର ଅଗ୍ରଗତି ଏବଂ ଅଗ୍ନି ନିରାପତ୍ତା ପଦକ୍ଷେପ ସମୀକ୍ଷା କରିଛନ୍ତି । ସେ ଏହି ସମୀକ୍ଷା ବୈଠକରେ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରଠାରୁ ଆରମ୍ଭ କରି ମେଡିକାଲ କଲେଜ ଏବଂ ହସ୍ପିଟାଲ ପର୍ଯ୍ୟନ୍ତ ସମସ୍ତ କାମ ତ୍ୱରିତ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ ।

ଏହି ବୈଠକରେ ହସ୍ପିଟାଲଗୁଡ଼ିକୁ ସଂପୂର୍ଣ୍ଣ କାର୍ଯ୍ୟକ୍ଷମ , ଅଗ୍ନି ନିରାପତାକୁ ପ୍ରାଥମିକତା ଦେବାକୁ ନିର୍ଦ୍ଦେଶ ଦେଇଥିଲେ । ସେ ସର୍ଟ ସର୍କିଟ୍ ରୋକିବା ପାଇଁ ସୁରକ୍ଷିତ ବୈଦ୍ୟୁତିକ ସଂଯୋଗ ନିଶ୍ଚିତ କରିବା ଦିଗରେ ଗୁରୁତ୍ୱ ଦେବାକୁ ନିର୍ଦେଶ ଦେଇଥିଲେ । ଆବଶ୍ୟକୀୟ ଜରୁରୀ ନିରପତା ଗ୍ରହଣ କରିବା ସହ ବିଭିନ୍ନ ବିଭାଗ ମିଳିତ ସହୋଯୋଗରେ କାମ କରିବାକୁ ଅନୁରୋଧ କରିଥିଲେ । ସଂଶୋଧନମୂଳକ ପଦକ୍ଷେପ ଏବଂ ଆନୁମାନିକ ଯୋଜନା ସହିତ ଏକ ବିସ୍ତୃତ ରିପୋର୍ଟ ଆଗାମୀ ସପ୍ତାହ ସୁଦ୍ଧା ଦାଖଲ କରିବାକୁ ସମ୍ପୃକ୍ତ ବିଭାଗଗୁଡିକୁ ନିର୍ଦ୍ଦେଶ ଦେଇଛନ୍ତି । ରାଜ୍ୟ ସରକାର ସରକାରୀ ସ୍ୱାସ୍ଥ୍ୟ ପ୍ରତିଷ୍ଠାନଗୁଡ଼ିକରେ ଅଗ୍ନି ନିରାପତା ବୃଦ୍ଧି କରିବା ପାଇଁ ବ୍ୟୟବରାଦ ଟଙ୍କାରୁ ଯୋଜନା ଆଧାରରେ ପାଣ୍ଠି ଯୋଗାଇ ଦିଆଯିବ, ସମୟସୀମା ସମାପ୍ତି ଉପରେ ଜୋର ଦେବାକୁ କହିଥିଲେ ।

ଏହି ବୈଠକରେ ସ୍ୱତନ୍ତ୍ର ସଚିବ ବିଜୟ ମହାପାତ୍ର ,ସ୍ୱାସ୍ଥ୍ୟ ବିଭାଗର ବିଭିନ୍ନ ନିର୍ଦ୍ଦେଶକଙ୍କ ସହିତ ଅଗ୍ନିଶମ ସେବା, ରାସ୍ତା ଏବଂ କୋଠା, ପିଏଚଡି, ୱାଟକୋ, ଗ୍ରାମ୍ୟ ଉନ୍ନୟନର ବରିଷ୍ଠ ଅଧିକାରୀମାନେ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

# ସୋଆ ଛାତ୍ରଛାତ୍ରୀଙ୍କ ଗ୍ରାଜୁଏସନ୍ କାର୍ଯ୍ୟକ୍ରମ

**ଭୁବନେଶ୍ୱର,୧୧।୧୦ (ମହାଭାରତ):** ଶିକ୍ଷା ଓ ଅନୁସନ୍ଧାନ (ସୋଆ) ବିଶ୍ୱବିଦ୍ୟାଳୟ ଅଧିନସ୍ଥ ବିଭିନ୍ନ ଅନୁଷ୍ଠାନର ଛାତ୍ରଛାତ୍ରୀଙ୍କ ନିମନ୍ତେ ସ୍ୱତନ୍ତ୍ର ଭାବେ ଗ୍ରାଜୁଏସନ୍ କାର୍ଯ୍ୟକ୍ରମ ୨୦୨୫ ଆୟୋଜିତ ହୋଇଯାଇଛି । ନିକଟରେ ବିଭିନ୍ନ ଦିବସରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସୋଆର ବିଭିନ୍ନ ଶିକ୍ଷାନୁଷ୍ଠାନର ଅଣ୍ଡରଗ୍ରାଜୁଏଟ୍, ପୋଷ୍ଟ ଗ୍ରାଜୁଏଟ୍ , ଡିଏମ୍ ଏବଂ ଏମ୍ସିଏଚ୍ ଛାତ୍ରଛାତ୍ରୀ ମାନଙ୍କ ନିମନ୍ତେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା ।

ସେପ୍ଟେମ୍ବର ୧୬ ତାରିଖରୁ ଆରମ୍ଭ ହୋଇଥିବା ଏହି ଗ୍ରାଜୁଏସନ୍ କାର୍ଯ୍ୟକ୍ରମ ବୁଧବାର ଶେଷ ହୋଇଥିବା ବେଳେ ପ୍ରାୟ ୪୦୦୦ ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଡିଗ୍ରୀ ଗ୍ରହଣ କରିଥିବା ସୋଆର କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ ସୂଚନା ଦେଇଛନ୍ତି ।

ବୁଧବାର ସୋଆ ନ୍ୟାସ୍ନାଲ୍ ଇନ୍ଷ୍ଟିଚ୍ୟୁଟ୍ ଅଫ୍ ଲ (ଏସ୍ଏନଆଇଏଲ୍)ରୁ ଆଇନ୍ ପାଠ୍ୟକ୍ରମରେ ଶିକ୍ଷା ସମାପ୍ତ କରିଥିବା ଛାତ୍ରଛାତ୍ରୀଙ୍କୁ ଅନୁଷ୍ଠାନର କ୍ୟାମ୍ପସ୍ରେ ଆୟୋଜିତ ଗ୍ରାଜୁଏସନ୍ କାର୍ଯ୍ୟକ୍ରମରେ ଡିଗ୍ରୀ ପ୍ରଦାନ କରାଯାଇଛି । ଏହି କାର୍ଯ୍ୟକ୍ରମରେ ସୋଆ କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ଛାତ୍ରଛାତ୍ରୀମାନଙ୍କୁ ଡିଗ୍ରୀ ପ୍ରଦାନ କରିଥିଲେ । ଏହି ଅବସରରେ ସୋଆର କଂଟ୍ରୋଲର ଅଫ୍ ଏଗ୍ଜାମିନେସନ୍ ପ୍ରଫେସର ମଞ୍ଜୁଳା ଦାସ, ଉପକୁଳପତି ପ୍ରଫେସର ଅନୁପ କୁମାର ସାମନ୍ତରାୟ, ଏସ୍ଏନ୍ଆଇଏଲ୍ର ଡିନ୍ ପ୍ରଫେସର ଏସ୍. ଏ. କେ. ଆଜାଦ, ଛାତ୍ର ମଙ୍ଗଳ ଡିନ୍ ପ୍ରଫେସର ଜ୍ୟୋତି ରଞ୍ଜନ ଦାସ, ସିନିୟର ପ୍ରଫେସର ପ୍ରବୀର ପଟ୍ଟନାୟକ ଏବଂ ସିନିୟର ପ୍ରଫେସର ମଧୁସୁଦନ ଦାସଙ୍କ ସମେତ ବିଭାଗୀୟ ମୁଖ୍ୟ ଏବଂ ଫ୍ୟାକଲ୍ଟି ସଦସ୍ୟମାନେ ଉପସ୍ଥିତ ଥିଲେ । ପୂର୍ବରୁ ସୋଆ କୃଷି ମହାବିଦ୍ୟାଳୟ, ଇନ୍ଷ୍ଟିଚ୍ୟୁଟ ଅଫ୍ ଏଗ୍ରିକଲ୍ଚରାଲ୍ ସାଇନ୍ସେସ୍ (ଆଇଏଏସ୍)ର ଛାତ୍ରଛାତ୍ରୀଙ୍କୁ ଡିଗ୍ରୀ ପ୍ରଦାନ କରାଯାଇଥିବା ବେଳେ ଏହି ଅବସରରେ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପି.କେ. ରାଉଳ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମରେ ସୋଆ କୁଳପତି, ଉପକୁଳପତି ପ୍ରଫେସର (ଡାକ୍ତର) ନୀତା ମହାନ୍ତି, କଂଟ୍ରୋଲର ଅଫ୍ ଏଗ୍ଜାମିନେସନ ଏବଂ ଛାତ୍ର ମଙ୍ଗଳ ଡିନ୍ଙ୍କ ସମେତ ଆଇଏଏସ୍ର ଡିନ୍ ପ୍ରଫେସର ସନ୍ତୋଷ କୁମାର ରାଉତ ଏବଂ ବିଭାଗୀୟ ମୁଖ୍ୟ ଓ ଫ୍ୟାକଲ୍ଟି ସଦସ୍ୟମାନେ ଉପସ୍ଥିତ ଥିଲେ । ସେହିପରି ସୋଆ ପରିଚାଳିତ ଇନ୍ଷ୍ଟିଚ୍ୟୁଟ ଅଫ୍ ମେଡିକାଲ୍ ସାଇନ୍ସେସ୍ ଆଣ୍ଡ ସମ ହସ୍ପିଟାଲର ପୋଷ୍ଟଗ୍ରାଜୁଏଟ୍ ଏବଂ ସୁପରସ୍ପେଶିଆଲିଟି ବିଭାଗର ଛାତ୍ରଛାତ୍ରୀଙ୍କୁ ଡିଗ୍ରୀ ପ୍ରଦାନ କରାଯାଇଥିବା ବେଳେ ଏହି ଅବସରରେ ସୋଆ କୁଳପତି, ଉପକୁଳପତି ପ୍ରଫେସର ପ୍ରସେନ୍ଜିତ ମହାନ୍ତି, କଂଟ୍ରୋଲର ଅଫ୍ ଏଗ୍ଜାମିନେସନ ଏବଂ ଛାତ୍ର ମଙ୍ଗଳ ଡିନ୍ ଓ ଆଇଏମ୍ଏସ୍ ଆଣ୍ଡ ସମ ହସ୍ପିଟାଲ୍ର ଡିନ୍ ପ୍ରଫେସର ସଂଘମିତ୍ରା ମିଶ୍ର, ଆଡିସ୍ନାଲ୍ ଡିନ୍ ପ୍ରଫେସର ରଚିତା ଷଡ଼ଙ୍ଗୀଙ୍କ ସମେତ ବିଭାଗୀୟ ମୁଖ୍ୟ ଓ ଫ୍ୟାକଲ୍ଟି ସଦସ୍ୟମାନେ ଉପସ୍ଥିତ ଥିଲେ ।

# ପ୍ରଦେଶ ମହିଳା କଂଗ୍ରେସ କମିଟି ଗଠିତ

**ଭୁବନେଶ୍ୱର,୧୧।୧୦ (ମହାଭାରତ):** ରାଜ୍ୟରେ ମହିଳା କଂଗ୍ରେସକୁ ସୁଦୃଢ଼ କରିବା ପାଇଁ ରାଜ୍ୟ ମହିଳା କଂଗ୍ରେସ ସେଭାନେତ୍ରୀ ମୀନାକ୍ଷି ବାହିନିପତିଙ୍କ ରାଜ୍ୟ ମହିଳା କଂଗ୍ରେସ କମିଟି ପ୍ରସ୍ତାବୁ ଅନୁମୋଦନ କରି ଅଖିଳ ଭାରତ ମହିଳା କଂଗ୍ରେସ କମିଟି ସଭାନେତ୍ରୀ ଅଲକା ଲାମ୍ବା ସେମାନଙ୍କ ନାମ ଓ ତାଲିକା ପ୍ରକାଶ କରିଛନ୍ତି । ଉକ୍ତ କମିଟିରେ ଉପସଭାପତି ଭାବେ ଜୟଶ୍ରୀ ପଟ୍ଟନାୟକ, ଦେବାସ୍ମିତା ସାମଲ, ଯବାମଣି ଟୁଡୁ, ସୁନିତା ବିଶ୍ୱାଳ, ବିଶ୍ୱକଲ୍ୟାଣି କର, ଦ୍ରୌପଦୀ ମାଝୀ, ପ୍ରତିମା ମଲ୍ଲିକ, ଅନିତା ନାୟକ, ସ୍ୱର୍ଣ୍ଣପ୍ରଭା ପେଶାୟତ, ପ୍ରଣତୀ ମିଶ୍ର ରହିଥିବାବେଳେ ସାଧାରଣ ସମ୍ପାଦୀକା ଭାବେ ବାସନ୍ତୀ ସାମଲ, ହାରାବତି ଗଣ୍ଡ, ଶ୍ରୀୟାସ୍ମିତା ପଣ୍ଡା, ଗୋରେତୀ ଏକ୍କା, ପ୍ରୀତିଛନ୍ଦା କୈବଲ୍ୟ ନାୟକ, ଦିପ୍ତିରାଣୀ ପ୍ରଧାନ, ଅମିଶା ସାମନ୍ତରାୟ, ଲିଜାରାଣି ରାଉତ, ନିରୁପମା ପାତ୍ର, ସୁପ୍ରଭା ବରାଇ, ଶ୍ରୀୟା ମହାନ୍ତି, ବନ୍ଦିତା ମହାନ୍ତି, ସୁଭସ୍ମିତା ଦାସ, ଏଲିସ୍ ମିଞ୍ଜ, ପିଙ୍କି କଅଁର, ପ୍ରଗତି ନାୟକ, ସୁରଭି ବିଷୋୟୀ, ମଞ୍ଜୁଶ୍ରୀ ମିଶ୍ର, ମୀରା ମଣ୍ଡଳ, ଇସ୍ରାତ ଜାହାନ, ଲିଜାରାଣୀ ରାଉତ, ସୁନିତା ଲାକ୍ରା ରହିଛନ୍ତି । ଅନୁରୂପ ଭାବେ ସମ୍ପାଦକ ଭାବେ ବିନତୀ ପଢ଼ିଆରୀ, ମୋତୀ କୈବର୍ତ୍ୟ, ଦେବସ୍ମିତା ସାହୁ, ନନ୍ଦୀ ଗୌରୀ, ମାଳତୀ ନାୟକ, ଜ୍ୟୋତି ଲାକ୍ରା, ନନ୍ଦିନି ଲାକ୍ରା, ସବିତା ଚାନ୍ଦ, ରୀନା ବେହେରା, ମାମିନା ଭୂୟା, ସ୍ୱସ୍ତିକ ପଣ୍ଡା, ନମିତା ମାଝୀ, ମାମିନା ପାତ୍ର, ସୁଦୀପ୍ତା ଦାସ, ମହେନ୍ଦ୍ରୀ ସାହୁ, ଚୈତାଳି ପଟ୍ଟନାୟକ, ଗୌରୀ ବିଶୋୟୀ, କବିତା ପ୍ରିୟଦର୍ଶନୀ ଦାସ, ମିନତୀ ରାଉତ, ପ୍ରଜ୍ଞା ପି. ବେହେରା, ପ୍ରତିମା ପଣ୍ଡା, ସିଲି ସେଠୀ, ସୁନିତା ବାଗ, ରଞ୍ଜିତା ଜୋଷି, ତ୍ରିଷ୍ଣା ରୟ, ମନୋରମା ଖଟୁଆ, ଉଷାରଞ୍ଜନ ମହନ୍ତ, ରଞ୍ଜିତା ନାୟକ, ଜ୍ୟୋଷ୍ଣା ସେନାପତି, ବୁକ୍ଲି ସେଠ, ମୀନାକ୍ଷି ପ୍ରଧାନୀ, ସ୍ୱର୍ଣ୍ଣଲତା ବାନାରା, ଲିପିକା ପାଲ, ନିରୁପମା ବେହେରା, ନଳିମା ଅଗ୍ରୱାଲ, ବଂଶିଧର ସାମନ୍ତରାୟ, ରଞ୍ଜିତା ହେମ୍ବ୍ରମ୍, ନିନି ବୁଦ୍, ପ୍ରତିମା ନାୟକ, ଲକ୍ଷ୍ମୀ ସବର, ସୁଦେଷ୍ଣା ପଣ୍ଡା, ଜ୍ୟୋତି ତାଲୁଜା, ଜୟସ୍ମିତା ମହାନ୍ତି, ପୂର୍ଣ୍ଣିମା ବେହେରା, ରୀନା ବେହେରା ରହିଛନ୍ତି ।

# ସମ୍ ନର୍ସିଂ କଲେଜର ସ୍ୱତନ୍ତ୍ର ଶିବିର ଆୟୋଜିତ




ଭୁବନେଶ୍ୱର,୧୧।୧୦ (ମହାଭାରତ): ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ସମ ନର୍ସିଂ କଲେଜ (ଏସ୍ଏନ୍ସି)ର ଏନ୍ଏସ୍ଏସ୍ ଶାଖା ପକ୍ଷରୁ ସେପ୍ଟେମ୍ବର ୨୧ ରୁ ୨୭ ତାରିଖ ପର୍ଯ୍ୟ' ଏକ ସପ୍ତାହ ବ୍ୟାପୀ ଖୋର୍ଦ୍ଧା ଜିଲ୍ଲା ଅ'ର୍ଗତ ଛତାବର ଗ୍ରାମରେ ଏକ ସ୍ୱତନ୍ତ୍ର ଶିବିରର ଆୟୋଜନ କରାଯାଇଥିଲା । ଏହି ଶିବିରର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ସୋଆ ଛାତ୍ର ମଙ୍ଗଳ ଡିନ୍ ପ୍ରଫେସର ଜ୍ୟୋତି ରନ ଦାସ, ଏନ୍ଏସ୍ଏସ୍ ଶାଖାର କାର୍ଯ୍ୟକ୍ରମ ସଂଯୋଜକ ଡକ୍ଟର କମଳ ଲୋଚନ ମହ', କାର୍ଯ୍ୟକ୍ରମ ଅଧିକାରୀ ସୁଶ୍ରୀ ଇତିଶ୍ରୀ ପ୍ରଧାନ, ସୁଶ୍ରୀ ସୁଜ୍ୟୋସ୍ନା ଜେନା ଏବଂ ଡକ୍ଟର ଭୀମସେନ ଭୋଳ ପ୍ରମୁଖ ଯୋଗ ଦେଇଥିଲେ । ଉଦ୍‌ଘାଟନୀ କାର୍ଯ୍ୟକ୍ରମ ପରେ ଏନ୍ଏସ୍ଏସ୍ ସ୍ୱେଚ୍ଛାସେବୀମାନେ ଛତାବର ଗ୍ରାମର ଘର ଘର ବୁଲି ସଫେଇ ସମ୍ପର୍କିତ ସଚେତନତା ବାର୍ତା ଜଣାଇଥିଲେ । ଏହା ଛଡ଼ା ଏନ୍ଏସ୍ଏସ୍ ସ୍ୱେଚ୍ଛାସେବୀମାନେ ଛତାବର ସ୍ଥିତ ସାଇ ସରସ୍ୱତୀ ମନ୍ଦିରରେ ଗ୍ରାମର ମହିଳାମାନଙ୍କ ମଧ୍ୟରେ ପରିମଳ ସମ୍ପର୍କରେ ସଚେତନତା ସୃଷ୍ଟି କରିବା ସହ ଛାତ୍ରଛାତ୍ରୀମାନଙ୍କ ପାଇଁ ହାତ ପରିଷ୍କାର କାର୍ଯ୍ୟକ୍ରମ କରିଥିଲେ । ଛତାବର ଗ୍ରାମର ରାସ୍ତାକୁ ସଫା କରିବା ସହ ଏକ ସଫେଇ ଅଭିଯାନ ମଧ୍ୟ ଆୟୋଜନ କରାଯାଇଥିଲା ।

# ୩ ବର୍ଷର ଉନ୍ନୟନ ଭିଜନ ଚିଠା ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶ

ଭୁବନେଶ୍ୱର,୧୧।୧୦ (ମହାଭାରତ): ଆଜି ପୂର୍ବାହ୍ନରେ ଜିଲ୍ଲାପରିଷଦ ନୂତନ ସମ୍ମିଳନୀ କକ୍ଷରେ ଜିଲ୍ଲା ଉନ୍ନୟନ ସମନ୍ୱୟ ଏବଂ ପରିଚାଳନା କମିଟି ବୈଠକ ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ ଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଅଛି । ଉକ୍ତ ବୈଠକରେ ବିଧାୟକ, ବେଗୁନିଆ । ପ୍ରଦୀପ କୁମାର ସାହୁ, ଜିଲ୍ଲାପାଳ ଏବଂ ଜିଲ୍ଲା ମାଜିଷ୍ଟ୍ରେଟ ଅମ୍ରିତ ରତୁରାଜ, ବନଖଣ୍ଡ ଅଧିକାରୀ, ଖୋର୍ଦ୍ଧା ଲାଡେ ଗଜାନନ ଦୟାନନ୍ଦ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ଜ୍ୟୋତି ଶଙ୍କର ସାହୁ, ମାନ୍ୟବର ସାଂସଦ, ପୁରୀଙ୍କ ପ୍ରତିନିଧି ଶ୍ରୀଯୁକ୍ତ ପର୍ଶୁରାମ ବିଶୋଇ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ଜିଲ୍ଲାପାଳ ସ୍ୱାଗତ ଭାଷଣ ପ୍ରଦାନ କରିବାସହ ପୂର୍ବ ଅନୁଷ୍ଠିତ ବୈଠକରେ ପ୍ରସ୍ତାବ ଗୁଡ଼ିକର




ଅନୁପାଳନ ଉପରେ ଆଲୋଚନା କରିଥିଲେ ।ପରେ ମାନ୍ୟବର ସାଂସଦ ଅପରାଜିତା ଷଡ଼ଙ୍ଗୀ ୪୩ ଗୋଟି କେନ୍ଦ୍ର ସରକାର ଓ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପୃଷ୍ଠପୋଷକ ଅଗ୍ରଣୀ ଜନକଲ୍ୟାଣ ଯୋଜନାର ସମ୍ପୃକ୍ତ ଅଧିକାରୀ ଓ ବି ଡି ଓ ମାନଙ୍କ ସହ ପୁଙ୍ଖାନୁପୁଙ୍ଖ ଭାବେ ସମୀକ୍ଷା କରିଥିଲେ ।ସାଂସଦ ଶ୍ରୀମତୀ ଷଡ଼ଙ୍ଗୀ କହିଥିଲେ ପ୍ରତି ୩ ମାସରେ ଦିଶା ବୈଠକ ବସିବ । ଏହା ଏକ ଗୁରୁତ୍ୱ ପୂର୍ଣ୍ଣ ବୈଠକ ହୋଇଥିବାରୁ ପ୍ରତ୍ୟେକ ଅଧିକାରୀ ମାନେ ନିଶ୍ଚିତ ଭାବେ ତଥ୍ୟ ନେଇ ବୈଠକକୁ ଆସିବାକୁ ତାଗିଦ୍ କରିଥିଲେ । ପ୍ରତ୍ୟେକ ଯୋଜନାର ଭିତ୍ତିଭୂମି ଓ ଅଗ୍ରଗତି ଲୋକଙ୍କ ପାଖରେ କେତେ ମାତ୍ରାରେ ଯୋଜନା ପହଞ୍ଚିଛି ସେ ସମ୍ବନ୍ଧରେ ଅଧିକାରୀମାନେ ସ୍ପଷ୍ଟ ତଥ୍ୟ ବୈଠକରେ ଉପସ୍ଥାପନ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଆଗାମୀ ୨୦୨୬ ମସିହା ଜାନୁୟାରୀ ମାସରେ ଅନୁଷ୍ଠିତ ହେବାକୁ ଥିବା ବୈଠକରେ ଅଧିକାରୀ ମାନେ ପ୍ରତ୍ୟେକ ଯୋଜନାର ଭୌତିକ ଓ ଆର୍ଥିକ ଧାର୍ଯ୍ୟ କେତେ ହାସଲ ମିଳିଛି ସେ ସମ୍ବନ୍ଧରେ ବିସ୍ତୃତ ତଥ୍ୟ ପ୍ରଦାନ କରିବେ । ଭାରତୀୟ ରାଜ ମାର୍ଗ ପ୍ରାଧିକରଣ, ଗ୍ରାମ୍ୟ ଉନ୍ନୟନ, କୃଷି ଏବଂ ଉଠା ଜଳ ସେଚନ ନିଗମ ଅଧିକାରୀ ମାନେ ସେମାନଙ୍କ ପ୍ରକଳ୍ପ ଗୁଡ଼ିକର କାର୍ଯ୍ୟ ତୁରନ୍ତ ଶେଷ କରିବାକୁ ସାଂସଦ ଶ୍ରୀମତୀ ଷଡ଼ଙ୍ଗୀ ନିର୍ଦ୍ଦେଶ ଦେଇଥିଲେ । ପ୍ରଧାନ ମନ୍ତ୍ରୀ ଆବାସ ଯୋଜନା (ଗ୍ରାମୀଣ)ଏବଂ (ସହରୀ) ଯୋଜନା, ଜାତୀୟ ସ୍ୱାସ୍ଥ୍ୟ ମିଶନ ଯୋଜନାର ର ଆସନ୍ତା ତିନିବର୍ଷର ସଂପୃକ୍ତ ଅଧିକାରୀ ମାନେ କାର୍ଯ୍ୟ ରାସ୍ତା (ରୋଡ ମ୍ୟାପ) ମାନଚିତ୍ର ଆସନ୍ତା ୨୫ ତାରିଖ ସୁଦ୍ଧା ଦେବାକୁ ସାଂସଦ ନିର୍ଦ୍ଦେଶ ଦେଇଥିଲେ । ସାଂସଦ କହିଥିଲେ ପ୍ରଧାନମନ୍ତ୍ରୀଙ୍କ ବିକଶିତ ଭାରତ ଓ ବିକଶିତ ଓଡ଼ିଶା ଗଢ଼ିବାକୁ ଯେଉଁ ଅଗ୍ରଣୀ ଯୋଜନା ହିତାଧିକାରୀଙ୍କ ଘରେ ପହଞ୍ଚିବା ଦରକାର ତାହା ହେଲା ପ୍ରଧାନ ମନ୍ତ୍ରୀ ଆବାସ ଯୋଜନା, ଗ୍ରାମୀଣ ଏବଂ ସହରୀ, ଶୌଚାଳୟ,ଏଲ ପି ଜି ଗ୍ୟାସ ସିଲିଣ୍ଡର, ବିଜୁଳି ଆଲୋକ, ବିଶୁଦ୍ଧ ପାନୀୟ ଜଳ ଏବଂ ଗ୍ରାମୀଣ ସଂଯୋଗୀକରଣ ରାସ୍ତା ଦିଗରେ ସଂପୃକ୍ତ ବିଭାଗୀୟ ଅଧିକାରୀ ମାନେ ଏହି ସେବାକୁ ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ ଦେଇଥିଲେ ।

# ବିହାରରେ ବିଗ ଫାଇଟ

ହାର ବିଧାନସଭା ନିର୍ବାଚନ ପାଇଁ କାର୍ଯ୍ୟସୂଚୀ ଘୋଷଣା ହୋଇଛି । ନଭେମ୍ବର ୬ ଓ ୧୧ ତାରିଖରେ ଦୁଇଟି ପର୍ଯ୍ୟାୟରେ ଏଥିଲାଗି ଭୋଟ ଗ୍ରହଣ କରାଯିବ । ନଭେମ୍ବର ୧୪ରେ ସବୁ ଆସନର ଭୋଟ ଗଣତି ଏକ ସଙ୍ଗେ କରାଯିତ ଏବଂ ସେହିଦିନ ରାତି ସୁଦ୍ଧା ସମସ୍ତ ଆସନର ଫଳାଫଳ ପ୍ରକମା ପାଇଯିବ ବୋଲି ଆଶା କରାଯାଉଛି । ଏହା ସହିତ ବିହାର ଜନାଦେଶ କାହା ସପକ୍ଷରେ ଯାଇଛି ତାହା ସ୍ପଷ୍ଟ ହୋଇଯିବ । ଗତ ବହୁ ବର୍ଷ ହେବ ରାଜ୍ୟରେ ଲାଲୁ ପ୍ରସାଦ ଯାଦବଙ୍କ ନେତୃତ୍ୱାଧିନ ଆରଜେଡି ଏ୧ବଂ ନୀତିଶ କୁମାରଙ୍କ ସଂଯୁକ୍ତ ଜନତା ଦଳ ବା ଜେଡିୟୁ ମଧ୍ୟରେ ମୁକାବିଲା ହେଉଛି । ଉଭୟ ନେତା ଜୟପ୍ରକାଶ ନାରାୟଣଙ୍କ ସମ୍ପୂର୍ଣ୍ଣ କ୍ରାନ୍ତି ଆନ୍ଦୋଳନରୁ ନିଜ ରାଜନୈତିକ ଜୀବନ ଆରମ୍ଭ କରିଛନ୍ତି । ଏକଦା ଉଭୟେ ଅବିଭକ୍ତ ଜନତା ଦଳର ସଭ୍ୟ ଥିଲେ । କିନ୍ତୁ ସମୟକ୍ରମେ ଉଭୟେ ପରସ୍ପରର ପ୍ରତିଦ୍ୱନ୍ଦ୍ୱି ହୋଇଗଲେ । ଜେଡିୟୁ ସହିତ ବିଜେପି, ଚିରାଗ ପାଶ୍ୱାନଙ୍କ ନେତୃତ୍ୱାଦ୍ଵନ ଲୋକଜନ ଶକ୍ତି ପାର୍ଟୀ (ରାମ ବିଳାସ ପାଶ୍ୱାନ) ଏବଂ ପୂର୍ବତନ ମୁଖ୍ୟମନ୍ତ୍ରୀ ଜିତନ ରାମ ମାନଝୀଙ୍କ ନେତୃତ୍ୱାଧିନ ହିନ୍ଦୁସ୍ତାନ ଆୱାମ ମୋର୍ଚ୍ଚା ରହିଛନ୍ତି । ଏହି ୪ ଦଳକୁ ।ନେଇ ଗଠିତ ହୋଇଛି ଏନଡିଏ । ଏନଡିଏର ମୁକାବିଲା କରୁଛି କଂଗ୍ରେସ, ଆରଜେଡି ଏବଂ ସିପିଆଇ(ଏମଏଲ) ତଥା ଅନ୍ୟ କିଛି ଛୋଟ ଛୋଟ ଦଳକୁ ନେଇ ଗଠିତ ମହାମେଣ୍ଟ । ଏଥର ମଧ୍ୟ ବିହାର ବିଧାନସଭା ନିର୍ବାଚନରେ ଏହି ଦୁଇ ମେଣ୍ଟ ମଧ୍ୟରେ ମୁକାବିଲା ହେଉଛି । ଅନ୍ୟ କିଛି ଛୋଟ ଛୋଟ ଦଳ ମଧ୍ୟ ନିର୍ବାଚନ ମଇଦାନରେ ଅଛନ୍ତି । ଏହି ସବୁ ଛୋଟ ଛୋଟ ଦଳ ମଧ୍ୟରେ ରହିଛନ୍ତି ଅସାଦୁଦ୍ଦିନ ଓୱେସିଙ୍କ ଏଆଇଏମଆଇଏମ, ନିର୍ବାଚନ ରଣନୀତି ବିଶାରଦ ଭାବେ ପରିଚିତ ପ୍ରଶାନ୍ତ କିଶୋରଙ୍କ ଜନସୁରାଜ ପାର୍ଟି ଏବଂ କିଛି ବାମପନ୍ଥୀ ଦଳ । ଜେଏମଏମ ଏବଂ ପଶୁପତି ପାରସଙ୍କ ନେତୃତ୍ୱାଧୀନ ଏଲଜେପି ମହାମେଣ୍ଟରେ ସାମିଲ ହୋଇଛନ୍ତି । ଜନସୁରାଜ ପାର୍ଟି ଓ ଏଆଇଏମଆଇଏମ ଭଳି ଛୋ ଛୋଟ ଦଳର ପ୍ରଭାବ ବିଶେଷ ନାହିଁ । ସେମାନେ ସରକାର ଗଠନ କରିବାର ସମ୍ଭାବନା ଶୂନ କହିଲେ ଭୁଲ ହେବନି । କିନ୍ତୁ କିଛି ଆସନରେ ସେମାନେ ଭୋଟ ବିଭାଜନ କରି ଫଳାଫଳକୁ ପ୍ରଭାବିତ କରିପାରନ୍ତି ବୋଲି କୁହାଯାଉଛି । ଏମାନେ ଯେଉଁ ଭୋଟ ପାଇବେ ତାହା ସରକାର ବିରୋଧୀ ଭୋଟ ବା ମହାମେଣ୍ଟର  ଭୋଟ କାଟିବ । ଅନେକ ସ୍ଥାନରେ ଏନଡିଏ ଓ ମହାମେଣ୍ଟ ମଧ୍ୟରେ ଭୋଟ ବ୍ୟବଧାନ କୁବ କମ ରହିପାରେ । ସେଭଳି କ୍ଷେତ୍ରରେ ଏହିସବୁ ଛୋଟ ଛୋଟ ଦଳ ନିର୍ଣ୍ଣାୟକ ଭୂମିକା ନେବେ । ଗତ ଥର ଏଆଇଏମଆଇଏମ ଯୋଗୁ ଆରଜେଡି ୨୦ରୁ ୧୫ଟି ଆସନ ହରାଇଥିଲା । ସେହିପରି ଚିରାଗ ପାଶ୍ୱାନଙ୍କ ଏଲଜେପି ମେଣ୍ଟରୁ ବାହାରି ଅଧିକ ଆସନରେ ପ୍ରାର୍ଥୀ ଦେବା ହେତୁ ଜେଡିୟୁ ଅତି କମରେ ୩୦ଟି ଆସନ ହରାଇଥିଲା । ଏଥର ମଧ୍ୟ ଚିରାଗ ପାଶ୍ୱାନଙ୍କ ଭୂମିକା ନେଇ ସନ୍ଦେହ ରହିଛି । ସେ ୪୦ଟି ଆସନ ଦାବି କରୁଥିବା ବେଳେ ତାଙ୍କୁ ୨୦ଟି ଆସନ ଛଡ଼ାଯିବ ବୋଲି ଏନଡିଏ ପକ୍ଷରୁ କୁହାଯାଇଛି । ୨୪୩ ଆସନ ବିଶିଷ୍ଟ ବିହାର ବିଧାନସଭା ନିର୍ବାଚନରେ ଗତ ଥର ଆରଜେଡି ୭୫ ବିଜେପି ୭୩ ଏବଂ ଜେଡିୟୁ ୪୩ ଆସନରେ ବିଜୟୀ ହୋଇଥିଲା । କିନ୍ତୁ ମେଣ୍ଟର ସର୍ତ୍ତ ଅନୁଯାୟୀ ନୀତିଶ କୁମାରଙ୍କୁ ମୁଖ୍ୟମନ୍ତ୍ରୀ କରାଗଲା । ନୀତିଶଙ୍କୁ ସମର୍ଥନ ବ୍ୟତିତ ବିଜେପି ନିକଟରେ ଆଉ କିଛି ଉପାୟ ନଥିଲା । ଏଥର ମଧ୍ୟ ବିହାରରେ ନୀତିଶ କୁମାର ଓ ଆରଜେଡି ନେତା ତେଜସ୍ୱୀ ଯାଦବଙ୍କ ମଧ୍ୟରେ ମୁଖ୍ୟମନ୍ତ୍ରୀ ପଦ ନିମନ୍ତେ ମୁକାବିଲା ହେବ । ବିହାରବାସୀ ପୁନର୍ବାର ନୀତିଶଙ୍କ ଉପରେ ଭରସା ରଖୁଛନ୍ତି ନା ଯୁବ ନେତା ତେଜସ୍ୱୀ ଯାଦବଙ୍କୁ ଥରେ ସୁଯୋଗ ଦେବାକୁ ନିଷ୍ପତ୍ତି ନେବେ ତାହା ନଭେମ୍ବର ୧୪ରେ ଜଣାପଡ଼ିବ ।

# ଫୋନରେ ଅଭ୍ୟାସଗତ ବ୍ୟସ୍ତତା : 'ଫବିଙ୍ଗ'

**॥ ଗୋପବନ୍ଧୁ ॥**

*ଆଜିର ବ୍ୟସ୍ତ ବହୁଳ ସମୟରେ ଦେଖନ୍ତୁ ଜଣେ ନିଜକୁ ଚାହିଁଲେ ବି ସହଜରେ ମୋବାଇଲର ଏହି ତଥାକଥିତ ଫବିଙ୍ଗ ମାନସିକତାରୁ ନିଜକୁ ଦୂରେଇ ପାରୁନାହିଁ । ଏହା ନିଶ୍ଚିନ୍ତ ଭାବରେ ଏକ ପ୍ରକାର ଅହେତୁକ ବିକୃତି । ଭଗବାନଙ୍କ ପ୍ରଦତ୍ତ ସୃଷ୍ଟିରେ ଆମ ସମସ୍ତଙ୍କୁ ନିଜ ନିଜ ରୁଟିନ ବନ୍ଧା ଦୈନନ୍ଦିନ ଜୀବନ ଭିତରେ ବିଭିନ୍ନ କାର୍ଯ୍ୟ କରିବାକୁ ପଡ଼ିଥାଏ । ଖାଇବା, ଶୋଇବା, ଅବସର ବିନୋଦନ, ନିଜ ବ୍ୟକ୍ତିଗତ କାର୍ଯ୍ୟ, ନିଜ କର୍ମ ସଂସ୍ଥାନର ଦାୟିତ୍ୱ, ପାରିବାରିକ ଦାୟିତ୍ୱ ସହ ଅନ୍ୟାନ୍ୟ ଆନୁସଙ୍ଗିକ ଜୀବନର କର୍ତ୍ତବ୍ୟବୋଧ ମଧ ରହିଛି ।*

ଆଜିକାଲି ଏକ ପ୍ରକାର ଦୁନିଆ ତ ସହଯେ ମୋବାଇଲକୁ ନେଇ ଯେତିକ ଆଲୋଚନା ରଖୁଛି ତାଠାରୁ ଆଉ ଏକ ଆଶ୍ଚର୍ଯ୍ୟଜନକ ଘଟଣା ହେଉଛି ଆପଣମାନଙ୍କ ଆଖି ସାମ୍ନାରେ ବସିଥିବା ଲୋକଟି ଯଦି କଥାବାର୍ତ୍ତା ହେଉଥିବା ସମୟରେ ମଧ ମୋବାଇଲକୁ ନେଇ ଅନ୍ୟମନସ୍କ ହେଉଥିବା । କେବଳ ସେତିକି ନୁହେଁ ଖାଇବା ପିଇବା ହେଉ ବା ଦୈନନ୍ଦିନ ରୁଟିନ କାର୍ଯ୍ୟ ଏହି ସମୟରେ ଜଣେ ନିର୍ଦ୍ଦିଷ୍ଟ କାର୍ଯ୍ୟପ୍ରତି ଧ୍ୟାନ ନଦେଇ ଫୋନରେ ବ୍ୟସ୍ତ ରହିବାକୁ ବାସ୍ତବରେ ଫବିଙ୍ଗ ସମସ୍ୟା କୁହାଯାଏ । ନିକଟରେ ଜର୍ଜିଆ ବିଶ୍ୱବିଦ୍ୟାଳୟରେ ଏ ସମ୍ପର୍କରେ କରାଯାଇଥିବା ଗବେଷଣାରୁ ପ୍ରକାଶ ଯେ ଫବିଙ୍ଗ ପରି ବ୍ୟବହାର ମାନସିକ ସ୍ୱାସ୍ଥ୍ୟକୁ ପ୍ରଭାବିତ କରିବା ସହ ଅବସାଦ ଏବଂ ଉଦ୍‌ବିଗ୍ନତା ପରି ଅସୁସ୍ଥତାର କାରଣ ହୋଇପାରେ । ଏହି ରିପୋର୍ଟ 'ବିହେଭିୟର ଆଣ୍ଡ ଇନ୍‌ଫର୍ମେସନ ଟେକ୍‌ନୋଲୋଜି'ରେ ପ୍ରକାଶ କରାଯାଇଛି । ଏହା ସତ୍ୟ ଯେ ସ୍ମାର୍ଟଫୋନ ଗୁଡ଼ିକ ମଣିଷକୁ ଗୋଟିଏ ସମୟରେ ଏକାଧିକ କାର୍ଯ୍ୟ କରିପାରିବାରେ ସହାୟକ ହେଉଛନ୍ତି, ତେବେ ଏହା ସାମାଜିକ ଜୀବନ ପ୍ରତି କ୍ଷତିକାରକ ପ୍ରମାଣିତ ହୋଇଚାଲିଛି । ମଣିଷକୁ ଆଡ଼େଇ ଫୋନରେ ନିଜକୁ ବ୍ୟସ୍ତ ରଖିବା ଉଭୟ ସାମାଜିକ ଏବଂ ମାନସିକ ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ଜାଣି ସୁଦ୍ଧା ଅନେକେ ଏପରି ବ୍ୟବହାର ପ୍ରଦର୍ଶନ କରିବା ଦୁର୍ଭାଗ୍ୟଜନକ ବୋଲି ଗବେଷକମାନେ କହୁଛନ୍ତି । ସାଇନ୍ସ ଡାଇରେକ୍ଟ ପତ୍ରିକାରେ ପ୍ରକାଶିତ ରିପୋର୍ଟ ଅନୁସାରେ, ଫବିଙ୍ଗ ଲୋକମାନଙ୍କର ମୁହାଁମୁହିଁ କଥାବାର୍ତ୍ତା ବା ସାକ୍ଷାତ ଆଲୋଚନାର ଦକ୍ଷତା କମାଇ ଦିଏ । ଏହା ମଧ ପାରିବାରିକ ବିଶେଷକରି ବୈବାହିକ ଜୀବନ ଉପରେ ନକାରାତ୍ମକ ପ୍ରଭାବ ପକାଏ । କାରଣ ପାରିବାରିକ ଜୀବନ ସୁଖଦୁଃଖ, ଭଲମନ୍ଦ ଓ ଦୈନନ୍ଦିନ ଘଟଣା ପ୍ରବାହକୁ ନେଇ କିଛି ସମୟ ଯାହା ବିତେଇବା କଥା ତାହା ଏହି ଫବିଙ୍ଗ ପାଇଁ ହିଁ ଏକ ପ୍ରକାର ନଷ୍ଟ ହୋଇଯାଏ । ଏହା ମଧ ଏକ ଆଶ୍ଚର୍ଯ୍ୟକର ଘଟଣା ଯେ ନିତିଦିନ ଜୀବନରେ ମଣିଷ ନିଜ ଲୋକମାନଙ୍କ ପାଇଁ ଆଉ ସମୟ କାଢ଼ି ପାରୁନାହିଁ । ସୂଚନା ପ୍ରଯୁକ୍ତିର ଅତ୍ୟାଧୁନିକ ମୋବାଇଲ ଯେ ସେମାନଙ୍କ ଜୀବନକୁ କେତେ ଦୁର୍ବିସହ କରିଦେଉଛି ଏହା ସବୁଠାରୁ ବଡ଼ ପ୍ରମାଣ । ଆମ୍ଭେମାନେ ଜାଣୁଛେ ଯେ କଥାବାର୍ତ୍ତା ହେବା ଯାହା ମୋବାଇଲରେ କଥାବାର୍ତ୍ତା ହେବା ତାହାନୁହେଁ ବା ଆଜିର ସମୟର ହ୍ୱାଟସପ୍ ଚାଟିଂ ବି ସେୟା ନୁହେଁ ତାହା ସତ୍ତ୍ୱେ ଦୈନନ୍ଦିନ ଜୀବନରେ ଆମ ମାନଙ୍କ ସମୟ ଏହିପରି ଭାବେ କମି କମି ଯାଉଛି ନିଜ ଲୋକମାନଙ୍କ ପାଇଁ ଏବଂ ଆଖପାଖର ଓ ପରିଚିତ ମଣିଷମାନଙ୍କ ପାଇଁ ।

ସାଧାରଣରେ ଆମେ ଆଲୋଚନା କରୁଥିବା ଏହି ଫବିଙ୍ଗ ବାସ୍ତବିକ ବର୍ତ୍ତମାନ ସମୟ ପାଇଁ ଏକ ଅତ୍ୟନ୍ତ ମନସ୍ତାତ୍ତ୍ୱିକ ଘାତକ ସମସ୍ୟା । ଏକ ଅଷ୍ଟ୍ରେଲୀୟ ବିଜ୍ଞାପନ ସଂସ୍ଥା ଫୋନ ଏବଂ ସ୍ନବିଙ୍ଗ ଦୁଇଟି ଶବ୍ଦକୁ ମିଶାଇ ଫବିଙ୍ଗ ଶବ୍ଦ ଆଣିବା ପରେ ୨୦୧୨ରୁ ଏହାର ନକାରାତ୍ମକ ପ୍ରଭାବ ଚର୍ଚ୍ଚାକୁ ଆସିଥିଲା । କିଛିଦିନ ତଳେ ବିଶ୍ୱର ଏକ ସ୍ୱାସ୍ଥ୍ୟ ଜର୍ଣ୍ଣାଲ ଏକ ବିଶେଷ ରିପୋର୍ଟ ପ୍ରକାଶ କରିଥିଲେ । ନିଜର ବିଶେଷ ଅନୁଭୂତି ପରେ କେଣ୍ଟ ବିଶ୍ୱବିଦ୍ୟାଳୟର ଗବେଷକ ବରୋଥ ଶୋତ୍‌ପିତାୟସୁନୋନ୍ଧ ଫବିଙ୍ଗ ସମ୍ପର୍କରେ ଗବେଷଣା କରିଥିଲେ । ସେ ଜାଣିବାକୁ ପାଇଲେ ଯେ ଏହା ଫୋନ ବ୍ୟବହାରକାରୀଙ୍କ ମାନସିକ ସ୍ଥିତି ଏବଂ ସାମାଜିକ ସମ୍ପର୍କ ଉଭୟ ଉପରେ ଯଥେଷ୍ଟ ନକାରାତ୍ମକ ପ୍ରଭାବ ପକାଉଛି । ନିଜ ଅନୁଭୂତିରୁ ବରୋଥ କହନ୍ତି ବହୁତ ଦିନ ପରେ ଏକ ଲମ୍ବା ଛୁଟି ମିଳିବାରୁ ସେ ସ୍କୁଲ ବେଳର ସାଙ୍ଗମାନଙ୍କ ସହ ଥାଇଲାଣ୍ଡର ପ୍ରାକୃତିକ ସୌନ୍ଦର୍ଯ୍ୟଭରା ଅଞ୍ଚଳ ବୁଲିବାକୁ ବାହାରିଲେ । ଗତ ୧୦ ବର୍ଷ ହେବ ସାଙ୍ଗମାନେ କେହି କାହାକୁ ଭେଟି ନଥିଲେ । ଏହି ଭ୍ରମଣକୁ ନେଇ ବେଶ ଉତ୍ସାହିତ ଥିଲେ ବରୋଥ । ତେବେ ତିନିଦିନ ଏବଂ ଦୁଇରାତିର ଏହି କାର୍ଯ୍ୟକ୍ରମ ବରୋଥଙ୍କୁ ଖୁବ ନିରାଶ କରିଥିଲା । ତାଙ୍କ ସାଙ୍ଗମାନେ ପରସ୍ପର ସହ ଥାଇ ବି ନଥିବା ପରି ଥିଲେ । ସମସ୍ତଙ୍କ ଆଖି ସେମାନଙ୍କ ସ୍ମାର୍ଟଫୋନରେ ଲାଖି ରହିଥିଲା । ଫେରିବା ପରେ ବରୋଥଙ୍କ ମନରେ ଗୋଟିଏ ପ୍ରଶ୍ନ ରହିଥିଲା । ଯଦି ବିଶ୍ୱର ଅଧିକାଂଶ ମଣିଷ ଏପରି ବ୍ୟବହାର ପ୍ରଦର୍ଶନ କରନ୍ତି ଏହାପରେ ସେ ମଣିଷର ଏଭଳି ମାନସିକତାକୁ ନେଇ ଗବେଷଣା ଆରମ୍ଭ କରିଥିଲେ । ଏଥିରେ ସେ ଜାଣିଥିଲେ ଯେ ଏହି ଫବିଙ୍ଗ ନାମକ ବ୍ୟବହାର ଦ୍ୱାରା ସାମ୍ନାରେ ଆଲୋଚନା ପାଇଁ ବସିଥିବା ବ୍ୟକ୍ତିଜଣକ କମ ସନ୍ତୁଷ୍ଟ ହୋଇଥାନ୍ତି । ସେ ଯାହା ସହିତ କଥା ହେବାକୁ ଆସିଥାନ୍ତି, ତାଙ୍କ ଉପରେ ତାଙ୍କର ବିଶ୍ୱାସ କମିଯାଏ । ଏପରିକି ଉକ୍ତ ବ୍ୟକ୍ତିଙ୍କ ମନରେ ନୈରାଶ୍ୟ ଆସିପାରେ । ଫବିଙ୍ଗ ପରିବେଶ ଏବଂ ସମ୍ପର୍କରେ ନକାରାତ୍ମକତା ବଢ଼ାଇ ଦିଏ । ଥାଇଲାଣ୍ଡ, ଏସୀୟ ତଥା ୟୁରୋପୀୟ ଦେଶର ମୋବାଇଲ ବ୍ୟବହାରକାରୀଙ୍କ ଆଚରଣରେ ଯଥେଷ୍ଟ ପାର୍ଥକ୍ୟ ଥିବା ବରୋଥ ଜଣାଇଛନ୍ତି । ଥାଇଲାଣ୍ଡରେ ଲୋକେ ଦିନକୁ ପ୍ରାୟ ପାଞ୍ଚଘଣ୍ଟା ମୋବାଇଲ ଫୋନରେ ଲାଗିଥିବା ବେଳେ ଇଂଲଣ୍ଡରେ ଏହି ସମୟ ଅଢ଼େଇ ଘଣ୍ଟା ।

ଆଜିର ବ୍ୟସ୍ତ ବହୁଳ ସମୟରେ ଦେଖନ୍ତୁ ଜଣେ ନିଜକୁ ଚାହିଁଲେ ବି ସହଜରେ ମୋବାଇଲର ଏହି ତଥାକଥିତ ଫବିଙ୍ଗ ମାନସିକତାରୁ ନିଜକୁ ଦୂରେଇ ପାରୁନାହିଁ । ଏହା ନିଶ୍ଚିନ୍ତ ଭାବରେ ଏକ ପ୍ରକାର ଅହେତୁକ ବିକୃତି । ଭଗବାନଙ୍କ ପ୍ରଦତ୍ତ ସୃଷ୍ଟିରେ ଆମ ସମସ୍ତଙ୍କୁ ନିଜ ନିଜ ରୁଟିନ ବନ୍ଧା ଦୈନନ୍ଦିନ ଜୀବନ ଭିତରେ ବିଭିନ୍ନ କାର୍ଯ୍ୟ କରିବାକୁ ପଡ଼ିଥାଏ । ଖାଇବା, ଶୋଇବା, ଅବସର ବିନୋଦନ, ନିଜ ବ୍ୟକ୍ତିଗତ କାର୍ଯ୍ୟ, ନିଜ କର୍ମ ସଂସ୍ଥାନର ଦାୟିତ୍ୱ, ପାରିବାରିକ ଦାୟିତ୍ୱ ସହ ଅନ୍ୟାନ୍ୟ ଆନୁସଙ୍ଗିକ ଜୀବନର କର୍ତ୍ତବ୍ୟବୋଧ ମଧ ରହିଛି । କିନ୍ତୁ ସମସ୍ତେ ଏହାକୁ ପାଳନ କରିପାରୁନାହାଁନ୍ତି । ଏହା ଦିନକୁ ଦିନ ଏପରି ଜଟିଳ ଆଡ଼କୁ ଜଣକୁ ମୁହାଁଉଛି ଯେ ପରବର୍ତ୍ତୀ ସମୟରେ ଏହା ତାର ସ୍ୱାସ୍ଥ୍ୟଗତ ଜୀବନ, ବ୍ୟକ୍ତିଗତ ଜୀବନ ଓ ଦାମ୍ପତ୍ୟ ଜୀବନକୁ ମଧ ପ୍ରଭାବିତ କରୁଛି । ଏହା ଜାଣିମଧ ଅଜଣା ଭାବେ ନିଜର କେତେ ଯେ ମାରାତ୍ମକ ଭୁଲ ଆମେ କରୁଛେ ତାହା ଜାଣିବା ତ ସହଜ ନୁହଁ । ଅନେକ ବିଭିନ୍ନ ବାହାନା ମଧ କରନ୍ତି କିନ୍ତୁ ଏହି ଘଣ୍ଟା ଘଣ୍ଟା ଧରି ଫବିଙ୍ଗର ବିକୃତ ଜୀବନ ଜଣକୁ ନୈରାଶ୍ୟ ଓ ଅବସାଦ ଭିତରକୁ ଠେଲି ଦେଇଥାଏ ସେମାନେ ଆଖପାଖର ଦୁନିଆକୁ ଭଲଭାବେ ବୁଝିପାରି ନଥାନ୍ତି ଆଉ ଅନେକଙ୍କ ବୁଝିଲାବେଳକୁ ନେଡିଗୁଡ଼ କହୁଣୀକୁ ବୋହିଯାଏ । ଘଣ୍ଟା ଘଣ୍ଟା ଧରି ମୋବାଇଲ ଦେଖିବା ଦ୍ୱାରା ପ୍ରଥମତଃ ଆଖି ଉପରେ ଚାପ ପଡ଼ିଥାଏ, ଦ୍ୱିତୀୟତଃ ସ୍ୱାଭାବିକ ଜୀବନ ଉପରେ ଏହା କିପରି ପ୍ରଭାବ ପକାଇଥାଏ ତାହା ଜଣେ ସହଜରେ ବୁଝିପାରିନଥାଏ । ଅନ୍ୟ ଜଣେ ବୁଝାଇଲେ ଏହା ସେମାନଙ୍କୁ ଅଡୁଆ ଓ ଅଶ୍ୱସ୍ତିକର ଲାଗିଥାଏ । ଦ୍ୱିତୀୟତଃ ନିଜର ସୃଜନଶୀଳ ଶକ୍ତି ବା ଚିନ୍ତାଶକ୍ତି ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଏ । ଏଥିରୁ ମୁକ୍ତି ପାଇବା ପାଇଁ ବାଟ ରହିଛି । ଜଣେ ଚାହିଁଲେ ଏଥିରୁ ନିଜକୁ ବଦଳାଇ ପାରିବ । ଜଣେ ସର୍ବପ୍ରଥମେ ଚିନ୍ତାକରୁ ମୁଁ ଯେଉଁମାନଙ୍କ ସହ ଜୀବନ ବିତାଉଛି ସେମାନଙ୍କ ସହିତ କେତେ ସମୟ ବ୍ୟକ୍ତିଗତ ସାମ୍ନାସାମ୍ନି ବସି କଥାବାର୍ତ୍ତା ହେଉଛି ? ଖାଇବାରୁ ଶୋଇବା ପର୍ଯ୍ୟନ୍ତ କେତେ ଘଣ୍ଟା ମୋବାଇଲରେ ନିଜକୁ ବ୍ୟସ୍ତ ରଖୁଛି । ରୁଟିନ୍ ଭିତରେ ଏକ ବଡ଼ ନିର୍ଘଣ୍ଟ ତିଆରି କରନ୍ତୁ ଯେ ମୁଁ ଆଜି ମୋବାଇଲ ଠାରୁ ସମ୍ପୂର୍ଣ୍ଣ ଦୂରେଇ କେତେ ସମୟ ବିତାଇ ପାରିବି । କିଛି ବାଟ ଚଲାବୁଲା କରନ୍ତୁ, ବ୍ୟକ୍ତିଗତ ଭାବେ କଥାବାର୍ତ୍ତା ହୁଅନ୍ତୁ କିଛି ବହିପତ୍ର ବା ଖବରକାଗଜ ପଢ଼ନ୍ତୁ । ନିଜ ଲୋକମାନଙ୍କ ସହ ସମୟ ବିତାଇବା ସହ ଶାରୀରିକ ପରିଶ୍ରମ କିଛି କରନ୍ତୁ ଏବଂ ଅତି ଭଲ ହେବ ଯୋଗାସନ ବା ପ୍ରାଣାୟମ ଅଭ୍ୟାସ ରଖୁଥିଲେ । ଏହାସହ କିଛି ସମୟ ନୀରବରେ ବସି ନିଜ ସହ କଥା ହୁଅନ୍ତୁ । ଏସବୁରେ ଆପଣଙ୍କୁ ଜଣେ ମାନସିକ ରୋଗ ବିଶେଷଜ୍ଞ ଉଚିତ ପରାମର୍ଶ ଦେଇପାରିବେ ଆପଣ ତାଙ୍କ ସହାୟତା ନିଅନ୍ତୁ । ନିଜକୁ ବ୍ୟସ୍ତ, ଅଧୈର୍ଯ୍ୟ, ଉତ୍ତେଜିତ ରଖନ୍ତୁ ନାହିଁ । କର୍ମସଂସ୍ଥାନର ଚାପ ନିଜ ପରିବାର ଭିତରକୁ ଆଣନ୍ତୁ ନାହିଁ । ଦେଖିବେ ଆପଣ ଚାହିଁଲେ ଆପଣଙ୍କ ଦୁନିଆ ଖୁବ ଭଲ ହେବ । ଆପଣ ଫବିଙ୍ଗରୁ ମୁକ୍ତ ହୋଇ ଏକ ସ୍ୱାଭାବିକ ଜୀବନ ବିତାଇ ପାରିବେ । ଏହା ଆପଣଙ୍କ ଭଲ ଜୀବନକୁ ଆହୁରି ପ୍ରଶସ୍ତ କରିବ ଏବଂ ଅନ୍ୟମାନଙ୍କୁ ମଧ ପ୍ରେରଣା ଯୋଗାଇବ ।

ମାନସିକ ରୋଗ ବିଶେଷଜ୍ଞ, ଦି'ବ୍ରେନ୍, ପୁରୀଘାଟ ରୋଡ଼, କଟକ, ଦୂରଭାଷ : ୯୧୩୨୪୩୩୩୩୩

# ବ୍ୟବହାର ନିଷିଦ୍ଧ

**॥ ଅଜୟ କୁମାର ବେହେରା ॥**

ନିଷେଧ, ଶବ୍ଦ ଅଛି ବୋଲି ଆବଶ୍ୟକର ଆବଶ୍ୟକ ଅଛି । ଦ୍ରବ୍ୟ ସୁଲଭ ସର୍ବଦା ଅଭାବୀ ମନୁଷ୍ୟଙ୍କ ପାଇଁ ଆବଶ୍ୟକ । ମନୁଷ୍ୟର ଖାଦ୍ୟପେୟ, ବାସଗୃହ, ବସ୍ତ୍ର, ଅତି ଦରକାରୀ ଆବଶ୍ୟକ ମାତ୍ର ଆୟ ଦେଖି ଏ ସବୁ ବ୍ୟବହାର କରିବାକୁ ପଡ଼େ । ପେଟ ଭରି ଭୋକ ମାରିବା ମୂଳକଥା ହେଲେ ବି ସବୁ ପ୍ରକାର ଖାଦ୍ୟ ସମସ୍ତଙ୍କ ପାଇଁ କେବେ ଯୁଟିନପାରେ । ଶୋଷ ମାରିବାକୁ ପେୟ ପଦାର୍ଥ ଜଳ ଅତି ଆବଶ୍ୟକ । ମାତ୍ର ଏ ଦୁଇଟିରେ ଧର୍ମୀୟ ପରମ୍ପରା ସ୍ୱାସ୍ଥ୍ୟରକ୍ଷା ଦୃଷ୍ଟେ ପୁଣି ଆୟକୁ ଦେଖି ଏହାକୁ ସଂଗ୍ରହ ବା ବ୍ୟବହାର କରିବାକୁ ପଡୁଛି । ମନୁଷ୍ୟ ଆମ ଓଡ଼ିଶାରେ କେବଳ 'ଭାତ'କୁ ଭୋଜନର ମୂଳ ଉତ୍ସ ବହୁ ବର୍ଷ ହେଲା କରୁଛନ୍ତି ଏଥିରେ ଉଷୁନା, ଉଆ, ଅରୁଆ ଚାଉଳ ସମ୍ବନ୍ଧ ରହିଛି । ଗ୍ରାମ ଓଡ଼ିଶାରେ ପଖାଳ ତୋରାଣୀ ଖାଦ୍ୟ ପାନୀୟ କିନ୍ତୁ ଦ୍ରବ୍ୟ ଚାଲାଣ ବ୍ୟାପକ ହେବାରୁ ଗହମ ଓ ତହିଁରୁ ପ୍ରସ୍ତୁତ ଅଟା ମଇଦା ସୁଜି ଦ୍ୱାରା ଲୋକେ ପ୍ରଭାବିତ ହୋଇ କେବଳ ରୁଟି ନୁହେଁ ପୁରୀ, ରୁଟି, କଚୁଡି, ସିଙ୍ଗଡ଼ା ଅନେକ ପ୍ରକାର ଗହମଜାତ ଚୂର୍ଣ୍ଣରୁ ମିଠା କରି ଭୋଜନ ବ୍ୟବସ୍ଥା କରିଛନ୍ତି । ମାଟିହାଣ୍ଡି, କାଠପତ୍ର ଜଳା ଚୁଲି ବେଳକୁ ବେଳ ଦୁର୍ଲଭ ହେଲା । ପଖାଳ ଏକ ଦରିଦ୍ରୀ ଖାଦ୍ୟ ପରି ଲୋକେ ମନେ କରିଲେ । ଆସ୍ତେ ଆସ୍ତେ ଅଲମିନିୟମ ହାଣ୍ଡି, ଷ୍ଟିଲ ହାଣ୍ଡି, ପ୍ରେସରକୁକର ଆଦି ରୋଷେଇର ଧାରା ବଦଳାଇ ଦେଇଛି । ଫଳରେ ପୂର୍ବ ପାଖଳଖିଆ ଲୋକଙ୍କ ଯେତେ ରୋଗ ପ୍ରତିରୋଧ ଶକ୍ତି ଥିଲା ଏହାପରେ କେବେ ବଢ଼ି ବଢ଼ି ଚାଲିଛି ଏହା କେହି ସମୀକ୍ଷା କରୁନାହାଁନ୍ତି ।

ଶ୍ରୀକ୍ଷେତ୍ର ପୁରୀ ମନ୍ଦିରରେ ମାଟିହାଣ୍ଡି କୁଡୁଆରେ ପ୍ରସ୍ତୁତ ରୋଷେଇର ଅନ୍ନ କାହିଁ କେତେ ବର୍ଷ ଧରି କାଠଚୁଲିରେ ରୋଷେଇ ହେଉଛି । ଏ ଦିବ୍ୟାନ୍ନ ନିଶ୍ଚେ ଏବେ ବି ଲୋକପ୍ରିୟ । ସ୍ୱାଦିଷ୍ଟ ଦିବ୍ୟ ବାସ୍ନାଯୁକ୍ତ । ଅନେକ ମସଲା ତେଲ ସଂଯୋଗରେ କରାଯିବା ବାହାର ପ୍ରସ୍ତୁତ ଡାଲି କେବେ ପୁରୀ ମନ୍ଦିର ଡାଲି ଭଳି ଲାଗିବ ନାହିଁ । ହେଲେ ଆମିଷ ଭକ୍ଷକମାନେ ଟିକେ ଭିନ୍ନ ସ୍ୱାଦ ପ୍ରିୟ ଯୋଗୁ ବା ଭିନ୍ନଧର୍ମୀମାନେ କେମିତି ଅଦରକାରୀ ମନେକରୁଛନ୍ତି । କୈବଲ୍ୟର ନିନ୍ଦା ହେବା ଅସହ୍ୟ, ଅନେକ ମୁଣ୍ଡରେ ଲଗାଇ ସମ୍ମାନ କଲେ ବି ଭୋଜନରେ ନା ମଙ୍ଗ । ପାଣି ପ୍ରାଣ ରକ୍ଷକ । ଶୋଷ କାଳରେ ବ୍ୟକ୍ତିର ପାଟିରେ ପାଣି ଦେବା ଏକ ବଡ଼ ଧର୍ମ କାର୍ଯ୍ୟର ବିଶ୍ୱାସ ଏବେ ବି ଅଛି । କୂପ, ପୁଷ୍କରଣୀ ଖନନ ଓ ଖରାଦିନେ ଜଳଛତ୍ର ଦେବା ପୁଣ୍ୟ କାର୍ଯ୍ୟରେ ଆସେ । ପଶୁପକ୍ଷୀ ମାନଙ୍କ ପାଇଁ ଲୋକେ ଜଳ ବ୍ୟବସ୍ଥା କରୁଛନ୍ତି । ଜଳତୀର୍ଥରେ ଅନେକ ନଦନଦୀ, ପୁଷ୍କରିଣୀ ସ୍ନାନ ଓ ଜଳକୁ ପବିତ୍ର ମନେ କରାଯାଏ । ବିଶୁଦ୍ଧ ପରିଷ୍କୃତ ଏମିତି ଦୁଇ ପ୍ରକାର ଧାରା ଜଳ ପାଇଁ ବି ଲାଗେ । ପାନୀୟ ବିଶୁଦ୍ଧ ଜଳରେ ଆବଶ୍ୟକ କରାଯାଏ । ପରିଷ୍କୃତ ଜଳ ଭିନ୍ନ ବ୍ୟବହାରରେ ଲାଗେ । ପଶୁମାନେ ପୁଷ୍କରିଣୀର ନଦୀର ଜଳ ପାନ କରୁଛନ୍ତି ଦିନେ ମନୁଷ୍ୟ ଏପରି କରୁଥିଲା ହେଲେ ନିଜେ ମଣିଷ ପରିତ୍ୟକ୍ତ ଆବର୍ଜନା ନଦୀ ଜଳରେ ଛାଡ଼ି ଜଳକୁ ଦୂଷିତ କରୁଛି । ଏ ପାଇଁ ସେ ଜଳକୁ ନିଷେଧ ମନେ କରୁଛି । ହେଲେ ପଶୁମାନେ ସେପରି ଜଳ ଏବେ ବି ପାନ କରୁଛନ୍ତି । ଯଦିବା ତାଙ୍କର ଦେହର କ'ଣ କ୍ଷତି ଏହା କାହାକୁ ବୁଝିବାକୁ ବେଳ ନାହିଁ । ଏଣେ ବିଷାକ୍ତ ପିଇ ପିଇ ଶରୀର ତାଙ୍କର ଦେହସୁଆ ହୋଇଯାଇଛି । ଜଳ ଦୂଷିତରେ ମାଛ, କଙ୍କଡ଼ା ପରି ଜଳ ଜୀବନ ଅନେକ ସମୟରେ ମରି ଭାସୁଛନ୍ତି ତଥାପି ପରିତ୍ୟକ୍ତ ବିଷାକ୍ତ ପାଣିରେ ଅନେକ ମାଛ ବଞ୍ଚିଥାନ୍ତି ତାଙ୍କୁ ଲୋକେ ବି ଭକ୍ଷଣ କରୁଛନ୍ତି ଯଥା ଶେଉଳ, କଉ, ମାଗୁର, ତୋଡି ପରି ପଙ୍କୁଆ ମାଛ । ଦବ୍ୟଗୁଣ ଶାସ୍ତ୍ରରେ ଏ ସବୁ ଭୋଜନରେ କି କ୍ଷତି ହୁଏ ଏହା ଏବେ ନୁହଁ ବହୁ ଆଗରୁ ଲେଖା ଅଛି । ପାଣି ଏମିତି ହେଲା ପାଣି ପୁଣି ମାପରେ ବିକ୍ରୀ ଓ ମାପରେ ମିଟର ବସାଇ ଉଡ଼ାଜାହାଜ, ରେଲଗାଡ଼ି ଓ ସହରରେ ପାଣି ପିଇବାକୁ ମିଳିବ ନାହିଁ । ମାଟି ବି ଏପରି କୁମ୍ଭାରମାନେ ମାଟି ଖୋଳି ଆଣି ତାକୁ କାଦୁଅ କରି ହାଣ୍ଡି ଗଢୁଥିଲେ । ସମୟ ହେଲା ମାଟି କୁମ୍ଭାରମାନେ କିଣିଲେ । ଏମିତି ତାଙ୍କର ବୃତ୍ତିରେ କଞ୍ଚାମାଲ ମୁଫତ୍ ଥିଲା ଏବେ ତାହା ମୂଲ୍ୟବାନ ନଦୀର ବାଲି ପାଇଁ ସରକାରୀ କର ଆଦାୟ ଚାଲିଛି । ଲୋକଙ୍କ ଆବଶ୍ୟକ ବଢ଼ିଲା 'ମାଟି', ପାଣି ବିକ୍ରୀ ହେଲା । ମାଟିତଳୁ ପାଣି ଉଠାଇବା ନିଷିଦ୍ଧ ।

ପ୍ରଶାସନରେ ପୂର୍ବରୁ ନଦୀରେ ରାଜଘାଟ, ନାରୀଘାଟ, ଗୋଘାଟ, ପୁରୁଷସ୍ନାନ ଘାଟ, ନାରୀ ସ୍ନାନ ଘାଟ, ଡଙ୍ଗାଘାଟ, ଲୁଗାକଚା ଘାଟ, ଶବ ସଂସ୍କାରିଙ୍କ ପ୍ରେତକ୍ରିୟା ଘାଟ ଥିଲା । ଏବେ ଏଥିରୁ ଅନେକ ଘାଟ ନାହିଁ । ହେଲେ ଯେଉଁ ଉଦ୍ଦେଶ୍ୟରେ ଏ ଘାଟ ସ୍ଥାନ ଥିଲା ତାହାର କାମ ଅନେକ ସମୟରେ ଏକ ଘାଟରେ କରାଯାଉଛି ତେବେ ରାଜଘଟ, ରାଣୀଘାଟ ପାଇଁ ଭିଆଇପି ପ୍ରଚେଷ୍ଟା ଏବେ କାମ କଲାଣି । ଲୋକେ ତତ୍କାଳ ସ୍ୱାଧୀନତା ହରା ହେଉଛନ୍ତି । କିଛି ଜାତିର ପାଟକର ଲୋକେ ନଥିଲେ ଏକ ବଡ଼ ଧରଣର ଅନୁଷ୍ଠାନ ପୂର୍ଣ୍ଣାଙ୍ଗ ନୁହଁ । ଯଥା ଶଙ୍ଖୁଆ, ବାଜା ବଜାଳି ହେଲେ ତତ୍କାଳ ସମାଜ ତାଙ୍କୁ ଅବହେଳିତ ସ୍ତରରେ ରଖାଉଥିଲେ । ସେମାନଙ୍କ ନିଜର ପରିବାର ଭୋଜନରୁ ଅଂଶ ବି ଦିଆଯାଏ ହେଲେ ସେମାନେ ପରିବାର ସମ୍ବନ୍ଧରେ ବି ହେୟ ଥିଲେ । ଏସବୁ ମୂଳରେ କିଛି ମୁଷ୍ଟିମେୟଙ୍କ ଲୋକ ଅନେକ ନିଷିଦ୍ଧ ଲଗାଇ ଦେଇଥିଲେ । ଲୋକେ ତାଙ୍କୁ ତାଙ୍କର ଖାଦ୍ୟ ପାନୀୟ ଓ କୁବାକ୍ୟ ପ୍ରୟୋଗ ଯୋଗୁ ହୁଏତ ଏପରି କରିଥିଲେ ମାତ୍ର ଏବେ ଭଦ୍ର ସମାଜରେ ଥିବା ଲୋକେ ତାଙ୍କରି ପ୍ରକାର ଆଚରଣ ଖାଦ୍ୟ ପାନୀୟ ବ୍ୟବହାର କରୁଛନ୍ତି । କୁକୁଡ଼ା ପାଳନ, ପଙ୍କୁଆ ମାଛ, ଶାଳ, ଘଷିପଟା ଖସୁଆ ମାଛର ହାଇବ୍ରିଡି ଖାଇଲେଣି । କଇଁଛ, ବେଙ୍ଗ ଖାଉଛନ୍ତି । ଯୋତା ଦୋକାନ କରୁଛନ୍ତି । ମଦ ପିଉଛନ୍ତି ମଦ ବାଣିଜ୍ୟ କରୁଛନ୍ତି, ଚୋରା କାରବାରରେ ଅନେକ ସମ୍ପୃକ୍ତ କଥା ଭାଷାରେ ମୂର୍ଖବୁଦ୍ଧିନାହିଁ । ଅଥଚ ଏମାନେ ପୂର୍ବ ଶାସ୍ତ୍ର ନିୟମରେ ଜନ୍ମିତ ଜାତପାଟକ ଯୋଗୁଁ ଆସୁନାହାଁନ୍ତି । କିଛି ଭିକ୍ଷୁକ ଅଛନ୍ତି କାହାଘରୁ ଭିକ୍ଷା ଗ୍ରହଣ କରିବେ ନାହିଁ, କିଛି ସନ୍ନ୍ୟାସୀ ଅଛନ୍ତି କେଉଁ ଗୃହୀ ଘରକୁ ଯିବେ ନାହିଁ । କିଛି ଶାସନୀ ବ୍ରାହ୍ମଣ ଅଛନ୍ତି କାହା ପୁରୋହିତ ହେବେ ନାହିଁ, କିଛି ବ୍ୟକ୍ତି ଅଛି କାହାର ଅନ୍ନଜଳ ସ୍ପର୍ଶ କରିବେ ନାହିଁ ଏମିତି ନିଷିଦ୍ଧ ଏବେ ବି ମାନୁଛନ୍ତି । ବାଳୁତରୁ ବିଦ୍ୟାର୍ଜନ ଶେଷ ପର୍ଯ୍ୟନ୍ତ ବ୍ରହ୍ମଚର୍ଯ୍ୟ ପାଳନ ବୟସ, ଏବେ ପାଠପଢ଼ାରୁ ପ୍ରେମ ପ୍ରସଙ୍ଗ ଉଠିଲାଣି । ମୋବାଇଲ ଫୋନର କ୍ୟାମରା କ'ଣ ଛବି ନ ଦେଖାଉଛି । ଘରକିଲି ପ୍ରେମୀ ଯୁଗଳ ଏକାନ୍ତ ଗୋପନୀୟ କଥାଭାଷା ଅଙ୍ଗ ଦର୍ଶନ ହେଉଛନ୍ତି । ଏ ଯୁଗରେ ଜାତିଭ୍ରଷ୍ଟ ଏଇ ମୋବାଇଲ ହିଁ ପ୍ରଥମ ମୂଳଦୁଆ କରାଯାଉଛି । ଏହାକୁ ନିଷିଦ୍ଧ କରିବ କିଏ ? ଶାସ୍ତ୍ର ଲେଖା ଯେ ବୟାନ କରିବ ତାର କସୁର ହେବ ଦଣ୍ଡ କାହିଁ ମାଡ଼ି ଆସିବ । ଭେରସା ଯୁଗରେ ବୃଥା ମୂରବୀ ପଣିଆ ସିନା ପ୍ରକୃତରେ ଗୁରୁଜନମାନେ ଅବହେଳିତ । ଶାସ୍ତ୍ରଙ୍କମାନେ ମୂକ, ଏସବୁର ଗତି କୁଆଡ଼େ ?

**ଦୂରଭାଷ : ୯୪୩୭୦୩୧୨୫୩**

# ପାର୍ଲିଆମେଣ୍ଟର ବିଧି ବ୍ୟବସ୍ଥା

**॥ ଡାଃ ସୁରେନ୍ଦ୍ର ନାଥ ଦାଶ ॥**

କୁହାଯାଏ, "Parliament is the temple of Democracy".ଏକ ଗଣତାନ୍ତ୍ରୀକ ରାଷ୍ଟ୍ରରେ ପାର୍ଲିଆମେଣ୍ଟ ଦେଶ ର ସର୍ବୋଚ୍ଚ ଅନୁଷ୍ଠାନ । ଇଂଲଣ୍ଡକୁ Mother of Parliaments କୁହାଯାଏ । ସ୍ୱାଧିନତା ପରେ ଆମେ ଇଂଲଣ୍ଡ ବା West minister ପ୍ରକାରର ଗଣତନ୍ତ୍ର କୁ ଗ୍ରହଣ କରିଛୁ । ୧୯୪୬ ମସିହାରେ ଗଠିତ ସମ୍ବିଧାନ ସଭା ୧୯୫୦ ମସିହାରେ ସମ୍ବିଧାନ ଗୃହିତ ହେଲାପରେ ପାର୍ଲିଆମେଣ୍ଟ ରେ ପରିଣତ ହେଲା । ସମ୍ବିଧାନର ଧାରା ୭୯ ରୁ ୮୮/୧୨୨ ପର୍ଯ୍ୟନ୍ତ ରେ ପାର୍ଲିଆମେଣ୍ଟ ବିଷୟରେ ବର୍ଣ୍ଣିତ ହୋଇଚି । ଭାରତର ପାର୍ଲିଆମେଣ୍ଟ ରେ ଏକ ଅପର ହାଉସ ବା ରାଜ୍ୟ ସଭା,ଓ ଏକ ଲୋଅର ହାଉସ ବା ଲୋକ ସଭା ରହିଚି । ଲୋକ ସଭାରେ ୫୪୫ ଜଣ ସଭ୍ୟ ରହିଛନ୍ତି । ସେମାନେ ଲୋକ ଙ୍କ ଦ୍ୱାରା ପ୍ରତ୍ୟକ୍ଷ ଭାବେ ନିର୍ବାଚିତ ହେଉ ଥିବାରୁ ତାହା ଅଧିକ କ୍ଷମତା ଉପଭୋଗ କରେ । ରାଜ୍ୟ ସଭା ଏକସ୍ଥାୟୀ ଅନୁଷ୍ଠାନ । ସଭ୍ୟ ସଂଖ୍ୟା ୨୫୦ । ଏହାର ସଭ୍ୟ ମାନେ ପରୋକ୍ଷ ନିର୍ବାଚିତ ହେଉଥିବାରୁ ଏହା କମ କ୍ଷମତାଶାଳୀ । ଏହାର ସଭ୍ୟମାନେ ଛଅ ବର୍ଷ ଓଲୋକ ସଭାର ସଭ୍ୟ ମାନେ ୫ ବର୍ଷ ପାଇଁ ନିର୍ବାଚିତ ହୁଅନ୍ତି । ଆର୍ଥିକ ବଜେଟ, ଅର୍ଥ ବିଲ ଓ ସରକାର ଙ୍କ ବିରୁଦ୍ଧରେ ଆସ୍ଥା ବା ଅନାସ୍ଥା ପ୍ରସ୍ତାବ କେବଳ ଲୋକ ସଭାରେ ଆଗତ ହୋଇପାରିବାର ବିଧି ଅଛି । ଉଭୟ ସଭା ଏକ ନିର୍ଦ୍ଦିଷ୍ଟ ସାମ୍ବିଧାନିକ ନୀତି ନିୟମ Parliamentary procedure ଅନୁସାରେ କାର୍ଯ୍ୟ କରନ୍ତି । ସରକାର ଙ୍କ ବିଭିନ୍ନ କାର୍ଯ୍ୟର ସମୀକ୍ଷା,ଲୋକଙ୍କ ବିଭିନ୍ନ ସମସ୍ୟାର ଆଲୋକପାତ, ଉପଦେଶ ଦେବା ସମୟୋପଯୋଗୀ ଆଇନ ପ୍ରଣୟନ କରିବା, ଅଚଳ ଆଇନକୁ ଅକାମି କରିବା ପାର୍ଲିଆମେଣ୍ଟର କାର୍ଯ୍ୟ । ସଭ୍ୟ ମାନଙ୍କର ପ୍ରଶ୍ନର ଉତ୍ତର ଦେବାକୁ ସରକାର ବାଧ୍ୟ । ଉତ୍ତର ସନ୍ତୋଷ ଜନକ ନହେଲେ ସଭ୍ୟ ମାନେ ସରକାରୁ ଙ୍କୁ ନିନ୍ଦା,ଦରକାର ପଡିଲେ ଅନାସ୍ଥା ପ୍ରସ୍ତାବ ଆଣି ପାରିବାର ବ୍ୟବସ୍ଥା ରହିଛି ।ଲୋକ ସଭାର ପରିଚାଳନା ପାଇଁ ଜଣେ ବାଚସ୍ପତି ,ଜଣେ ଉପ-ବାଚସ୍ପତି କାର୍ଯ୍ୟକରନ୍ତି । ତାଙ୍କ ନିର୍ଦ୍ଦେଶରେ ଗୃହ ର କାର୍ଯ୍ୟ ଚାଲେ । ଗୃହ ମଧ୍ୟରେ ତାଙ୍କ ନିଷ୍ପତ୍ତିକୁ ଚାଲେଞ୍ଜ କରାଯାଇପାରିବ ନାହିଁ । ରାଜ୍ୟ ସଭାର ଚେୟାର ମାନ ରୂପେ ଭାରତର ଉପରାଷ୍ଟ୍ରପତି କାର୍ଯ୍ୟ କରିବେ । ବାଚସ୍ପତି ଓ ଚେୟାରମାନଙ୍କ ଅନୁପସ୍ଥିତରେ ସଭା କାର୍ଯ୍ୟ ପରିଚାଳନା ପାଇଁ ଏକ ପାନେଲ ଥାଏ । ବର୍ଷକୁ ଅନ୍ତତଃ ଦୁଇ ଥର ଗୃହ ବସିଥାଏ । ଅତି ବେଶିରେ ଉଭୟ ସେସନ ମଧ୍ୟରେ ସମୟ ତଫାତ ଛଅ ମାସରୁ କମ ରହିବା ବିଧେୟ । ପରମ୍ପରାରେ ବଜେଟ ଧିବେଶନ (ଫେବୃଆରୀ ମାର୍ଚ୍ଚ ଏପ୍ରିଲ, ମେ)ମୌସୁମୀ ଅଧିବେଶନ (ଜୁଲାଇ-ଅଗଷ୍ଟ) ଓ ଶୀତ କାଳିନ ଅଧିବେଶନ (ନଭେମ୍ବର- ଡିସେମ୍ବର), ଏହିପରି ତିନିଥର ଗୃହ ବସିଥାଏ । Opening Session ପାର୍ଲିଆମେଣ୍ଟର ଆରମ୍ଭ କୁ ରାଷ୍ଟ୍ରପତି ଆହ୍ୱାନ କରି ମିଳିତ ସଭାରେ ନିଜର ଭାଷଣ ଦିଅନ୍ତି । ଏହି ଭାଷଣ ରେ ସରକାର ଙ୍କ ଅତୀତ କାର୍ଯ୍ୟ ଓ ଭବିଷ୍ୟତ କାମର ଆଲୋକପାତ ଥାଏ ।ଏହା ପରେ ଧନ୍ୟବାଦ ପ୍ରସ୍ତାବ ସରକାରଙ୍କ ତରଫରୁ ଆଗତ ହୁଏ । ଏହା ବାସ୍ତବିକ ସରକାରଙ୍କ କାର୍ଯ୍ୟର ସମୀକ୍ଷା । ଧନ୍ୟ୍ୟବାଦ ପ୍ରସ୍ତାବ ଗୃହିତ ନହେଲେ ସରକାର ଙ୍କ ପରାଜୟ ବୋଲି ଧରିବାକୁ ହୁଏ । କୋରମ – କୌଣସି ସଭା କାର୍ଯ୍ୟକ୍ଷମ ହେବାପାଇଁ ଅତିକମରେ ଏକଦଶମାଂଶ ସଭ୍ୟ ଗୃହରେ ଉପସ୍ଥିତ ରହିବା ଆବଶ୍ୟକ । କୋରମ ନହେଲେ କୌଣସି ଆଲୋଚନା ହୋଇପାରିବ ନାହିଁ ପ୍ରଶ୍ନକାଳ ବା Non starred question– ପାର୍ଲିଆମେଣ୍ଟ ଅଧିବେଶନର ପ୍ରଥମ ସମୟ ପ୍ରଶ୍ନ ପଚାରିବା ପାଇଁ ଉଦ୍ଦିଷ୍ଟ । ଏହି ସମୟରେ ବିରୋଧି ଓ ସରକାରୀ ସଭ୍ୟ ମାନେ ସରକାରଙ୍କୁ ପ୍ରଶ୍ନ ପଚାରି ଥାଆନ୍ତି । ତିନି ପ୍ରକାର ପ୍ରଶ୍ନ ପଚରା ଯାଏ ।ତାରକା ଚିହ୍ନିତ (Privilege Motion) – ଏଥିରେ ମୌଖିକ ଉତ୍ତର ଦିଆଯାଏ । ସେଥିପାଇଁ ଅତିରିକ୍ତ ପ୍ରଶ୍ନ ପଚରା ଯାଇପାରିବ । (Censure Motion) -ଏଥରେ ଲିଖିତ ଉତର ବିଧି ଥିବାରୁ ଅତିରିକ୍ତ ପ୍ରଶ୍ନ ପଚରା ଯାଇପାରିବ ନାହିଁ । ପ୍ରଶ୍ନ ଗୁଡିକୁ ଯଥେଷ୍ଟ ଆଗରୁ ବାଚସ୍ପତି ଙ୍କୁ ଦିଆଯାଇ ଥାଏ । ସେ ବିହିତ କାର୍ଯ୍ୟାନୁଷ୍ଠାନ ପାଇଁ ସରକାର ଙ୍କୁ ନିର୍ଦ୍ଦେଶ ଦିଅନ୍ତି ।

ଜରୁରୀ ପ୍ରଶ୍ନ । ମାତ୍ର ଦଶ ଦିନ ର ସମୟ ଦେଇ ପଚରାଯାଇଥାଏ ।ଏଥିରେ ମୌଖିକ ଉତ୍ତର ଦିଆ ଯାଏ । ପ୍ରଥମ ଦୁଇ ପ୍ରକାର ପ୍ରଶ୍ନ ପାଇଁ ସରକାରଙ୍କୁ ଆଗରୁ ନୋଟିସ ଦିଆଯାଇଥାଏ । ସରକାରଙ୍କୁ ନୋଟିସ ଦ୍ୱାରା ଉତର ଦେବା ପାଇଁ ବାଚସ୍ପତି ନିର୍ଦ୍ଦେଶ ଦେଇଥାଆନ୍ତି । ଜରୁରୀ ପ୍ରଶ୍ନ ଅଳ୍ପ ସମୟ ନୋଟିସରେ ଆଗତ ହୋଇଥାଏ । ମିଳିତ ଅଧିବେଶନ-ଦେଶର ଏକ ଜରୁରୀ ଅବସ୍ଥା,ବିଶେଷ ଆଲୋଚନା ପାଇଁ ସଭ୍ୟ ମାନେ ଦାବି କରନ୍ତି । ଜିରୋ ଆୱାର-ପ୍ରଶ୍ନକାଳର ସମାପ୍ତ (୧୨ ଏ ,ଏମ) ଓ ଭୋଜନ ବିରତି (୧ପି,ଏମ) ମଧ୍ୟରେ ଏକ ଘଣ୍ଟା କୁ ଜିରୋ ସମୟ କୁହାଯାଏ ।ଏହି ସମୟରେ ସଭ୍ୟ ମାନେ ବିନା ପୂର୍ବ ନୋଟିସରେ ଯେ କୌଣସି ପ୍ରଶ୍ନ ପଚାରିପାରିବେ । ଉତ୍ତର ମୌଖିକ ଦିଆଯାଏ । ପ୍ରିଭିଲେଜ ମୋସନ: Call Attention ଗୃହର ଏହା ଏକ ବିଶେଷ କ୍ଷମତା । ଯେ କୌଣସି ମନ୍ତ୍ରୀ ଗୃହକୁ କୌଣସି କଥା ଗୋପନ ରଖନ୍ତି,କିମ୍ବା ଭୂଲ ତଥ୍ୟ ଦିଅନ୍ତି ତାହାକୁ ଗୃହ ର ଅବମାନନା ବୋଲି ଧରାଯିବ । ସେହି ମନ୍ତ୍ରୀ ଙ୍କ ବିରୁଦ୍ଧରେ ପ୍ରିଭିଲେଜ ଭଙ୍ଗ ମୋସନ ଆଗତ ହୋଇ ଭୋଟ ହେବ । ବେଳେ ବେଳେ ନିସର୍ତ କ୍ଷମା ପ୍ରାର୍ଥନାପରେ ପ୍ରସ୍ତାବ ପ୍ରତ୍ୟାହୃତ ହୁଏ । ପ୍ରସ୍ତାବ ଗୃହିତ ହେକେ ସରକାରଙ୍କ ପରାଜୟ ବୋଲି ଧରାଯାଏ । କୌଣସି ବ୍ୟକ୍ତି, ପତ୍ରୀକା ଅନୁଷ୍ଠାନ ପାର୍ଲିଆମେଣ୍ଟର ସଭ୍ୟଙ୍କ ସମ୍ମାନହାନି ହେଲା ଭଳି ବ୍ୟକ୍ତବ୍ୟ ଦେଲେ ତାଙ୍କ ବିରୁଦ୍ଧରେ ମଧ୍ୟ ସ୍ୱାଧିକାର ଭଙ୍ଗ ପ୍ରସ୍ତାବ ଆଣି ଦଣ୍ଡ ଦିଆଯିବାର କ୍ଷମତା ପାର୍ଲିଆମେଣ୍ଟ ର ଅଛି

## କାନକୁଟ୍ଟୁ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ କ୍ଲଷ୍ଟର ସ୍ତରୀୟ ସୁରଭି କାର୍ଯ୍ୟକ୍ରମ

ଲାଞ୍ଜିଗଡ, (ମହାଭାରତ) : ଛାତ୍ର ଛାତ୍ରୀଙ୍କୁ ସ୍କୁଲ ମୁହାଁ କରିବା ପାଇଁ ସରକାର ଅନେକ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି ।ବିଭିନ୍ନ ପ୍ରକାର ଖାଦ୍ୟ ସହିତ ଖେଳ କୁଦ ସାଙ୍ଗକୁ ମନୋରଞ୍ଜନ ପାଇଁ ଅନେକ କାର୍ଯ୍ୟକ୍ରମ ।ସେ ମଧ୍ୟରୁ ଅନ୍ୟତମ ହେଉଛି ଶିଶୁଙ୍କ ଲୁକ୍କାୟିତ ପ୍ରତିଭାକୁ ଆଗକୁ ଆଣିବାପାଇଁ ସୁରଭି କାର୍ଯ୍ୟକ୍ରମ ।ପ୍ରତ୍ୟେକ ବର୍ଷ ଭଳି ଏବର୍ଷ ମଧ୍ୟ ଲାଞ୍ଜିଗଡ଼ ବ୍ଲକ କାନକୁଟ୍ଟୁ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ କ୍ଲଷ୍ଟର ସ୍ତରୀୟ ସୁରଭି ୨୦୨୫ କାର୍ଯ୍ୟକ୍ରମ ମହା ଆଡମ୍ବର ସହ ଅନୁଷ୍ଠିତ ହୋଇଯାଇଛି । ପାଠପଢ଼ା ସହିତ ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ଥିବା ଅନ୍ତର୍ନିହିତ ପ୍ରତିଭାକୁ ଲୋକଲୋଚନକୁ ଆଣିବା ସହିତ ସେଗୁଡିକର ପରିପ୍ରକାଶ କରିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ। କାନକୁଟ୍ଟୁ ସରକାରୀ ଉଚ୍ଚ



ପ୍ରାଥମିକ ବିଦ୍ୟାଳୟରେ ଅନୁଷ୍ଠିତ ସୁରଭି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ କଳାହାଣ୍ଡିକୁ ବିଶ୍ୱ ଦରବାରରେ ପରିଚିତ କରାଇଥିବା ଲୋକ ପ୍ରିୟ ଲୋକ କଳାକାର,କଣ୍ଠ ଶିଳ୍ପୀ ସର୍ବେଶ୍ୱର ଭୋଇ ଯୋଗ ଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ଲାଞ୍ଜିଗଡ଼ ପ୍ରେସ କ୍ଲବ ପୂର୍ବତନ ସଭାପତି କୈଳାସ ଚନ୍ଦ୍ର ସାହୁ ଯୋଗ ଦେଇଥିଲେ ।ଏହି ଅବସରରେ ସମ୍ମାନିତ ଅତିଥି ଭାବେ ସ୍କୁଲ ପ୍ରଧାନ ଶିକ୍ଷକ ପ୍ରମୋଦ କୁମାର ଦାସ,ପୂର୍ବତନ ପ୍ରଧାନ ଶିକ୍ଷକ ବୈଶାଖୁ ନାଏକ,ଏକ୍ସକେଡର ଶିକ୍ଷକ ସଂଘ ସଭାପତି ପଞ୍ଚାନନ ନାଗ,ଦିବାକର ବିଭାର,ଚିନ୍ମୟ ମୁଦୁଲି,ଯୁବ ସାମ୍ବାଦିକ ମଳୟ ବେନୁଆଁ ପ୍ରମୁଖ ଯୋଗ ଦେଇଥିଲେ। କ୍ଲଷ୍ଟର ସଂଯୋଜକ ଗୁଣନିଧି ଭୋଇଙ୍କ ତତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ କେ.ଜୁଧେଷ୍ଠି ପାତ୍ର, ପ୍ରମୋଦ ଦାସ। ଏଥିରେ ରାଜେଶ ଧାମୁଡ଼ିଆ,ଶ୍ୟାମ ସୁନ୍ଦର ନାଗ,ନରେନ୍ଦ୍ର ନାଏକ, ବାବୁରାମ, ବିଭାର,ନୀଳକଣ୍ଠ ମାଝୀ, ମହେଶ୍ୱର ବିଭାର, ଦୃଷିଲା ମାଝୀ, ତିଲୋତ୍ତମା ନନ୍ଦ, ଅଭିମନ୍ୟୁ ଦୋରା, ଅଭିରାମ ହରିଜନ, ଦଶରଥ ହରିଜନ, ଗଗନବିହାରୀ ନାଏକ, ଦିଲ୍ଲୀପ ନାଗ ଉତ୍ପଳ ବାଡ଼ତିଆ,ସଂଯୁକ୍ତା ମିର୍ଧା,ଶିବ ପ୍ରସାଦ ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ୧୬ ଗୋଟି ବିଦ୍ୟାଳୟର ପ୍ରତିଯୋଗୀମାନେ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ ।କାର୍ଯ୍ୟକ୍ରମ ଶେଷରେ ପ୍ରତିଯୋଗିତାରେ ବିଜେତା ମାନଙ୍କୁ ଅତିଥି ମାନଙ୍କ ଦ୍ୱାରା ପୁରସ୍କାର ପ୍ରଦାନ କରାଯାଇଥିଲା। ଶେଷରେ କ୍ଲଷ୍ଟର ସଂଯୋଜକ ଗୁଣନିଧି ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ।

## ପାରାଦୀପ ଥାନା ଛକରେ ଗତିରୋଧକ ହମ୍ପସ ନିର୍ମାଣ ଓ ଟ୍ରାଫିକ ଟାୱାର ମରାମତି ପାଇଁ ଦାବୀ

ପାରାଦୀପ, (ମହାଭାରତ) : ସର୍ବଭାରତୀୟ ଏବଂ ଆନ୍ତର୍ଯ୍ୟାତିୟ ସ୍ତରରେ ପାରାଦୀପ ବନ୍ଦର ପଣ୍ୟ ପରିଚାଳନାରେ ବେସ ସୁନାମ ଅର୍ଜନ କରିଥିବା ବେଳେ ବନ୍ଦର ସହର ଓ ଏହାର ରାସ୍ତା ଘାଟ ର ଦୁରାବସ୍ଥା କୁ ନେଇ ସଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି । ବନ୍ଦର ପ୍ରଶାସନ ପଣ୍ୟ ପରିଚାଳନା କ୍ଷେତ୍ରରେ ଯେତିକି ତତ୍ପରତା ଦେଖାଉଛି କିନ୍ତୁ ବନ୍ଦର ଆବାସିକ ଓ ରାସ୍ତାଘାଟର ଉନ୍ନତି ଓ ମରାମତିରେ ସେତିକି ଆଗ୍ରହ ନଦେଖାଇବା କୁ ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଏହିପରି ଏକ ଘଟଣାକ୍ରମରେ ବନ୍ଦର ନିଷିଦ୍ଧାଞ୍ଚଳର ୪ ନମ୍ବର ଫାଟକ ସମ୍ମୁଖ ସ୍ଥିତ ଥାନା ନିକଟସ୍ତ ଗୁରୁତ୍ୱପୂର୍ଣ୍ଣ ଟ୍ରାଫିକ ଛକରେ ଗତିରୋଧକ ହମ୍ପସ ନଥିବାରୁ ଏହି ଗହଳିପୂର୍ଣ୍ଣ ରାସ୍ତାରେ ବିଭିନ୍ନ ଭାରି ଓ ଲଘୁ ଯାନ ଗୁଡିକ ଦ୍ରୁତ ଗତିରେ ଯିବାଆସିବା କରିବା ଦ୍ୱାରା ଅନେକ ସମୟରେ ଦୁର୍ଘଟଣା ଘଟି ଅନେକ ଆହତ ହୋଇଥିବାର ନଜିର ରହିଛି କ୍ଷ ଏତଦବ୍ୟତୀତ ଏହି ରାସ୍ତା ଦେଇ ବହୁ ପର୍ଯ୍ୟଟକ ବେଳାଭୂମି ପରିଦର୍ଶନ କରିବାକୁ ଯାଇଥାନ୍ତି ଏବଂ ଜାହାଜ ମାନଙ୍କର ବିଦେଶୀ ନାଗରିକ ମାନେ ମଧ୍ୟ ବିଭିନ୍ନ କାର୍ଯ୍ୟରେ ଯିବାଆସିବା କରିଥାନ୍ତି କ୍ଷ ତେଣୁ ବନ୍ଦର ପ୍ରଶାସନ ପକ୍ଷରୁ ଏହି ଟ୍ରାଫିକ ଛକକୁ ଆକର୍ଷଣୀୟ କରାଯାଇ ଏହାର ସ୍ତମ୍ଭରେ ଏକ କାନ୍ଥ ଘଣ୍ଟା ଲଗାଯାଇଥିଲା । ତେବେ ଦୀର୍ଘଦିନ ହେବ ଏହି ଟ୍ରାଫିକ ଛକ ଟି କୌଣସି ଭାରୀଯାନ ଧକ୍କାରେ କ୍ଷତିଗ୍ରସ୍ଥ ହେବା ସହ ଘଣ୍ଟାଟି କାମ କରୁନଥିବାରୁ ଏହା ତାର ଆକର୍ଷଣ ହରାଉଛି । ତେବେ ଏଠାରେ ହମ୍ପସ ନିର୍ମାଣ ସହ ଏହି ଗୋଲେଇ ଛକ କୁ ତୁରନ୍ତ ମରାମତି କରିବାକୁ ସଧାରଣରେ ଦାବୀ ହେଉଛି ।

## କ୍ରିକେଟ ଖେଳାଳି ଚୟନରେ ଅନିୟମିତତା ଅଭିଯୋଗକାରୀଙ୍କ ବିରୋଧରେ ମାମଲା

ପାରାଦୀପ, (ମହାଭାରତ): ଚଳିତ ବର୍ଷ ଓଡିଶା କ୍ରିକେଟ ଆସୋସିଏସନ (ଓସିଏ) ତରଫରୁ ୧୯ ବର୍ଷରୁ କମ ଓଡିଶା ଦଳରେ ମନୋନୀତ ପାଇଁ ଏକ ଟ୍ରାଏଲ ପ୍ରକ୍ରିୟା ରେ ପାରାଦୀପର ଅର୍ପିତ ସତ୍ୟମ ମହାନ୍ତି ଭଲ ପ୍ରଦର୍ଶନ କରି ଓସିଏ ଦ୍ୱାରା ପ୍ରସ୍ତୁତ ଲିଡର ବୋର୍ଡର ୫ ନମ୍ବର ସ୍ଥାନରେ ରହିଥିଲେ ।କିନ୍ତୁ ଓଡିଶା ଦଳର ତାଲିକାରେ ତାଙ୍କ ନାମ ରହିନଥିବା ଏବଂ ଏଥିରେ ଅନିୟମିତତା ହୋଇଥିବା ନେଇ ଅର୍ପିତ ଙ୍କ ଅଭିଭାବକ ଅଭିଯୋଗ କରିଥିଲେ । ତେବେ ଏ ବାବଦରେ ଅର୍ପିତ ଙ୍କ ପିତା ଜ୍ଞାନଞ୍ଜୟ ମହାନ୍ତି ଓ ତାଙ୍କ ପତ୍ନୀ ଓଡିଶା ଟିମରେ ତାଙ୍କ ପୁଅ ସ୍ଥାନ ନପାଇବାରେ ସେ ଖେଳୁଥିବା ଗୋପବନ୍ଧୁ କ୍ରୀଡା ସଂସଦ ର ପୂର୍ବତନ ସମ୍ପାଦକ ତଥା ଓସିଏ ର ସଦସ୍ୟ ରବି ଦାସ ଓ ଅନ୍ୟ କର୍ମକର୍ତ୍ତା ଙ୍କୁ ଦୋଷାରୋପ କରି ଆତ୍ମହୁତି ଦେବାର ଧମକ ଦେଇଛନ୍ତି। ଏତଦବ୍ୟତୀତ ବିଭିନ୍ନ ଗଣମାଧ୍ୟମରେ ମିଥ୍ୟା ଆରୋପ ଲଗାଇ ସଂସଦ ର କର୍ମକର୍ତ୍ତା ଙ୍କୁ ନିନ୍ଦିତ କରିବା ସହ ସାମାଜିକ ପ୍ରତିଷ୍ଠାରେ ଆଞ୍ଚ ଅଣିଥିବା ନେଇ ପାଲଟା ଅଭିଯୋଗ କରିଛି ଗୋପବନ୍ଧୁ କ୍ରୀଡା ସଂସଦ । ଏବାବଦରେ ଜ୍ଞାନଞ୍ଜୟ ମହାନ୍ତି ଙ୍କ ବିରୋଧରେ କ୍ରୀଡା ସଂସଦର ସମ୍ପାଦକ ଧ୍ରୂନଚନ୍ଦ୍ର ତରାଇ ପାରାଦୀପ ଆଦର୍ଶଥାନାରେ ଅଭିଯୋଗ କରି କହିଛନ୍ତି ଯେ ଅଞ୍ଚଳରେ କ୍ରିକେଟ ଯୁବ ପ୍ରତିଭା ଙ୍କୁ ପ୍ରୋତ୍ସାହନ ଓ ଉତ୍ସାହିତ କରିବା ଉଦ୍ଦେଶ୍ୟରେ ପାରାଦୀପ କୁ କ୍ରିକେଟ ଜିଲ୍ଲାର ମାନ୍ୟତା ମିଳିଛି ।

## ଫାଷ୍ଟ ଟ୍ରାକ ମାଜିଷ୍ଟ୍ରେଟଙ୍କ ପ୍ରଥମ ଐତିହାସିକ ରାୟ,ଦ୍ୱିତୀୟ ପତ୍ନୀ ଗ୍ରହଣ କରି ସ୍ୱାମୀଙ୍କୁ ୨ ବର୍ଷ ଜେଲ

କାକଟପୁର, (ମହାଭାରତ) : କାକଟପୁର ଜୁଡ଼ିସିଆଲ ଫାଷ୍ଟକ୍ଲାସହ ମାଜିଷ୍ଟ୍ରେଟ କୋର୍ଟଙ୍କ ପ୍ରଥମ ରାୟରେ ଏକ ସମ୍ବେଦନଶୀଳ ଘଟଣାର ଶୁଣାଣି କରି ଶୁକ୍ରବାର ଦିନ ରାୟ ପ୍ରକାଶ କରିଛନ୍ତି । କାକଟପୁର ଥାନା ଅନ୍ତର୍ଗତ ବାଲିସାହି ଗ୍ରାମର ସୁକାନ୍ତ କାନୁନଗୋ ଶକୁନ୍ତଳା କାନୁନଗୋ ଙ୍କୁ ବୈଦିକ ରୀତିରେ ବିବାହ କରି ନିର୍ଯ୍ୟାତନା ଦେଇ ଘରୁ ତଡ଼ିଦେବା ପରେ ପୁଣି ନୟାହାଟ ଅଞ୍ଚଳ ର ବିନିସପୁର ଗ୍ରାମର ରିତା ତରାଇ ଙ୍କୁ ବିବାହ କରି ଏକାଠି ରହି ଆସୁଥିଲେ । ତେବେ ଶକୁନ୍ତଳା୨୦୦୫ ମସିହାରେ କାକଟପୁର ଥାନାରେ ଘଟଣା ସମ୍ପର୍କ ରେ ଲିଖିତ ଅଭିଯୋଗ କରିଥିଲେ। ଥାନା କେଶ ନମ୍ବର ୬୬/୨୦୦୫ କ୍ଷ ପରବର୍ତ୍ତୀ ସମୟରେ ଏହା ନିମାପଡା ମାନ୍ୟବର କୋର୍ଟଙ୍କ ଦ୍ୱାରା ପରିଚାଳିତ ହୋଇଆସୁଥିଲା । ତେବେ କାକଟପୁର ରେ ନୂତନ କୋର୍ଟ ଖୋଲିବା ପରେ ଉକ୍ତ ମାମଲା ଟି କାକଟପୁରର ମାନ୍ୟବର କୋର୍ଟ କୁ ବିଚାର ପାଇଁ ପଠାଯିବା ପରେ ଶୁକ୍ରବାର ପ୍ରଥମ ମାମଲା ଭାବେ ମାନ୍ୟବର କୋର୍ଟ ଙ୍କ ଦ୍ୱାରା ଘଟଣା ର ବିଚାର କରାଯାଇ ଜୁଡ଼ିସିଆଲ ମାଜିଷ୍ଟ୍ରେଟ ଶ୍ରୀଚନ୍ଦନ ଦାଶଙ୍କ ଦ୍ୱାରା ଦୋଷୀ ସୁକାନ୍ତ କାନୁନଗୋ କୁ ୨ ବର୍ଷ ସାଶ୍ରମ କାରାଦଣ୍ଡ ଓ ୫ ହଜାର ଟଙ୍କା ଜୋରିମାନା କରାଯାଇଛି । ଜୋରିମାନା ଅନାଦେୟ ଆହୁରି ୨ ମାସ ଜେଲ ଦଣ୍ଡ ବୋଲି ମାନ୍ୟବର କୋର୍ଟ ତାଙ୍କ ରାୟ ରେ ପ୍ରକାଶ କରିଥିଲେ କ୍ଷ ଶକୁନ୍ତଳା କାନୁନଗୋ ଙ୍କ ପାଇଁ ସରକାରୀ ଓକିଲ ଅନିଲ କୁମାର ଦୀକ୍ଷିତ ମାମଲା ପରିଚାଳନା କରିଥିଲା ବେଳେ ସ୍ୱାମୀ ସୁକାନ୍ତ କାନୁନଗୋ ଙ୍କ ପାଇଁ ଏମ କେ ଏମ ମହାପାତ୍ର ଏବେ ରିତା ତରାଇ ଙ୍କ ପକ୍ଷରୁ ଓକିଲ ଅଶୋକ କୁମାର ମହାପାତ୍ର ମାମଲା ପରିଚାଳନା କରିଥିଲେ । ଉକ୍ତ ଘଟଣା କାକଟପୁର ଅଂଚଳ ରେ ଚର୍ଚ୍ଚା ର କେନ୍ଦ୍ରବିନ୍ଦୁ ପାଲଟିଛି ।

## ଜିଏସଟିର ନୂତନ ନିୟମ ପ୍ରଣୟନକୁ ନେଇ ପାରାଦୀପରେ ସଚେତନତା କର୍ମଶାଳା

ପାରାଦୀପ, (ମହାଭାରତ) : କେନ୍ଦ୍ର ସରକାରଙ୍କ ଦ୍ୱାରା ଗତ ସେପ୍ଟେମ୍ବର ମାସରେ ଜିଏସଟି ୨.୦ ଟିକସ ହାରରେ ଅହେତୁକ ହ୍ରାସ ବ୍ୟବସ୍ଥା ଏବଂ ଏହାର ନୂତନ ସଂସ୍କାର ମାଧ୍ୟମରେ ସରଳିକରଣ ପ୍ରକ୍ରିୟା ଉପରେ ଏକ କର୍ମଶାଳା ସ୍ଥାନୀୟ ଅଫିସର୍ସ କ୍ଲବ ପରିସରରେ ଶୁକ୍ରବାର ଦିନ ଅନୁଷ୍ଠିତ ହୋଇଯାଇଛି । ବାଣିଜ୍ୟକର ଓ ଦ୍ରବ୍ୟ ସେବାକର ମଣ୍ଡଳ, ଜଗତସିଂହପୁର ଓ ପାରାଦୀପ ବାର ଆସୋସିଏସନ ର ମିଳିତ ସହଯୋଗରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କଟକ-୨ ର ଅତିରିକ୍ତ କମିଶନର ମୁକ୍ତିକାନ୍ତ ଆଚାର୍ଯ୍ୟ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି କର୍ମଶାଳାକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ମଣ୍ଡଳ ଯୁଗ୍ମ କମିଶନର ଅକ୍ଷୟ କୁମାର ପଣ୍ଡା, ଶାଖା ଡେପୁଟି କମିଶନର ପ୍ରିତିଶ କୁମାର ପଣ୍ଡା, ପାରାଦୀପ ବନ୍ଦର ଉପ ଅର୍ଥ ପରାମର୍ଶଦାତା ରୁଦ୍ର ନାରାୟଣ ମିଶ୍ର, ପାରାଦୀପ ବାର ଆସୋସିଏସନ ସଭାପତି ତଥା ଓଡିଶା ହାଇକୋର୍ଟ ଏଜିଏ ତପନ କୁମାର ଦାଶ ଓ ପାରାଦୀପ ବାର ଆସୋସିଏସନ ର ଉପସଭାପତି କୈଳାଶ ଚନ୍ଦ୍ର ସାହୁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ କ୍ଷ ଏହି କର୍ମଶାଳାରେ ଜିଏସଟି ର ମୁଖ୍ୟ ଉଦ୍ଦେଶ୍ୟ, ଟିକସ ବ୍ୟବସ୍ଥାର ସରଳିକରଣ, ଉପଭୋକ୍ତାଙ୍କ ପାଇଁ ଦ୍ରବ୍ୟର ମୂଲ୍ୟ ହ୍ରାସ ଏବଂ ବ୍ୟବସାୟିକ ପରିବେଶକୁ ଉନ୍ନତ କରିବା ସହିତ ଏହି ସଂସ୍କାର ଭାରତୀୟ ଅର୍ଥନୀତିର ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରାଯିବା ଏବଂ ଅନ୍ୟାନ୍ୟ ଆନୁସଙ୍ଗିକ ବିଷୟବସ୍ତୁ ଉପରେ ଆଲୋଚନା କରାଯାଇଥିଲା ।

## ସମ୍ଭାବନା କାର୍ଯ୍ୟକ୍ରମରେ ଯୋଗ ଦେଲେ ଗଣଶିକ୍ଷା ମନ୍ତ୍ରୀ ଓ କନ୍ଧମାଳ ସାଂସଦ

ଦଶପଲ୍ଲା, (ମହାଭାରତ): ନୟାଗଡ ଜିଲ୍ଲା ଗଣିଆ ବ୍ଲକ ଅନ୍ତର୍ଗତ ରଘୁନାଥ ଜୀଉ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ର 'ସମ୍ଭାବନା ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏ କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥି ଭାବେ ଗଣ ଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଯୋଗ ଦେଇଥିବା ବେଳେ ମୁଖ୍ୟ ବକ୍ତା ଭାବେ କନ୍ଧମାଳ ସାଂସଦ ସୁକାନ୍ତ ପାଣିଗ୍ରାହୀ ଏବଂ ଅନ୍ୟ ଅତିଥି ଙ୍କ ମଧ୍ୟରେ ଗଣିଆ ବିଡ଼ିଓ ସୁଶ୍ରୀ ପ୍ରୀତିବାଳା ରଣା, ଜିଲ୍ଲା ଶିକ୍ଷା ଅଧିକାରୀ ଚିତ୍ତ ରଞ୍ଜନ ପାଣ୍ଡେ, ରଘୁନାଥଜୀଉ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧକ୍ଷା ସଲିଳା ସେଠିଙ୍କ ସହିତ ମହାବିଦ୍ୟାଳୟ ଅଧ୍ୟାପକ ଓ ଛାତ୍ରଛାତ୍ରୀମାନେ ଉପସ୍ଥିତ ଥିଲେ। "ନୂତନ ଆଶା ଓ ଉଦ୍ଦୀପନାର ସମ୍ଭାର" ଶୀର୍ଷକରେ ଆୟୋଜିତ ସମ୍ଭାବନା ମହାବିଦ୍ୟାଳୟର ବାର୍ଷିକ ଉତ୍ସବ ଅବସରରେ ଗଣଶିକ୍ଷା ମନ୍ତ୍ରୀ ଙ୍କ ଅଭିଭାଷଣ ଆଗତମାନଙ୍କ ମନକୁ ମୋହିତ କରିଥିଲା। ଅବସରରେ ମନ୍ତ୍ରୀ ମହୋଦୟ କହିଥିଲେ, "ଶିକ୍ଷା




ହେଉଛି ସମାଜ ପରିବର୍ତ୍ତନର ମୂଳ ଆଧାର। ଯୁବମାନେ ଜ୍ଞାନ, ନୀତି ଓ ଉଦ୍ୟମର ସମନ୍ୱୟ ଦ୍ୱାରା ଦେଶକୁ ନୂତନ ଦିଗ ଦେଇପାରିବେ। ସମ୍ଭାବନା ମହାବିଦ୍ୟାଳୟ ଯେପରି ନୂତନ ଆଶା ଓ ଉଦ୍ଦୀପନାର ସୃଷ୍ଟିକେନ୍ଦ୍ର ହେବାକୁ ଯାଉଛି, ଏହା ଗର୍ବର ବିଷୟ। ଛାତ୍ରଛାତ୍ରୀ ମାନଙ୍କ ସାଂସ୍କୃତିକ ପ୍ରଦର୍ଶନୀ ଓ ସାହିତ୍ୟିକ କାର୍ଯ୍ୟକ୍ରମ ଅବସରକୁ ଆନନ୍ଦମୟ କରିଥିଲା। ସମାପନୀ ଅଭିଭାଷଣରେ ମହାବିଦ୍ୟାଳୟ ର ଅଧକ୍ଷା ମହୋଦୟା କହିଥିଲେଯେ " ମହାବିଦ୍ୟାଳୟ ଯୁବ ମନୋବୃତ୍ତିକୁ ଶିକ୍ଷା ଓ ସଂସ୍କାର ମାଧ୍ୟମରେ ସଜାଗ କରି ସମାଜ ସେବାରେ ଅଗ୍ରଣୀ ଭୂମିକା ଗ୍ରହଣ କରୁଛି। ବଡ଼କଥା ହେଲା ଠିକ ସମୟରେ ମନ୍ତ୍ରୀଙ୍କ କାର୍ଯ୍ୟକ୍ରମକୁ ବିରୋଧ କରିବା ଲକ୍ଷ୍ୟରେ ବିରୋଧୀ ଦଳର ଦଶପଲ୍ଲା ବିଧାୟକ ବିଜେଡି ର ପଦଯାତ୍ରା କରି ନିଜର ଶକ୍ତି ପ୍ରଦର୍ଶନ ଗଣିଆ ରେ ଦେଖାଇବା ବେଳେ ପୋଲିସ ପ୍ରଶାସନ କୁ ନାକେଦମ ହେବାକୁ ପଡ଼ିଥିଲା। ଦେଖାଯାଉ ଆଗକୁ ଏହି ପତିଆରା ଜାହିର ରହୁଛି ନା ରହୁନି ତାହା ଆଗାମୀ ପଂଚାୟତ ଭୋଟରେ ପ୍ରତିଫଳିତ ହେବ ବୋଲି ଚର୍ଚ୍ଚା ଜୋର ଧରିଛି।

## ଟାଟା ମେଜିକ ପଛକୁ ଧକ୍କା ଦେଲା ବାଇକ

ଆସିକା, (ମହାଭାରତ) : ଗଞ୍ଜାମ ଜିଲ୍ଲା ଆସିକା ଥାନା କର୍ପୁରନୂଆଗାଁ ନିକଟ ନୂଆପଲ୍ଲୀ ଛକ ଠାରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା । ରାସ୍ତା କଡରେ ଛିଡା ହୋଇଥିବା ଗୋଟିଏ ଟାଟା ମେଜିକ କୁ ପଛରୁ ଧକାଦେଲା ବାଇକ। ଦୁର୍ଘଟଣା ରେ ପୋଲସରା ବ୍ଲକ ବଗାଡି ଗ୍ରାମର ବାଇକ ଚାଳକ ଦଣ୍ଡପାଣି ସାହୁ ଗୁରୁତର ହୋଇଥିବା ବେଳେ ଆରୋହୀ ସୁରେଶ ସାହୁ ଆହାତ ହୋଇଛନ୍ତି କ୍ଷ ସୂଚନା ଅନୁସାରେ ଦଣ୍ଡପାଣି ଗୋଟିଏ ବାଇକ ରେ ସମ୍ପର୍କୀୟ ସୁରେଶ ନେଇ ଧରାକୋଟ ବ୍ଲକ ଝରପାରି ଗ୍ରାମରୁ ଫେରିବା ସମୟରେ ନୂଆପଲ୍ଲୀ ଛକ ନିକଟରେ ରାସ୍ତା କଡରେ ଛିଡା ହୋଇଥିବା ଗୋଟିଏ ପିକଅପ କୁ ପଛପଟୁ ଧକ୍କା ଦେଇଥିଲେ । ଦୁର୍ଘଟଣା ପରେ ଉଭୟ ରାସ୍ତା ଉପରେ ପଡ଼ିଥିବା ବେଳେ ଆସିକା ଦମକଳ ବାହିନୀ ଉଧାରକରି ଚିକିତ୍ସା ନିମନ୍ତେ ଆସିକା ଉପଖଣ୍ଡ ଚିକିତ୍ସାଳୟ ରେ ଭର୍ତି କରିଥିଲେ ।ଏଠାରେ ପ୍ରାଥମିକ ଚିକିତ୍ସା ପରେ ଗୁରୁତର ଦଣ୍ଡପାଣି ଙ୍କୁ ଆମ୍ବୁଲାନ୍ସ ଯୋଗେ ବ୍ରହ୍ମପୁର ସ୍ଥିତ ଏମକେସିଜି ମେଡିକାଲ କୁ ସ୍ଥାନାନ୍ତର କରାଯାଇଛି ।

## ବଜ୍ରାଘାତରେ ରାଇମଡ଼ା ଗ୍ରାମର ଜଣଙ୍କ ମୃତ୍ୟୁ

ଦଶପଲ୍ଲା, (ମହାଭାରତ): ଦଶପଲ୍ଲା ବ୍ଲକ ଅନ୍ତର୍ଗତ ଘୁଗୁଡିପଡା ପଞ୍ଚାୟତର ରାଇମଡା ଗ୍ରାମରେ ବଜ୍ରପାତରେ ଜଣେ ମୃତ୍ୟୁ ବରଣ କରିଥିବା ଜଣାପଡିଛି। ମୃତକ ଜଣକ ସେହି ଗ୍ରାମର କୀର୍ତ୍ତନ ନାୟକଙ୍କ ପୁତ୍ର ଗଣେଶ ନାୟକ (୫୭ବର୍ଷ) ବୋଲି ଜଣାପଡିଛି। ଗଣେଶ ଶୁକ୍ରବାର ଦିନ ଅପରାହ୍ନରେ ବିଲକୁ ଯାଇ ଆଉ ଫେରି ନଥିଲେ। ପ୍ରବଳ ବିଜୁଳି ଘଡଘଡି ହେବାରୁ ଘରେ ଖୋଜାଖୋଜି କରିଥିଲେ ହେଲେ ପାଇନଥିଲେ।ସୂଚନା ଅନୁସାରେ, ଗଣେଶ ନାୟକ ଘଣ୍ଟ ବଣିଆ ନାଳ ପାଖ ବିଲରେ କାମ କରୁଥିବାବେଳେ ଅଚାନକ ବଜ୍ରପାତ ହେବାରୁ ସେ ବିଲରେ ଢଳିପଡ଼ିଥିଲେ। ଘରକୁ ଫେରିବା ବିଳମ୍ବ ହେବାରୁ ପରିବାର ଲୋକ ବହୁ ଖୋଜାଖୋଜି କରିବା ସତ୍ୱେ ଗଣେଶ ଙ୍କୁ ପାଇନଥିଲେ। ସକାଳୁ ଖବର ପାଇ ପୋଲିସ ଏବଂ ପରିବାରଲୋକ ତାଙ୍କୁ ଦଶପଲ୍ଲା ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣିଥିଲେ। ସେଠାରେ ଶବବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା। ଘଟଣା ସମ୍ବନ୍ଧରେ ସ୍ଥାନୀୟ ପୋଲିସ ତଦନ୍ତ ଆରମ୍ଭ କରିଛି। ଏହି ଅଞ୍ଚଳରେ ଗତ କିଛି ଦିନ ଧରି ଲଗାତାର ବର୍ଷା ସହ ବଜ୍ରାଘାତ ହେଉଥିବାରୁ ଗ୍ରାମବାସୀମାନଙ୍କ ମଧ୍ୟରେ ଭୟ ସୃଷ୍ଟି ହୋଇଛି।

## ନାଳରେ ଭାସୁଥିବା ବୃଦ୍ଧଙ୍କ ମୃତ ଦେହ ଉଦ୍ଧାର

ଲାଞ୍ଜିଗଡ଼, (ମହାଭାରତ):କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ ଏକ ଆଦିବାସୀ ଅଧ୍ୟୁଷିତ ଅଂଚଳ ହୋଇଥିବାବେଳେ ଏହି ଅଞ୍ଚଳରେ ହତ୍ୟା, ଆତ୍ମହତ୍ୟା, ଓ ଗୁଣିଗାରେଡି ହତ୍ୟା ବୃଦ୍ଧି ପାଉଛି। ଅନେକ ସଚେତନତା ପରେ ମଧ୍ୟ ସଚେତନ ହେଉ ନାହାନ୍ତି ଅଞ୍ଚଳବାସୀ। ଏହି ଭଳି ଆଉ ଏକ ମୃତ୍ୟୁ ଘଟଣା ଅଞ୍ଚଳରେ ଚର୍ଚ୍ଚାର ପରିସରକୁ ଆସିଛି। ମିଳିଥିବା ସୂଚନା ଅନୁସାରେ ବିଶ୍ୱନାଥପୁର ଥାନା ଅନ୍ତର୍ଗତ ଟକଲାସୁର ଗାଁ ନିକଟରେ ବହି ଯାଉଥିବା ଏକ ନାଳରେ ଜଣେ ୫୪ବର୍ଷୀୟା ବୃଦ୍ଧର ମୃତ ଦେହ ଭାସୁଥିବାର ଦେଖିବାକୁ ମିଳିଥିଲା। ଏହି ଖବର ଅଞ୍ଚଳରେ ଚର୍ଚ୍ଚାକୁ ଆସିଥିବାବେଳେ ଏହି ଖବର ପାଇ ବିଶ୍ୱନାଥପୁର ପୋଲିସ ମଧ୍ୟ ଘଟଣା ସ୍ଥଳକୁ ଛୁଟି ଆସିଥିଲା। ସୂଚନା ଅନୁସାରେ ଡଙ୍ଗରି ଗାଁର କାଳିଆ ହରିଜନ ନାମକ ଜଣେ ବ୍ୟକ୍ତି ଗତକାଲି ସକାଳ ସାତ ଟାରୁ କୌଣସି କାମରେ ଘରୁ ବାହାରକୁ ବାହାରି ଥିଲା। ହେଲେ ବିଳମ୍ବିତ ରାତି ପର୍ଯ୍ୟନ୍ତ ଘରକୁ ପହଞ୍ଚି ନ'ଥିଲା। ଘର ଲୋକେ ଅନେକ ଖୋଜାଖୋଜି ପରେ ମଧ୍ୟ କାଳିଆ ହରିଜନଙ୍କ ପତା ମିଳିନ'ଥିଲା।

## ଶ୍ୟାମସୁନ୍ଦର ବଜାର କମିଟିର ୩୫ତମ ବାର୍ଷିକ ଉତ୍ସବ

ବାଲିଚନ୍ଦ୍ରପୁର,୧୧/୧୦() ଯାଜପୁର ଜିଲ୍ଲା ବାଲିଚନ୍ଦ୍ରପୁରସ୍ଥିତ ଶ୍ୟାମସୁନ୍ଦର ବଜାର କମିଟିର ୩୫ତମ ବାର୍ଷିକ ଉତ୍ସବ ଶୁକ୍ରବାର ରାତ୍ରୀରେ ଲକ୍ଷ୍ମୀ ମଣ୍ଡପ ନିକଟରେ ଅନୁଷ୍ଠିତ ହୋଇଯାଇଛି। ବଜାର କମିଟି ସଭାପତି ତଥା ବରିଷ୍ଠ ସାମ୍ବାଦିକ ପ୍ରଦୀପ୍ତ କୁମାର ପୃଷ୍ଟିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ବଡ଼ଚଣା ବିଧାୟକ ଅମର କୁମାର ନାୟକ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଆମ ଐତିହ୍ୟ, ସଂସ୍କୃତି ଓ ପରମ୍ପରାର ପ୍ରତୀକ ଗଜଲକ୍ଷ୍ମୀ ପୂଜା। ମା'ଙ୍କୁ ଆରାଧନା କରି ଦୀର୍ଘ ୬୦ ବର୍ଷ ଧରି ଏଭଳି ପୂଜା ଚଳାଇ ଆସୁଥିବା ସମସ୍ତ କର୍ମକ□ୀ ମାନଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଦୀର୍ଘ ୩୫ ବର୍ଷ ଧରି ବଜାର କମିଟିର କର୍ମକ□ୀ ମାନେ କେବଳ ବ୍ୟବସାୟରେ ଧ୍ୟାନ ନ ଦେଇ ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମରେ ଜଡ଼ିତ ରହିଥିବାରୁ ସେମାନଙ୍କୁ କୃତଜ୍ଞତା ଜଣାଇବା



ସହ ସମସ୍ତ କ୍ଷେତ୍ରରେ ସହଯୋଗର ହାତ ବଢାଇବେ ବୋଲି ପ୍ରତିଶ୍ରୁତି ପ୍ରଦାନ କରିଥିଲେ। ମୁଖ୍ୟବକ୍ତା ଭାବେ ବରିଷ୍ଠ ସାମ୍ବାଦିକ ବେବ□ୀ ଅଜୟ ଦାସ ଯୋଗଦେଇ ଗଜଲକ୍ଷ୍ମୀ ପୂଜା ଆଜି ଗୋଟିଏ ମେଢ ରୁ ବୃଦ୍ଧି ପାଇ ୧୫ଟି ମେଢରେ ପରିଣତ ହୋଇ ଏକ ଗଣ ପର୍ବର ସମାରୋହ ଅନୁଷ୍ଠିତ ହୋଇଛି। ପ୍ରତ୍ୟେକ ପୂଜା କମିଟିକୁ ସମ୍ବର୍ଦ୍ଧନା ପ୍ରଦାନ କରି ଏକ ନିଆରା ଭାଇଚାରାର ପରମ୍ପରା ସୃଷ୍ଟି କରିଛନ୍ତି। ଏଭଳି ଘଟଣା ଏକତା ବୃଦ୍ଧିରେ ସହାୟକ ହେବ ବୋଲି ମତ ଦେଇଥିଲେ। ସମ୍ମାନୀତ ଅତିଥି ଭାବରେ ଜିଲ୍ଲା ପରିଷଦ ସଭ୍ୟ ଅରବିନ୍ଦ ସାମଲ ଓ ସରପ□ଙ୍କ ପ୍ରତିନିଧି ଅମୀୟ କୁମାର ସାହାଣୀ ଯୋଗଦେଇ ବକ୍ତବ୍ୟ ରଖିଥିଲେ। କରି ରୁଦ୍ର ପ୍ରଶନ୍ନ ସାମଲ ଅତିଥି ପରିଚୟ ପ୍ରଦାନ କରିଥିଲା ବେଳେ ସ୍ୱାଗତ ଭାଷଣ ଓ ସଂପାଦକୀୟ ବିବରଣୀ ପାଠ କରିଥିଲେ ବଜାର କମିଟି ସମ୍ପାଦକ ତଥା ସାମ୍ବାଦିକ ପ୍ରବାସ କୁମାର ଦାଶ। ବରିଷ୍ଠ ନାଗରିକ ଗଦାଧର ଦାସ, ଲକ୍ଷ୍ମୀ ବଜାର, ମଙ୍ଗଳା ମନ୍ଦିର ପୂଜା କମିଟି, ପଣ୍ଡା ପରିବା ମାର୍କେଟ, ସରସ୍ୱତୀ ବଜାର, ମା'ମଲ୍ୟାବୁଢ଼ୀ ପୂଜା କମିଟି, ମହାବୀର ପୂଜା କମିଟି, ଶାସ୍ତ୍ରୀଜୀ ପୂଜା କମିଟି, କୁଆଁପାଳ ରୋଡ଼, ପତରାଜପୁର ପୂଜା କମିଟି ସମେତ ଛତିଆ ଜଗନ୍ନାଥ ବଜାର ପୂଜା କମିଟିକୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶିଶୁ ସାହିତ୍ୟିକ ତଥା ସାମ୍ବାଦିକ ଭକ୍ତ ଚରଣ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରାରମ୍ଭରେ ବିଧାୟକ ମା'ଗଜଲକ୍ଷ୍ମୀଙ୍କୁ ଆଳତୀ ଓ ପୂଜାର୍ଚ୍ଚନା ପରେ ଉତ୍ସବ ଆରମ୍ଭ ହୋଇଥିଲା।

## ତମାନପଲ୍ଲୀ ଠାରେ ସହିଦ୍ ସୁନାମ ତାମଦୋରା ମହିଳା ଫୁଟବଲ ଟୁର୍ଣ୍ଣାମେଂଟ ଉଦଯାପିତ



ମାଲକାନଗିରି, (ମହାଭାରତ) : ତମାନପଲ୍ଲୀ ଠାରେ ଆଜିସହିଦ୍ ସୁନାମ ତାମଦୋରା ମହିଳା ଫୁଟବଲ ଟୁର୍ଣ୍ଣାମେଂଟର ଉଦଯାପିତ ହୋଇଯାଇଛି। ଏହି ତ ଟୁର୍ଣ୍ଣାମେଂଟ ରେ ଦୁଇ ଦଳ ବହୁ ଭଲ ପ୍ରଦର୍ଶନ କରିବା ସହ ଆଜି ଫାଇନାଲ ରେ ପ୍ରବେଶ କରିବା ସହ ଆଜିର ଏହି ମ୍ୟାଚ ବହୁତ ଉତ୍କର୍ଷଣି ହୋଇଥିବା ବେଳେ ଏହି ମ୍ୟାଚ କୁ ସହ ସହ ଲୋକ ଉପଭୋଗ କରିଥିଲେ । ଏହି ତାମାଦୋରା ଫୁଟବଲ ମ୍ୟାଚ ଦେଖିବା ପାଇଁ ବହୁ ସଂଖ୍ୟାରେ ମହିଳା ଓ ପୁରୁଷ ଏକତ୍ରିତ ହୋଇ ଏହି ମ୍ୟାଚ କୁ ଉପଭୋଗ କରିବା ସହ ଏହାର ମଜା ନେଉଥିବା ଦେଖିବା ପାଇଁ ମିଳିଥିଲା। ଏହି ମହିଳା ଫୁଟବଲ ଟୁର୍ଣ୍ଣାମେଂଟ ଆଜକୁ ୫ ବର୍ଷ ଧରି ଚାଲିଥିବା ବେଳେ ଆଜି ଏହି ଟୁର୍ଣ୍ଣାମେଂଟ ର ଫାଇନଲ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି । ଏହି ଫାଇନାଲ ମ୍ୟାଚଟି ଆଲମା ଏଫସି ସହ ଭୁବନେଶ୍ୱର ଏଫସି ସହ ମୁକାବିଲା ହେଉଥିବା ବେଳେ ଏଥିରେ ଆଲମା ଏଫସି ୧ ଗୋଲରେ ବିଜୟ ହୋଇଥିଲେ । ଏହି ମ୍ୟାଚ ରେ ମୁଖ୍ୟ ଅତିଥି ଭାବେ, ଚିତ୍ରକୋଣ୍ଡା ବିଧାୟକ ଶ୍ରୀ ମଙ୍ଗୁଖିଲ,କଂଗ୍ରେସ ସଭାପତି ଗୋବିନ୍ଦ ପତ୍ର,ଉତ୍ତମ ରାୟ ଏକ୍ସ ଜେଡପି ମାନେ ଉପସ୍ଥିତ ଥିଲେ ଓ ଏହି ତମଦୋରା ଫୁଟବଲ ଟୁର୍ନାମେଣ୍ଟ ରେ ଏହି ଗ୍ରାମର ସଭାପତି ଦୁଲା ମାଡି , ସେକ୍ରେଟାରୀ ଦେବା ମାଡି, କ୍ୟାସିୟାର ସୁରେଶ ମାଡ଼ି, ସାୟେଡ ଆମଜାଦ, ଭୀମସେନ ମାଡକାମି, ହରିଶ୍ କବାଶି ସୁକମା ଏକ୍ସ ଜିଲ୍ଲା ପରିଷଦ ଚେୟାରମେନ, କୁସାମି ଦେବା ଦୋର୍ନୋପଲ୍,ଏବଂ ଅନ୍ୟାନ୍ୟ ଗ୍ରାମବାସୀ ସହଯୋଗ କରିବା ସହ ରେଫାରି ଦୁଲାଲ ମଣ୍ଡଳ ତୁଲାଇଥିଲେ ଏହି ଟୁର୍ଣ୍ଣାମେଂଟ କୁ ସଫଳ କରିଛନ୍ତି। ଏହି ମ୍ୟାଚର ପୁରସ୍କାର ବିଜୟ ଟିମକୁ ୫୦,୦୦୦ଟଙ୍କା ଥିବା ବେଳେ ପରାଜୟ ଟିମକୁ ୪୦,୦୦୦ ଟଙ୍କା ସହ ଟ୍ରଫି ପ୍ରଦାନ କରାଯିବାର ରହିଛି ।

## ଜିଲ୍ଲା ପ୍ରଧାନ ଶିକ୍ଷକ ସ୍ତରୀୟ ସ୍କାଉଟ ଗାଇଡ଼ ପ୍ରାଥମିକ ଆଲୋଚନାଚକ୍ର ଅନୁଷ୍ଠିତ




ମାଲକାନଗିରି, (ମହାଭାରତ): ଗୁରୁବାର ମହିଳା ମାଧ୍ୟମିକ ମହା ବିଦ୍ୟାଳୟ ମାଲକାନଗିରି ଠାରେ ଜିଲ୍ଲା ସ୍ତରୀୟ ସ୍କାଉଟ ଗାଇଡ଼ ପ୍ରାଥମିକ ଆଲୋଚନାଚକ୍ର ଜିଲ୍ଲା ଶିକ୍ଷାଧିକାରୀ ଚିତ୍ତ ରଂଜନ ପାଣିଗ୍ରାହୀ ଙ୍କ ସଭାପତିତ୍ୱରେ ରେ ଉଦଘାଟିତ ହୋଇ ଯାଇଛି। ଏହି ଆଲୋଚନାଚକ୍ର ରେ ଶିକ୍ଷାଧିକାରୀ ଶ୍ରୀଯୁକ୍ତ ପାଣିଗ୍ରାହୀ ପୌରହିତ୍ୱ କରିଥିଲା ବେଳେ ମୁଖ୍ୟ ଅତିଥି ଭାବରେ ରାଜ୍ୟ ଟ୍ରେନିଂ କମିଶନର ସୁରଜିତ ସେନ, ସମ୍ମାନିତ ଅତିଥି ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଭାଗୀରଥି ବେହେରା, ଅନ୍ୟତମ ସମ୍ମାନିତ ଅତିଥି ଅତିରିକ୍ତ ଶିକ୍ଷାଧିକାରିଣୀ ମଞ୍ଜୁଲତା ଭୋଇ, ମୁଖ୍ୟ ଅତିଥି ଭାବେ ମହା ବିଦ୍ୟାଳୟର ଅଧ୍ୟକ୍ଷ ଦୁଷ୍ମନ୍ତ କୁମାର ଜେନା, ଜିଲ୍ଲା ଶାରିରିକ ଶିକ୍ଷାଧିକାରୀ କାର୍ତ୍ତିକ ଚନ୍ଦ୍ର ବେହେରା, ଯୁଗ୍ମ ସଂପାଦକ ଶରତ ଚନ୍ଦ୍ର ଦାସ, ରାଜ୍ୟ ସଂଯୋଜିକା ସୁଶିଳା ହିଆଲ, ସଂଯୋଜକ ସଂଜିବ କୁମାର ବୈଦ୍ୟ ପ୍ରମୁଖ ଉପସ୍ଥିତ ଥିଲେ ।ସଂଯୋଜକ ମମତା ସୟ ଓ ସଂଯୋଜକ ରତିକାନ୍ତ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ। ଯୁଗ୍ମ ସଂପାଦକ ଶରତ ଚନ୍ଦ୍ର ଦାଶ । ପ୍ରଧାନ ଶିକ୍ଷକ ମାନଙ୍କ ସହିତ ପ୍ରତ୍ୟେକ ବିଦ୍ୟାଳୟରୁ ଜଣେ ଲେଖାଏଁ ଶିକ୍ଷକ/ଶିକ୍ଷୟିତୀ ସ୍କାଉଟ ଗାଇଡ଼ ଭାବରେ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲାରୁ ପ୍ରାୟ ସମସ୍ତ ବିଦ୍ୟାଳୟରୁ ପ୍ରାୟ ଦୁଇ ଶହ ପଚାଶ ଜଣ ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ରହିଥିଲେ। କାର୍ଯ୍ୟକ୍ରମର ଦ୍ୱିତୀୟ ଅଧିବେଶନରେ ସ୍କାଉଟ ଗାଇଡ଼ ଉପରେ ଷ୍ଟେଟ ଆରପି ଅବିନାଶ ଗଡ଼ନାୟକ ଶିକ୍ଷକ ମାନଙ୍କୁ ଶିକ୍ଷା ଦାନ କରିଥିଲେ।

## ବ୍ଲକ ସ୍ତରରେ ବରିଷ୍ଠ ନାଗରିକ ଦିବସ ପାଳିତ



କରଞ୍ଜିଆ (ମହାଭାରତ) ସାମାଜିକ ସୁରକ୍ଷା ଓ ଭିଉକ୍ଷମ ସଶକ୍ତିକରଣ ବିଭାଗ ପକ୍ଷରୁ ଶୁକ୍ରବାର ଦିନ ଠାକୁରମୁଣ୍ଡା ବ୍ଲକ ପରିସର ରେ ବରିଷ୍ଠ ନାଗରିକ ଦିବସ ପାଳିତ ହୋଇ ଯାଇଛି ।କାର୍ଯ୍ୟକ୍ରମ ଅବସରରେ ଠାକୁରମୁଣ୍ଡା ଗୋଷ୍ଠୀ ଉନ୍ନୟନ ଅଧିକାରୀ ସପନେଶ୍ୱର ବେହେରା ଙ୍କ ସଭାପତିତ୍ୱ ରେ ମୁଖ୍ୟ ଅତିଥି ଭାବରେ କରଞ୍ଜିଆ ବିଧାୟକ ପଦ୍ମଚରଣ ହାଇବୁରୁ ,ସମ୍ମାନିତ ଅତିଥି ଭାବରେ କେନ୍ଦୁଝର ଲୋକସଭା ସାଂସଦ ଙ୍କ ପ୍ରତିନିଧି ତାରାକାନ୍ତ ପଟ୍ଟନାୟକ,ବ୍ଲକ ଉପାଧକ୍ଷ ସନ୍ତୋଷ କୁମାର ମହାନ୍ତ ଯୋଗ ଦେଇଥିଲେ ।କାର୍ଯ୍ୟକ୍ରମ ରେ ଏପିଓ ଧ୍ୟାନଚନ୍ଦ ମହାନ୍ତ ଅତିଥି ପରିଚୟ ସହ କାର୍ଯ୍ୟକ୍ରମ ଶେଷ ରେ ସମସ୍ତ ଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।ବ୍ଲକ ସ୍ତର ରେ ପ୍ରଥମ ଥର ପାଇଁ ପାଳିତ ହେଉଥିବା ବରିଷ୍ଠ ନାଗରିକ ଦିବସ ଅବସର ରେ ବ୍ଲକ ର ବିଭିନ୍ନ ସ୍ଥାନରୁ ବରିଷ୍ଠ ନାଗରିକ ମାନେ ଆସି ଉପସ୍ଥିତ ଥିଲେ ।ଏହି ଅବସର ରେ ଅତିଥି ମାନେ ବରିଷ୍ଠ ନାଗରିକ ମାନେ ସମ୍ମୁଖୀନ ହେଉଥିବା ଆହ୍ୱାନ ସମ୍ବନ୍ଧରେ ଆଲୋକପାତ କରିଥିଲେ ।ବରିଷ୍ଠ ନାଗରିକ ମାନେ କିପରି ଶ୍ରଦ୍ଧା, ସମ୍ମାନ ଓ ମର୍ଯ୍ୟାଦା ର ସହିତ ଜୀବନ ଅତିବାହିତ କରି ପାରିବେ ସେ ନେଇ ନିଜ ନିଜ ର ବକ୍ତବ୍ୟ ରଖିଥିଲେ ।ଏହି ଅବସର ରେ ଉପସ୍ଥିତ ବରିଷ୍ଠ ନାଗରିକ ମାନଙ୍କ ମଧ୍ୟରେ ଠାକୁରମୁଣ୍ଡା ବ୍ଲକ ବରିଷ୍ଠ ନାଗରିକ ସଂଘ ର ସଭାପତି ପଦ୍ମଲୋଚନ ନନ୍ଦ,ଅବସରପ୍ରାପ୍ତ ବି ଇ ଓ ଗିରୀଶ ଚନ୍ଦ୍ର ମହାନ୍ତ, ହରେକୃଷ୍ଣ ମହାନ୍ତ, କେଶିରାମ ହୋ,ଶିବ ହେମ୍ବ୍ରମ, ମନମୋହନ ମାଝୀ ପ୍ରମୁଖ ନିଜ ନିଜର ବକ୍ତବ୍ୟ ରଖିଥିଲେ ।ଶେଷରେ ବରିଷ୍ଠ ନାଗରିକ ମାନଙ୍କ ସମ୍ବନ୍ଧରେ ପୂର୍ବରୁ ବିଦ୍ୟାଳୟ ସ୍ତର ରେ ହୋଇ ଥିବା ବ୍ଲକ ସ୍ତରୀୟ ରଚନା ପ୍ରତି ଯୋଗୀତା ରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ରୀ ଲକ୍ଷ୍ମୀ ପ୍ରିୟା ବଦ୍ରା ,ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ଶୁଭଲକ୍ଷ୍ମୀ ମାରାଣ୍ଡି, ତୃତୀୟ ସ୍ଥାନ ଅଧିକାର କରିଥିବା ହାରପ୍ରିୟା ସାହୁ ଙ୍କୁ ଅତିଥି ମାନେ ସାର୍ଟିଫିକେଟ ଓ କପ ପ୍ରଦାନ କରିଥିଲେ।

## ନବରଙ୍ଗପୁର ଠାରେ ବରିଷ୍ଠ ନାଗରିକ ଦିବସ ପାଳିତ

ନବରଙ୍ଗପୁର (ମହାଭାରତ):ନବରଙ୍ଗପୁର ସାମାଜିକ ସୁରକ୍ଷା ବିଭାଗ ଏବଂ ଜିଲ୍ଲା ପ୍ରଶାସନ ଦ୍ୱାରା ମହା ସମାରୋହ ରେ ବରିଷ୍ଠ ନାଗରିକ ଦିବସ ପାଳନ ହୋଇଯାଇଛି। ସକାଳ ୧୦.୦୦ ଘଣ୍ଟା ସମୟରେ ନବରଙ୍ଗପୁର ବ୍ଲକ ଠାରୁ ଏକ ଶୋଭାଯାତ୍ରା ରେ ଶତାଧିକ ବରିଷ୍ଠ ନାଗରିକ ସହିତ ବିଭିନ୍ନ ବିଭାଗୀୟ ଅଧିକାରୀ ସାମିଲ ହୋଇ ସହର ମଧ୍ୟ ଦେଇ ସ୍ଥାନୀୟ ମିଶନ ଶକ୍ତି ସମ୍ମିଳନୀଗୃହ ରେ ପହଞ୍ଚି ଥିଲେ। ଏହି ପଦଯାତ୍ରା କୁ ଅତିରିକ୍ତ ଜିଲ୍ଲାପାଳ ବିଶ୍ୱଜିତ ବର୍ମନ୍ ଏବଂ ତପନ କୁମାର ଖୁଣ୍ଟିଆ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଶୋଭାଯାତ୍ରାରେ ବରିଷ୍ଠ ନାଗରିକ ସଂଘର ସଭାପତି ,ସମ୍ପାଦକ, ସଭ୍ୟ ମାନଙ୍କ ସହ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ସୁଧାଂଶୁ ପାତ୍ର,ଜିଲ୍ଲା ସୁଚନା ଲୋକ ସମ୍ପର୍କ ଅଧିକାରୀ ମନୋଜ ବେହେରା ସାମିଲ ହୋଇ ମିଶନ ଶକ୍ତି ସମ୍ମିଳନୀ ଗୃହ ପର୍ଯ୍ୟନ୍ତ ଯାଇଥିଲେ। ବୈଠକ ଗୃହ ରେ ମାନ୍ୟବର ସାଂସଦ ରାଜ୍ୟସଭା ଶ୍ରୀଯୁକ୍ତ ମୁଜିବୁଲ୍ଲା ଖାଁ ମୁଖ୍ୟ ଅତିଥି ରୂପେ ଯୋଗଦେଇ ସହର ରେ ଥିବା ଦୁଇଟି ପଞ୍ଜୀକୃତ ବରିଷ୍ଠ ନାଗରିକ ସଂଘ ର ସଭାପତି ରାଧାନାଥ ବେହେରା ଏବଂ ମନୋରଞ୍ଜନ ସୁନାଧର ଙ୍କ ସହିତ ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ବରିଷ୍ଠ ନାଗରିକ ସଂଘ ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ ।ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ସୁଧାଂଶୁ ପାତ୍ର ସଭାକାର୍ଯ୍ୟ ପରିଚାଳନା କରିଥିଲେ। ସଭାର ଅଧ୍ୟକ୍ଷ ରୂପେ ଅତିରିକ୍ତ ଜିଲ୍ଲାପାଳ ବିଶ୍ୱଜିତ ବର୍ମନ ଯୋଗ ଦାନ ପୂର୍ବକ ୬୦ ବର୍ଷ ଅତିକ୍ରାନ୍ତ ପରେ ବରିଷ୍ଠ ନାଗରିକ କେମିତି ନିଜର ଶାରୀରିକ ଓ ମାନସିକ ସ୍ବାସ୍ଥ୍ୟକୁ ସୁରକ୍ଷା କରିବେ ଓ ସମାଜ କୁ ଦିଗଦର୍ଶନ ଦେବାକୁ ଅନୁରୋଧ କରି କହିଥିଲେ। ମୁଖ୍ୟ ଅତିଥି ସାଂସଦ ଶ୍ରୀ ମୁଜିବୁଲ୍ଲା ଖାଁ ଯୋଗ ଦେଇ ବରିଷ୍ଠ ନାଗରିକ ମାନେ ସମାଜ ପାଇଁ ଅମୂଲ୍ୟ ରତ୍ନ ବୋଲି ତାଙ୍କ ବକ୍ତବ୍ୟ ରେ ରଖିଥିଲେ । ଏତଦ୍ ସହ ସମାଜ ରେ ଶାନ୍ତି ରଖିବା ରେ ବରିଷ୍ଠ ଙ୍କ ପ୍ରମୁଖ ଭୂମିକା ଅଛି ବୋଲି କହିଥିଲେ। ଏ ଡି ପି ଏଚ ଓ ଡ଼ା ମଳୟ ତ୍ରିପାଠୀ ବରିଷ୍ଠ ନାଗରିକ ସ୍ୱାସ୍ଥ୍ୟ ର ଯତ୍ନ କିପରି ରଖିବେ ତା ଉପରେ କହିଥିଲେ। ଉପଜିଲ୍ଲାପାଳ ପ୍ରକାଶ କୁମାର ମିଶ୍ର ଯୋଗ ଦେଇ ବରିଷ୍ଠ ନାଗରିକ ସୁରକ୍ଷା ପାଇଁ ପ୍ରଣୀତ ଆଇନ ଉପରେ ଆଲୋଚନା କରିଥିଲେ। ବ୍ରହ୍ମକୁମାରି ନମିତା ଭଉଣୀ ଜୀବନରେ ଆଧ୍ୟାତ୍ମିକତା ଓ ତଦ୍ୱାରା ଜୀବନର ଶ୍ରେଷ୍ଠତା ସକାଶେ ନିଜକୁ ସମର୍ପଣ କରିବାକୁ କହିଥିଲେ।

# ରହସ୍ୟ ମୟ ମା ମଙ୍ଗଳା ଙ୍କ ଅଲୌକିକ ବିଶ୍ରାମ ଶିଳା



କାକଟପୁର( ମହାଭାରତ) :ଭାରତ ଦେଶ ରେ ବିଭିନ୍ନ ସ୍ଥାନରେ ରହିଛି ଶକ୍ତି ପୀଠ। କିନ୍ତୁ ଆଜି ଆମେ କହୁଛୁ ପୁରୀ ଜିଲ୍ଲା କାକଟପୁର ବ୍ଲକ ର ଅଧିଷ୍ଠାତ୍ରୀ ଦେବୀ ମା ମଙ୍ଗଳା ଙ୍କ ଅଲୌକିକ କଥା, ଆପଣ ପ୍ରତ୍ୟେକ ଶକ୍ତି ପିଠ ରେ ମା ଙ୍କ ପ୍ରତିମା ଙ୍କୁ ଦର୍ଶନ କରିଥିବେ। କିନ୍ତୁ କାକଟପୁର ରେ ମା ଙ୍କ ଜୀବନ୍ତ ଦର୍ଶନ ର ପ୍ରମାଣ ରହିଛି। ମା ଙ୍କ ବିଶ୍ରାମ ଶିଳା ରେ, ଅନେକ ବର୍ଷ ଆଗରୁ ଶିଳା ସମାନ ଥିଲା । କିନ୍ତୁ କାଳକ୍ରମେ ମା ଙ୍କ ବସିବା ଭଳି ଶିଳା ଟି ଖାଲ ହେଇ ହେଇ ଯାଉଛି। କେବଳ ସେତିକି ନୁହେଁ ମା ଙ୍କ କଟି ଚିହ୍ନ, ପଛ ପଟେ ମା ଙ୍କ ବେଣୀ ର ଚିହ୍ନ, ପାଦ ର ଚିହ୍ନ ଆକୃତି ରେ ଧୀରେ ଧୀରେ କ୍ଷୟ ହେଉଛି। ଏ ଶିଳା ଇତିହାସ କୁହେ ଅତୀତ ରେ ଆମ ଅଞ୍ଚଳ ର ସାଧବ ପୁଅ ମାନେ ବୋଇତ ନେଇ ପ୍ରାଚୀ ନଦୀ ରେ ଜାଭା ସୁମାତ୍ରା ବାଲିଦୀପ ସିଂହଳ ପ୍ରଭୃତି ସ୍ଥାନ କୁ ବାଣିଜ୍ୟ କାରବାର ରେ ଯାଉଥିଲେ। ଆଉ ସିଂହଳ ରୁ ବୋଇତ ମଙ୍ଗ ରେ ମା ମଙ୍ଗଳା ଓ ବିଶ୍ରାମ ଶିଳା କୁ ଆଣିଥିଲେ। ଆସିଲା ବେଳେ ପ୍ରାଚୀ ର ଚକ୍ର ଗଣ୍ଡ ରେ ବୋଇତ ବୁଡ଼ିଯାଇ ଥିଲା। ସେହି ସମୟ ରେ ହଟ ଓ ଭଟ ଦୀକ୍ଷିତ ନାମକ ୨ ଜଣ କାମାକ୍ଷା ତାନ୍ତ୍ରିକ ରାଜା ଙ୍କ ଆଜ୍ଞା ରେ ଯଜ୍ଞ କରି ପ୍ରାଚୀ ରୁ ମା ଙ୍କ ମୂର୍ତ୍ତୀ ଉଦ୍ଧାର କରି ପ୍ରଥମେ ଦେଉଳି ମଠ ରେ ପୂଜା କରୁଥିଲେ। ସେଠି ମଧ ବିଶ୍ରାମ ଶିଳାକୁ ଉଦ୍ଧାର କରି ରଖା ଯାଇଥିଲା, ୧୫୪୮ ଖ୍ରୀଷ୍ଟାବ୍ଦ ରେ ଉତ୍କଳ ନରେଶ ପ୍ରତାପ ରୁଦ୍ର ଦେବ, ଶ୍ରୀ ଚୈତନ୍ୟ ମହାପ୍ରଭୁ, ଆଦି ଗୁରୁ ଶଙ୍କରାଚାର୍ଯ୍ୟ ଓ ଜଣେ ବଙ୍ଗୀୟ ଭକ୍ତ ପଞ୍ଚାନନ ମିତ୍ର କାକଟ ପୁର ରେ ବୈଷ୍ଣବ କ୍ଷେତ୍ର ପରିକ୍ରମା କରି ମା ଙ୍କୁ ଦେଉଳି ମଠ ରେ ଦର୍ଶନ କରିବା ପରେ ପଞ୍ଚାନନ ମିତ୍ର ମା ଙ୍କ ପାଇଁ ଭବ୍ୟ ଦେଉଳ ନିର୍ମାଣ କରି ରାୟ ଚୁଡା ମଣି ଉପାଧି ରେ ଭୂଷିତ ହେଇଥିଲେ। ମା ଙ୍କର ପୂଜା ଦେଉଳ ରେ ଚାଲିଥିଲା ହଠାତ ରାଜା ଙ୍କୁ ସ୍ୱପ୍ନ ହେଲା ମୁଁ ଶ୍ରୀ ମନ୍ଦିର ରେ ମୋ ସନ୍ତାନ ମାନଙ୍କ ପାଖକୁ ଯାଇ ଫେରୁଛି। ମୋ ବିଶ୍ରାମ ଶିଳା କୁ ସ୍ଥାପନ କର। ପୁନଶ୍ଚ ମା ଙ୍କ ଶିଳା ସ୍ଥାପନ ହୋଇଥିଲା। ଏହା ହେଉଛି ମା ଙ୍କ ଦିବ୍ୟ ଲୀଳା କ୍ଷେତ୍ର। ହଁ ଆଜ୍ଞା ଆପଣ ନିଜେ ଆସି ମା ଙ୍କ ବିଶ୍ରାମ ଶିଳା କୁ ଦେଖିଲେ ନିଶ୍ଚୟ ଜାଣି ପାରିବେ, ମା ପଦ୍ମଫୁଲ ଉପରେ ଅର୍ଦ୍ଧ ପଦ୍ମାସନୀ ଅବସ୍ଥା ରେ ବସିଛନ୍ତି। ଚତୁର୍ଭୁଜ, ଡାହାଣ ହାତ ଉପରେ ପୂର୍ଣ୍ଣ ଚନ୍ଦ୍ର, ତଳେ ଜପ ମାଳି, ବାମ ହାତ ଉପରେ ପଦ୍ମ କଢି ଓ ତଳେ ପଦ୍ମ ମିଶ୍ରିତ ଆଶୀର୍ବାଦ ମୁଦ୍ରା, ଠିକ ସେହିପରି ମା ଙ୍କ ବିଶ୍ରାମ ଶିଳା। ସେହିପରି ଭାବେ ମା ଙ୍କ ଅଙ୍ଗ ଭଳି ଶିଳା ଧୀରେ ଧୀରେ କ୍ଷୟ ହେବାରେ ଲାଗିଛି ଯାହା ସମ୍ପୂର୍ଣ୍ଣ ଅଲୌକିକ ଆଉ ରହସ୍ୟମୟ ମା ଙ୍କ ଜଗ ମୋହନ ମଣ୍ଡପ ର ଦକ୍ଷିଣ ଭାଗ ରେ ଏହି ବିଶ୍ରାମ ଶିଳା ଅବସ୍ଥାନ ।ପ୍ରତ୍ୟେକ ଦିନ ରାତ୍ର ରେ ମା ଙ୍କର ବଡ଼ ସିଂହାର ବେଶ ସରିବା ପରେ ପୂଜା ପଣ୍ଡା ଏହି ଶିଳାକୁ କର୍ପୁର, ଅଗୁରୁଚନ୍ଦନ ରେ ମାର୍ଜନା କରି ଫୁଲ ବିଛାନ୍ତି ଆଉ ମା ରାତ୍ର ରେ ପୁରୀ ଶ୍ରୀକ୍ଷେତ୍ର ଯାଇ ନିଜ ସନ୍ତାନ ମାନଙ୍କୁ ଦର୍ଶନ ଦେଇ ଫେରନ୍ତି । ଶେଷ ରେ ଏହି ସ୍ଥାନ ରେ ବିଶ୍ରାମ କରି ଦେଉଳ ଭିତରେ ପ୍ରବେଶ କରନ୍ତି ।ଯାହା ଆଜି ବି ନିଜ ଚର୍ମ ଚକ୍ଷୁ ରେ ଆପଣ ଦର୍ଶନ କରି ପାରିବେ।

## ବିଶ୍ୱ ମାନସିକସ୍ୱାସ୍ଥ୍ୟ ଦିବସ ପାଳନ



ନବରଙ୍ଗପୁର,(ମହାଭାରତ) ଜିଲ୍ଲା ଆଇନ ସେବା ପ୍ରାଧିକରଣ, ନବରଙ୍ଗପୁର ଓ ଜିଲ୍ଲା ସ୍ୱାସ୍ଥ୍ୟ ସମିତି ନବରଙ୍ଗପୁର ର ମିଳିତ ଆନୁକୁଲ୍ୟରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ନବରଙ୍ଗପୁର ସମ୍ମିଳନୀ କକ୍ଷରେ ବିଶ୍ ମାନସିକସ୍ୱାସ୍ଥ୍ୟ ଦିବସ କୁ ନେଇ ଏକ ସଭା ଓ ଆଇନ ସଚେତନତା ଶିବିର ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ଜିଲ୍ଲା ଆଇନ ସେବା ପ୍ରାଧିକରଣ, ନବରଙ୍ଗପୁର ଅଧ୍ୟକ୍ଷ ତଥା ଜିଲ୍ଲା ଦୌରାଜର୍ଜ ସୁବ୍ରତ ମହାନ୍ତିଙ୍କ ନିର୍ଦ୍ଦେଶ କ୍ରମେ ଆୟୋଜିତ ହୋଇଥିଲା । ଏଠାରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ଆଇନ ସେବା ପ୍ରାଧିକରଣ, ନବରଙ୍ଗପୁର ସଚିବ ଶ୍ରୀମତୀ ଶାଶ୍ତୀ ମିଶ୍ର ଯୋଗ ଦେଇଥିଲେ। ବୈଠକରେ ଜିଲ୍ଲାମୁଖ୍ୟ ଚିକିତ୍ସା ଅଧିକାରୀ ଡକ୍ଟର ସନ୍ତୋଷ କୁମାର ପଣ୍ଡା, ଡକ୍ଟର ଏନ ରବି ବାବୁ, ଡକ୍ଟର ସମଲେଇ ପ୍ରସାଦ ପଣ୍ଡା, ଶ୍ରୀ ଶଙ୍କର ଆଚାର୍ଯ୍ୟ, ଡି ଆଇ ପି ଆର୍ ଓ ମନୋଜ କୁମାର ବେହେରା,ଡି. ପି .ଏମ, (ଏନ୍ ଏଚ ଏମ)ନବରଙ୍ଗପୁର, ଶ୍ରୀ ରାଜ କିଶୋର ନାଗ, ଉପ ମୁଖ୍ୟ ଆଇନ ଗତ ସହାୟତା ପ୍ରତିରକ୍ଷା ପରାମର୍ଶଦାତା, ନବରଙ୍ଗପୁର, ଶ୍ରୀମତୀ କିଶୋରୀ ପଟ୍ଟନାୟକ, ଆଇନଜୀବି ନବରଙ୍ଗପୁର ଶ୍ରୀମତୀ ରାକ୍ଷୀ ଜୈନ,ସହାୟକ ଆଇନ ଗତ ସହାୟତା ପ୍ରତିରକ୍ଷା ପରାମର୍ଶଦାତା, ନବରଙ୍ଗପୁର, ମିସ ସୁଶ୍ରୀ ସମ୍ୟକ ନନ୍ଦ, କ୍ଲିନିକାଲ ମନସ୍ତ୍ତବିତ, ନବରଙ୍ଗପୁର , ନବରଙ୍ଗପୁର ନର୍ସିଂ କଲେଜ ର ଛାତ୍ରୀ,ବିଭିନ୍ନ ବ୍ଲକ ର ପାରା ଲିଗାଲ ସ୍ୱେଚ୍ଛାସେବୀଗଣ ପ୍ରମୁଖ ଭାଗ ନେଇଥିଲେ। ପ୍ରଥମେ ଜିଲ୍ଲାମୁଖ୍ୟ ଚିକିତ୍ସା ଅଧିକାରୀ ଡକ୍ଟର ସନ୍ତୋଷ କୁମାର ପଣ୍ଡା ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ ଅବସରରେ ମାନସିକ ରୋଗର କାରଣ ,ଏହାର ନିରାକରଣ ଓ ଉପଚାର,ମାଗଣା ଔଷଧ ବିତରଣ,ଏବଂ ବୌଦ୍ଧିକ ଅକ୍ଷମତା ଥିବା ବ୍ୟକ୍ତିଙ୍କୁ ସହାୟତା ବିଷୟରେ ସମସ୍ତଙ୍କୁ ଅବଗତ କରାଇଥିଲେ । ସ୍ୱାସ୍ଥ୍ୟ ବିଭାଗ ର ମନସ୍ତତ୍ତବିତ ପି ପି ଟି ମାଧ୍ୟମରେ ଗୃହରେ ମାନସିକ ରୋଗର ଲକ୍ଷଣ,ନିରାକରଣ, ସ୍ୱାସ୍ଥ୍ୟ ବିଭାଗ ତରଫରୁ ଚିକିତ୍ସା ଉପରେ ପ୍ରାଞ୍ଜଳ ଭାବେ ସମସ୍ତଙ୍କୁ ଅବଗତ କରାଇଥିଲେ। ମୁଖ୍ୟ ଅତିଥି ମାନସିକ ରୋଗର ପୀଡ଼ିତ ବ୍ୟକ୍ତି ଓ ବିଭିନ୍ନ ଆଇନ ବିଷୟ ନେଇ ସଚେତନ କରିଥିଲେ। ବୈଠକ ରେ ସାଂପ୍ରତିକ ସମୟରେ ମାନସିକ ସ୍ୱାସ୍ଥ୍ୟ ବଜାୟ ରଖିବା ପାଇଁ ନିୟମିତ ଯୋଗ,ଶାରୀରିକ ବ୍ୟାୟାମ, ଆଧ୍ୟାତ୍ମିକତା,ଯଥେଷ୍ଟ ନିଦ୍ରା, ଗୋଷ୍ଠି ଓ ପରିବାର ର ସହଯୋଗ, ଅବସାଦ ଓ ଅସହାୟତା କୁ ଦୂରୀକରଣ ନିମନ୍ତେ ପ୍ରୟାସ କୁ ଗୁରୁତ୍ୱ ଦେବାକୁ ମତ ପ୍ରକାଶ ପାଇଥିଲାୟ ପରିଶେଷରେ, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଜିଲ୍ଲା କାର୍ଯ୍ୟକାରୀ ସଞ୍ଚାଳକ, ଶ୍ରୀ ଶଙ୍କର ଆଚାର୍ଯ୍ୟ ଧନ୍ୟବାଦ ଅର୍ପଣ କରିଥିଲେ ।ଏହି କାର୍ଯ୍ୟକ୍ରମ ଜିଲ୍ଲା ଆଇନ ସେବା ପ୍ରାଧିକରଣ, ନବରଙ୍ଗପୁର ଓ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ନବରଙ୍ଗପୁର ମିଳିତ ଭାବେ ପରିଚାଳନା କରାଯାଇଥିଲା ।

## ପଣ୍ଡିତ ଗୋପବନ୍ଧୁ ଦାସଙ୍କ ୧୪୮ତମ ଜୟନ୍ତୀ ପାଳିତ

ଦଶପଲ୍ଲା,(ମହାଭାରତ): ପୂର୍ଣ୍ଣାତ୍ମା ଗୋପବନ୍ଧୁ ଦାସଙ୍କ ୧୪୮ତମ ଜୟନ୍ତୀ ଉତ୍ସବ ପାଳନ ଅବସରରେ ଦଶପଲ୍ଲାଠାରେ ମତ ପ୍ରକାଶ ପାଇଛି ଯେ ପିତଣ, ମାତୃଋଣ ସୁଝିବା ମନୁଷ୍ୟର ଧେୟ ହୋଇଥିବାବେଳେ ସାମଜ ପାଇଁ ଋଣ ସୁଝିବା ଆଉ ଏକ କ□ବ୍ୟ । ଯେପରି ପଣ୍ଡିତ ଗୋପବନ୍ଧୁ ଦାସ ନିଜ ଜୀବନକୁ ତିଳ ତିଳ କରି ନିସ୍ୱାର୍ଥପର ଭାବରେ ଦୁଃଖିରଙ୍କିମାନଙ୍କ ସେବା କରି ହୃଦୟ ଜିଣିପାରିଥିଲେ। ସେହି ଆଦର୍ଶକୁ ପାଥେୟ କରି ପାରିଲେ ମଣିଷ ପଣିଆର କର୍ତ୍ତବ୍ୟ ବୋଲି କୁହାଯାଇପାରିବ ।ଏ ଅବସରରେ ଦଶପଲ୍ଲାର ଗାନ୍ଧୀ ମଇଦାନଠାରେ ଗୁରୁବାର ସକାଳ ସମୟରେ ଉତ୍କଳମଣି ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇ ତାଙ୍କ ଜୀବନୀ ବିଷୟରେ ବହୁ ବିଶିଷ୍ଟ ବ୍ୟକ୍ତି ଓ ସଂଗଠନ ଆଲୋଚନା କରିଥିଲେ। ଉତ୍କଳ ସମ୍ମିଳନୀର ଦଶପଲ୍ଲା ଶାଖା ସଭାପତି ଡାକ୍ତର ବୈଦ୍ୟନାଥ ସାହୁ, ଗଠନ ପରିବାର ସଭାପତି ରଘୁନାଥ ସାହୁ, ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ଖଣ୍ଡବାର ଯୁଗଳ କିଶୋର ପ୍ରଧାନ, ମହାବୀର ବଣିକ ମହାସଂଘର ଉପସଭାପତି ଉମାକାନ୍ତ ସାହୁ, ସାରସ୍ୱତ ସାଧକ ଗାଳ୍ପିକ ହାଡିବନ୍ଧୁ ମହାଖୁଡଙ୍କ ସଂଯୋଜନାରେ ଶିକ୍ଷାବିତ ପ୍ରମୋଦ କୁମାର ପ୍ରଧାନ, ମାନସରଂଜନ ସାହୁ, ଧ୍ରୁବଚରଣ ସାହୁ, ଭଗବାନ ଦେହୁରୀ, ଡାକ୍ତର ଅନ୍ତର୍ଯ୍ୟାମୀ ଭୂୟାଁ, ହୃଷୀକେଶ ବାରିକ, ଅଧ୍ୟାପକ ଧିରେନ୍ଦ୍ର କୁମାରମହାରଣା ପ୍ରମୁଖ ନିଜର ବକ୍ତବ୍ୟ ରଖିଥିଲେ। କାର୍ଯ୍ୟକ୍ରମକୁ ସାମ୍ବାଦିକ ଦଶପଲ୍ଲା ପ୍ରତିନିଧି ପ୍ରଶାନ୍ତ କୁମାର ସାହୁ ଶେଷରେ ଧନ୍ୟବାଦ ଦେଇଥିଲେ ।ସହଯୋଗୀ ବିଘ୍ନେଶ୍ୱର ବେହେରା, ସନ୍ତୋଷ କୁମାର ସାହୁ ଓ ଅରୁଣ କୁମାର ମହାକୁଡ ପ୍ରମୁଖ ଉପସ୍ଥିତ ଥିଲେ ।ସେହିପରି ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଛାତ୍ରଛାତ୍ରୀମାନେ ପ୍ରଧାନାଚାର୍ଯ୍ୟ ଜଗନ୍ନାଥ ମହାପାତ୍ରଙ୍କ ନେତୃତ୍ୱରେ ପଣ୍ଡିତ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପୂର୍ବକ ପିଲାମାନଙ୍କୁ ତାଙ୍କ ଜୀବନ କିପରି ସଂଘର୍ଷମୟ ଥିଲା ପ୍ରକାଶ କରିଥିଲେ । ଅନୁରୂପ ଭାବେ ଦଶପଲ୍ଲା ଉଚ୍ଚ ବିଦ୍ୟାଳୟ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ସୁବାଷ ଚନ୍ଦ୍ର ସାହୁ, ସାତପାଟଣା ଉଚ୍ଚ ବିଦ୍ୟାଳୟ, ରାଧାମୋହନ ଜୀଉ ଉଚ୍ଚ ବିଦ୍ୟାଳୟ, ମଧ୍ୟଖଣ୍ଡ ଉଚ୍ଚ ବିଦ୍ୟାଳୟ, ଖମାରସାହି ଉଚ୍ଚ ବିଦ୍ୟାଳୟ, ଦେସର ଉଚ୍ଚ ବିଦ୍ୟାଳୟ, ଜାନୀସାହି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଖଳିସାହି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଦଶପଲ୍ଲା ବାଳିକା ଉଚ୍ଚ ବିଦ୍ୟାଳୟ, ଡିହଗାଁ ଉଚ୍ଚ ବିଦ୍ୟାଳୟଠାରେ ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇ ଶ୍ରଦ୍ଧା ସୁମନ ଦିଆଯାଇଥିଲା।

## ୯ ଜଣ କୁଖ୍ୟାତ ଅପରାଧିଙ୍କୁ ଧରିବାରେ ସଫଳ ହେଲା ଟାଉନ ପୋଲିସ

କେନ୍ଦୁଝର,(ମହାଭାରତ):ସମସ୍ତ ଙ୍କର ଇଚ୍ଛା ଥାଏ ପାଠ ପଢି ବଡ ଅଫିସର ହେବାକୁ ହେଲେ ଗଣେଷ ଗିରିର ଇଚ୍ଛା ଥିଲା ଗ୍ୟାଙ୍ଗ ଷ୍ଟାର ବନି କେନ୍ଦୁଝରର ଡନ ହେବାକୁ । ଏଥି ପାଇଁ ଗଠନ କରିଥିଲେ ମହାକାଳ ଗ୍ରୁପ । ଆଉ ଏଥିରେ ସାମିଲ କରିଥିଲା ଝାରଖଣ୍ଡ ଓ ଓଡିଶା ରାଜ୍ୟ ରୁ ବଛା ବଛା ଅନେକ ଯୁବକ । ଏହାର ଡନ ସାଜିଥିଲା ମୟୂରଭଞ୍ଜ ଜିଲ୍ଲା ଛେଳିଆନାଳ ଅଞ୍ଚଳର ଗଣେଷ ଗିରି। ଲୋକ ଙ୍କୁ ଭୟଭୀତ କରିବାକୁ ଏକା ସାଙ୍ଗରେ ୨୦ ରୁ ଉର୍ଦ୍ଧ ଗାଡି ନେଇ ସୁରକ୍ଷା ବଳୟ ଭିତରେ ବାହାରୁ ଥିଲେ। ଗଣେଷ ଓ ରାସ୍ତା ମଝିରେ ଗାଡି ରଖି ଖଣ୍ଡାରେ କେକ କାଟି କରୁଥିଲେ ଜନ୍ମ ଦିନ ପାଳନ । ଲୋକଙ୍କୁ ଭୟଭୀତ କରିବାକୁ ଏହି ଭିଡିଓ ସବୁ ମହାକାଳ ଗ୍ରୁପ୍ ନାଁ ରେ ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରୁଥିଲେ । ନିଜର ସାମ୍ରାଜ୍ୟ ବଢ଼ାଇବାକୁ ବିଭିନ୍ନ ଖଣି ଓ କଳ କାରଖାନା ମାଲିକ ଙ୍କୁ ଧମକ ଦେଇ ନେଉଥିଲେ ଦାଦା ବଟି । ଯାହାକୁ ନେଇ ବିଭିନ୍ନ ସମୟରେ ବିଭିନ୍ନ ଥାନାରେ ରୁଜୁ ହୋଇଛି ୩୭ ଟି ମାମଲା । ଯେଉଁଥିରେ ଡକାୟତି , ହତ୍ୟା , ଖଣିଜ ପଦାର୍ଥ ଚୋରାଚାଲାଣ ଓ ଦାଦା ବଟି ଆଦାୟ ଭଳି ସଙ୍ଗିନ ଅଭିଯୋଗ ରହିଛି । ଯାହାକୁ ନେଇ ତାଙ୍କ ପଛରେ ପଡ଼ିଥିଲା କେନ୍ଦୁଝର ପୋଲିସ । ଏସପି ଙ୍କ ନେତୃତ୍ୱରେ ଗଠନ ହୋଇଥିଲା ଏକାଧିକ ସ୍ପେସାଲ ସ୍କ୍ୱାର୍ଡ । ବିଶେଷ ସୂତ୍ରରୁ ଖବର ପାଇ ଗତକାଲି କେନ୍ଦୁଝର ରେ ଡକାୟତି ପାଇ ନରଣପୁରର ଘଡଘଡି ମନ୍ଦିର ନିକଟସ୍ଥ ଏକ ପରିତ୍ୟକ୍ତ ଘରେ ଯୋଜନା କରୁଥିବା ବେଳେ ୯ ଜଣ ଙ୍କୁ ମାଡି ବସିଲା ପୋଲିସ । ସେମାନଙ୍କ ଠାରୁ ୫ ଟି ପିସ୍ତଲ ୨୫ ଟି ଜୀବନ୍ତ ଗୁଳି, ୭ ଟି ମ୍ୟାଗେଜିନ ସହ ୫ ଟି ମାରଣାସ୍ତ୍ର ଓ ଏକ ମହିନ୍ଦ୍ରା ଥର ଗାଡି ଜବତ କରିଛି ପୋଲିସ ।

# ଆଗକୁ ଦୀପାବଳି ମାଟି ଦୀପ ନିର୍ମାଣ କରିବାରେ ବ୍ୟସ୍ତ କୁମ୍ଭାର ପରିବାର



ଗଜପତି(ମହାଭାରତ): ଧର୍ମ ଅର୍ଜନର ମାସ ତଥା ଅମାବାସ୍ୟା ତିଥିରେ ପାଳନ କରାଯାଇଥାଏ ଆଲୋକର ପର୍ବ ଦୀପାବଳି। ଦୀପାବଳୀ ପର୍ବ ଆଉ ମାତ୍ର କିଛି ଦିନ ବାକିଥିବା ବେଳେ କୁମ୍ଭକାର ପରିବାର ମାଟିଦିପ ତିଆରି କରିବାରେ ବ୍ୟସ୍ତ ଥିବା ଦେଖିବାକୁ ମିଳିଛି ।ପୂର୍ବ ପୁରୁଷରୁ ମାଟିରୁ ବିଭିନ୍ନ ସାମଗ୍ରୀ ପ୍ରସ୍ତୁତିକୁ କୌଳିକ ବୃତ୍ତି ଭାବେ ଆଦରି ନେଇଥିବା କୁମ୍ଭକାରଙ୍କ ବେଉସା ଆଧୁନିକତାର ମାଡ଼ରେ ନହଜି ଆଜି ଯାଏଁ କିଛି ପରିବାର ବ□ାଇ ରଖିଛନ୍ତି। ପୂର୍ବରୁ ମାଟି ପାତ୍ରର ଚାହିଦା ଯଥେଷ୍ଟ ଅଧିକ ଥିଲା । ରନ୍ଧନ ପାଇଁ ଆବଶ୍ୟକ ମାଟି ପାତ୍ର ଠାରୁ ଆରମ୍ଭ କରି ମାଠିଆ, ହାଣ୍ଡି, ଗ୍ରୀଷ୍ମଋତୁରେ ପାଣି ଥଣ୍ଡା ରଖିବା ପାଇଁ ସୁରେଇ ଇତ୍ୟାଦି ପ୍ରସ୍ତୁତ କରି କୁମ୍ଭକାର ପରିବାର ବେଶ୍ ଦୁଇ ପଇସା ରୋଜଗାର କରି ପରିବାର ପ୍ରତିପୋଷଣ କରୁଥିଲେ। ସଭ୍ୟତାର ବିକାଶ ସହିତ ଆରମ୍ଭ ହୋଇଛି ଷ୍ଟିଲ ଯୁଗ । ରନ୍ଧନ ପାଇଁ ସାଧାରଣ ଲୋକେ ମାଟି ପାତ୍ରକୁ ଭୁଲି ଷ୍ଟିଲ ନିର୍ମିତ ବାସନ କୁସନ ବ୍ୟବହାର କରିବାକୁ ପସନ୍ଦ କଲେଣି। ଏଭଳି ପରିସ୍ଥିତରେ କୁମ୍ଭକାରଙ୍କ ବୃତ୍ତି ପ୍ରତି ସଙ୍କଟ ସୃଷ୍ଟି ହୋଇଛି । ତଥାପି କୌଳିକ ବୃତିକୁ ବଞ୍ଚାଇ ରଖିବାପାଇଁ ଏବେବି ସଙ୍ଘର୍ଷ ଜାରୀ ରଖିଛନ୍ତି କୁମ୍ଭକାର ପରିବାର । ବିଶେଷକରି ପର୍ବପର୍ବାଣୀରେ କୁମ୍ଭକାରଙ୍କୁ ସାଧାରଣ ଲୋକେ ମନେ ପକାଇଥାନ୍ତି । ସେମାନଙ୍କ ଦ୍ୱାରା ପ୍ରସ୍ତୁତ ଏମିତି କିଛି ସାମଗ୍ରୀ ରହିଛି ଯାହା ପୂଜା ବ୍ରତ ସକାଶେ ନିତାନ୍ତ ଜରୁରୀ ଯଅଧିକାଂଶ ପର୍ବପର୍ବାଣୀରେ ମାଟି ହାଣ୍ଡିର ଆବଶ୍ୟକତା ରହିଥିବା ବେଳେ ଏବେବି କିଛି ଗ୍ରାମାଞ୍ଚଳର କିଛି ଜନସାଧାରଣ ରୋଷେଇ ସକାଶେ ମାଟି ହାଣ୍ଡି ବ୍ୟବହାର କରିଥାନ୍ତି। ଆଧୁନିକତା ଯୁଗରେ ଜାଗର ଯାତ୍ରା ପାଳନ ସକାଶେ ରଙ୍ଗ ବେରଙ୍ଗର ଆଲୋକ ସଜ୍ଜିତ ବିଦ୍ୟୁତ ଦୀପ ମିଳୁଥିଲେ ମଧ ମାଟି ଦୀପର ଚାହିଦା ଏବେବି ବଞ୍ଚି ରହିଛି। ବର୍ଷ ତମାମ ବେକାରରେ ରହୁଥିବା କୁମ୍ଭକାର ପରିବାରଙ୍କ ପାଇଁ ଆଲୋକର ପର୍ବ ଦୀପାବଳି ରୋଜଗାର ସୃଷ୍ଟି କରିଥାଏ । ଦୀପାବଳୀର ମାସକ ପୂର୍ବରୁ କୁମ୍ଭକାର ପରିବାରର ସମସ୍ତ ସଦସ୍ୟ ଲାଗି ପଡ଼ିଥାନ୍ତି ମାଟି ଦୀପ ପ୍ରସ୍ତୁତିରେ ।ଗଜପତି ଜିଲ୍ଲା ଗୋଷାଣୀ ବ୍ଲକର ବାଘଶାଳା ପଞ୍ଚାୟତ ର ବାଘ ଶାଳା ଗ୍ରାମର କୁମ୍ଭକାର ପରିବାର ଏବେ ମାଟିଦୀପ ତିଆରିରେ ବ୍ୟସ୍ତ ଥିବା ଦେଖିବାକୁ ମିଳିଛି ।ତେବେ ମାଟିରେ ବିଭିନ୍ନ ଜିନିଷ ପ୍ରସ୍ତୁତ କରିବାକୁ ବୃତ୍ତି ଭାବେ ଆଦରି ନେଇଥିବା କୁମ୍ଭକାର ପରିବାର ସରକାର ଯୋଜନାରେ ଅନ୍ତର୍ଭୁକ୍ତ କଲେ ଉପକୃତ ହୋଇପାରିବେ ବୋଲି ଆଶା ପ୍ରକଟ କରିଛନ୍ତି ।ଆଗାମୀ ଦିନରେ ଏହି କୌଳିକ ବୃତ୍ତି ଲୋପ ପାଇବା ଆଶଙ୍କା ଏଡ଼ାଇ ଦେଇହେବ ନାହିଁ ବୋଲି ବୁଦ୍ଧୀଜୀବି ମହଲରେ ମତ ପ୍ରକାଶ ପାଇଛି। କୌଳିକ ବୃତିକୁ ବ□ାଇବା ଲାଗି କୁମ୍ଭକାର ଚକ ଘୁରୁଥିଲେ ମଧ ଉପାର୍ଜନ ଯଥେଷ୍ଟ ପରିମାଣରେ ହେଉନଥିବା ଯୋଗୁଁ ପରିବାର ପ୍ରତିପୋଷଣ କରିବା କଷ୍ଟକର ହୋଇପଡୁଛି ବୋଲି କୁମ୍ଭକାର ପରିବାର କହିଛନ୍ତି । ଦୀପାବଳୀ ପର୍ବରେ ମାଟି ଦୀପ ତିଆରି କରି କିଛିଟା ଅଧିକ ରୋଜଗାର କରିବାକୁ ଚାହିଁ ବସିଥିବା ବେଳେ ଆଧୁନିକତାର ଛାପରେ ଲୋକମାନେ ବିଭିନ୍ନ ପ୍ରକାରର ଚାଇନା ଓ ପ୍ଲାଷ୍ଟର ଅଫ୍ ପ୍ୟାରିସରେ ପ୍ରସ୍ତୁତ ଦୀପ ବଜାରରେ ବହୁଳ ମାତ୍ରାରେ ବିକ୍ରି ହେଉଥିବା ବେଳେ ଏବଂ ଆଧୁନିକତାର ଚାପରେ ଲୋକେ ବିଭିନ୍ନ ଡିଜାଇନର ଦୀପ ବ୍ୟବହାର କରୁଥିବାରୁ ମାଟି ଦୀପର ଚାହିଦା ମଧ୍ୟ ଏକ ପ୍ରକାର ବୁଡ଼ିବାକୁ ବସିଛି ବୋଲି ବୁଦ୍ଧିଜୀବୀ ମହଲରେ ପ୍ରକାଶ ପାଇଛି।



# ବେସନ ବର୍ଫି

**ଆବଶ୍ୟକ ସାମଗ୍ରୀ:** ୧୯୦ ମିଲି ଗ୍ରାମ୍ ଘିଅ, ୨୦୦ ଗ୍ରାମ୍ ବେସନ, ୮୦ ଗ୍ରାମ୍ ସୁଜି, ୧୫୦ ଗ୍ରାମ୍ ଗୁଣ୍ଡ ଚିନି, ଅଧ ଚାମଚ ଗୁଜୁରାତି ଗୁଣ୍ଡ, ବାଦାମ ଓ ପେସ୍ତା।

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ଏକ କଡ଼େଇରେ ଘିଅ ପକାଇ ଧିମା ଆଞ୍ଚରେ ଗରମ କରନ୍ତୁ। ଏଥିରେ ବେସନ ଏବଂ ସୁଜି ପକାଇ କିଛି ସମୟ ଭାଜନ୍ତୁ। ୧୦-୧୫ ମିନିଟ୍ ଭାଜିବା ପରେ ଏହାର ରଙ୍ଗ ବଦଳି ବାସ୍ନା ଆସିଲେ ଏଥିରେ ଚିନି ଓ ଗୁଜୁରାତି ଗୁଣ୍ଡ ପକାଇ ମିଶାନ୍ତୁ। ଏହା ପରେ ବେସନ ମିଶ୍ରଣକୁ ଏକ ପ୍ଲେଟକୁ ବାହାର କରି ସମତଳ ଭାବେ ରଖନ୍ତୁ। ଏହା ଉପରେ ପେସ୍ତା ଓ ବାଦାମ ଦେଇ ସଜାନ୍ତୁ। ଏବେ ଏହାକୁ ଦୁଇ ଘଣ୍ଟା ପର୍ଯ୍ୟନ୍ତ ଫ୍ରିଜ୍‌ରେ ରଖନ୍ତୁ। ଥଣ୍ଡା ହୋଇଗଲା ପରେ ଖଣ୍ଡ ଖଣ୍ଡ କରି କାଟି ଖାଆନ୍ତୁ ଓ ଖୁଆନ୍ତୁ।



# ବୁଲିବାକୁ ଯାଆନ୍ତୁ ଶାଶୂ-ବୋହୂ ମନ୍ଦିର



ଭାରତବର୍ଷରେ ବହୁ ପ୍ରାଚୀନ ମନ୍ଦିର ରହିଛି । ଏହି ମନ୍ଦିରଗୁଡିକ ସମ୍ପର୍କରେ କିଛି ଜଣା ଅଜଣା ତଥ୍ୟ ମଧ୍ୟ ରହିଛି । ସେହିପରି ଏକ ମନ୍ଦିର ମଧ୍ୟପ୍ରଦେଶର ଗ୍ୱାଲିଅରରେ ରହିଛି । ସେହିପରି ଏକ ମନ୍ଦିର ମଧ୍ୟପ୍ରଦେଶର ଗ୍ୱାଲିଅରରେ ରହିଛି,ଯାହା ଶାଶୁ-ବୋହୂ ମନ୍ଦିର ନାଁରେ ଜଣାଶୁଣା । ଏହି ମନ୍ଦିରଟି ନାଁ ଶାଶୂ-ବୋହୂ ସମ୍ପର୍କର ପ୍ରତୀକ ବୋଲି କୁହାଯାଏ । ତେବେ ଏହି ମନ୍ଦିରର ନାଁ ଶାଶୂ- ବୋହୂ ମନ୍ଦିର କିପରି ହେଲା, ଇତିହାସରେ ସେନେଇ ରୋଚକ ତଥ୍ୟ ସବୁ ରହିଛି ।

୧୧୦୦ ଶତାବ୍ଦୀରେ ମଧ୍ୟପ୍ରଦେଶର ଗ୍ୱାଲିଅରରେ ନିର୍ମିତ ଏହି ମନ୍ଦିରର କାରୁକାର୍ଯ୍ୟ ଖୁବ ଆକର୍ଷଣୀୟ । ଏବେ ମନ୍ଦିରଟି ଭଗ୍ନ ଅବସ୍ଥାରେ ରହିଛି । ହିନ୍ଦୁ-ମୁସଲମାନଙ୍କ ମଧ୍ୟରେ ହୋଇଥିବା ଯୁଦ୍ଧର ପରିମାଣ ସ୍ୱରୂପ ଏହି ମନ୍ଦିରର ଅନେକ ଅଂଶ ଭାଙ୍ଗି ଯାଇଥିବା କୁହାଯାଉଛି । ତେବେ ଭଗ୍ନାବସ୍ଥା ସତ୍ତ୍ୱେ ଶିଳ୍ପୀଙ୍କ ଦ୍ୱାରା ମନ୍ଦିରରେ ହୋଇଥିବା ନିଖୁଣ କାରୁକାର୍ଯ୍ୟ ନିଜ ପୂର୍ବ ଗୌରବ ବଜାୟ ରଖିଛି ।

**କିପରି ହେଲା ଶାଶୂ-ବୋହୂ ନାମକରଣ**

ମନ୍ଦିରର ଶିଳାଲେଖାରେ ଖୋଦିତ ତଥ୍ୟ ଅନୁସାରେ ,ଏହାକୁ ୧୦୯୩ ଖ୍ରୀଷ୍ଟାବ୍ଦରେ କଚ୍ଛପଘଟ ରାଜବଂଶର ରାଜା ମହିପାଳ ଏହାକୁ ନିର୍ମାଣ କରିଥିଲେ । ତେବେ ମନ୍ଦିରର ନାମକରଣକୁ ନେଇ ଇତିହାସରେ ଭିନ୍ନ ଭିନ୍ନ କାହାଣୀ ରହିଛି । ଇତିହାସରେ ଥିବା ଏକ କାହାଣୀ ଅନୁସାରେ, ରାଜା ମହିପାଳଙ୍କ ରାଣୀ ଭଗବାନ ବିଷ୍ଣୁଙ୍କୁ ପୂଜା କରିବା ପାଇଁ ରାଜା ଏହି ମନ୍ଦିର ନିର୍ମାଣ କରାଇଥିଲେ । ଯାହା ବିଷ୍ଣୁଙ୍କର ଅନ୍ୟ ନାମ ସଶସ୍ତ୍ର ବାହୁ ନାମରେ ନାମିତ ହୋଇଥିଲା । ଏହାପରେ ରାଜା ମହିଳପାଳଙ୍କ ବୋହୂ ଭଗବାନ ଶିବଙ୍କର ଭକ୍ତ ଥିବାରୁ ସେ ଶିବଙ୍କ ଉଦ୍ଦେଶ୍ୟରେ ସଶସ୍ତ୍ର ବାହୁ ମନ୍ଦିର ନିକଟରେ ଅନ୍ୟ ଏକ ମନ୍ଦିର ନିର୍ମାଣ କରାଇଥିଲେ । ପରେ ଏହି ଦୁଇଟି ମନ୍ଦିରକୁ ସଶସ୍ତ୍ର ବାହୁ ମନ୍ଦିର ବୋଲି କୁହାଯାଉଥିଲା ।

ତେବେ ଶାଶୂ ଓ ବୋହୂଙ୍କ ପ୍ରଭୁ ଆରାଧନା ପାଇଁ ଏହା ନିର୍ମିତ ହୋଇଥିବାରୁ ଧିରେ ଧିରେ ମନ୍ଦିରଟି ନିଜ ପ୍ରକୃତ ନାମ ହରାଇ ବସିଲା ଏବଂ ସ୍ଥାନୀୟ ଲୋକ ଏହାକୁ ଶାଶୂ-ବୋହୂ ନାମରେ ନାମିତ କରିଥିଲେ ।

ଦୁଇଟି ମନ୍ଦିରକୁ ଦେଖିଲେ 'ଶାଶୂ' ମନ୍ଦିରଟି 'ବୋହୂ' ମନ୍ଦିରଠାରୁ ଦେଖିବାକୁ ଅନେକାଂଶରେ ବଡ । ମନ୍ଦିରର ସମସ୍ତ ଦିଗରେ ଚାରଟି ପ୍ରବେଶ ଦ୍ୱାରା ଅଛି । ଚତୁର୍ଥ ଦିଗରେ ଏକ ଗୃହ ରହିଛି,ଯାହା ବର୍ତ୍ତମାନ ବନ୍ଦ ଅବସ୍ଥାରେ ରହିଛି । ମନ୍ଦିରରେ କାଠର କାରୁକାର୍ଯ୍ୟ ଶୋଭା ପାଉଛି । ଏହା ସହିତ ପ୍ରବେଶ ଦ୍ୱାରରେ ବ୍ରହ୍ମା, ବିଷ୍ଣୁ ଓ ସରସ୍ୱତୀଙ୍କ ପ୍ରତିମୂର୍ତ୍ତି ଅଛି । ମନ୍ଦିରର କାନ୍ଥରେ ହୋଇଥିବା ଚମତ୍କାର କାରୁକାର୍ଯ୍ୟ ଦର୍ଶକଙ୍କୁ ଆକୃଷ୍ଟ କରିଥାଏ ।

# ଶୁଭ ବୃକ୍ଷ



ଗୃହର ବିଭିନ୍ନ ସ୍ଥାନରେ ଛୋଟ ଛୋଟ ବୃକ୍ଷ ଲଗାଇଲେ ଧନ ଏବଂ ଐଶ୍ୱର୍ଯ୍ୟ ବୃଦ୍ଧି ହେବା ସହ ପରିବାରରେ ଶାନ୍ତି ବିରାଜମାନ କରିଥାଏ। ଉତ୍ତରପୂର୍ବ ଦିଗରେ ତୁଳସୀ ଗଛ ଲଗାଇଲେ ଘରେ ଲକ୍ଷ୍ମୀ ବିରାଜମାନ କରିଥାନ୍ତି । ପୂର୍ବ ଦିଗରେ ଫୁଲ ଗଛ, ସବୁଜ ଘାସ, ମୌସୁମୀ ଗଛ ଲଗାଇବା ଦ୍ୱାରା ପରିବାର ଲୋକେ ରୋଗରୁ ମୁକ୍ତ ହୋଇଥାନ୍ତି । ପାନ, ଚନ୍ଦନ, ହଳଦୀ, ଲେମ୍ବୁ ଆଦି ଗଛ ପଶ୍ଚିମ-ଉତ୍ତରକୋଣରେ ରଖିଲେ ପରିବାର ଲୋକଙ୍କ ମଧ୍ୟରେ ସ୍ନେହ ବୃଦ୍ଧି ହୋଇଥାଏ । ଦକ୍ଷିଣ-ପଶ୍ଚିମ କୋଣରେ କୁଣ୍ଡରେ କୌଣସି ଭାରୀ ଗଛ ଲଗାଇଲେ ଘରେ ସକାରାତ୍ମକ ବୃଦ୍ଧି ହେବା ସହ ଗୃହକର୍ତ୍ତା ଦୁଃଖରୁ ମୁକ୍ତି ପାଇଥାନ୍ତି । ପଳାସ, ନାଗକେଶକର, ଅରିଷ୍ଟ, ସମୀ ଆଦି ବୃକ୍ଷ ଲଗାଇବା ଦ୍ୱାରା ଘରେ ଶୁଭତା ବିରାଜମାନ କରିଥାଏ । ଘରୁ ବାହାରିବା ସମୟରେ ଡାହାଣ ପାର୍ଶ୍ୱରେ ସମୀ ଗଛ ଦେଖି କାର୍ଯ୍ୟାରମ୍ଭ କରିବା ଶୁଭ ଫଳ ପ୍ରାପ୍ତି ହୋଇଥାଏ । ଘରେ କୁଣ୍ଡରେ ଚମ୍ପା, ଜସ୍ମିନ୍, ଗୋଲାପ ଆଦି ବୃକ୍ଷ ଲଗାଇବା ଦ୍ୱାରା ଉତ୍ତମ ଫଳ ପ୍ରାପ୍ତି ହୋଇଥାଏ । ହେଲେ ଘର ଭିତରେ କଳା ଗୋଲାପ କିମ୍ବା ଲାଲ୍ ଗେଣ୍ଡୁ ଲଗାଇବା ଉଚିତ୍ ନୁହେଁ । ଅଧ୍ୟୟନ କକ୍ଷରେ ଧଳା ରଙ୍ଗର ଫୁଲ ଗଛ ଲଗାଇଲେ ସ୍ମରଣ ଶକ୍ତିରେ ବୃଦ୍ଧି ହୋଇଥାଏ । ଶୟନ କକ୍ଷରେ କୌଣସି ଗଛ ଲଗାଇବା ଉଚିତ୍ ନୁହେଁ ।

# କଳିଯୁଗ ଆରମ୍ଭ ବେଳେ ବିଚିତ୍ର ସ୍ଥିତ

ଦେବଲୋକରେ ଆଲୋଚନା ହେଲା, ସୃଷ୍ଟିର ନିର୍ମାଣ ତ' ସରିଗଲା ଏବେ ସୃଷ୍ଟି ହୋଇଥିବା ଜୀବଙ୍କ ବିନାଶ କିପରି ସମ୍ଭବ ହେବ । କୋଟି କୋଟି ପ୍ରକାରର ଜୀବଜନ୍ତୁ, ବୃକ୍ଷ-ବନସ୍ପତି, ଭୂମି, ପର୍ବତ, ନଦୀ, ପୁଷ୍କରିଣୀ, ଗ୍ରହ-ନକ୍ଷତ୍ର, ତାରା ଏବଂ ଜ୍ଞାତଅଜ୍ଞାତ ବସ୍ତୁର ନିର୍ମାଣ ଶେଷ ହୋଇସାରିଛି। ତେବେ ଏସବୁର ବିନାଶ କିପରି ହେବ ? ବିନାଶ ନହେଲେ ନବନିର୍ମାଣ ହେବା ସମ୍ଭବପର ନୁହେଁ । ତେବେ କୌଣସି ଶକ୍ତି ବିନାଶର ଦାୟିତ୍ୱ ନେବାକୁ ପ୍ରସ୍ତୁତ ନଥିଲେ । ଶେଷରେ କାଳଙ୍କୁ ଏହାର ଉପାୟ ବାହାର କରିବାକୁ କୁହାଗଲା । କାଳ ଶେଷରେ ପାପକୁ ଏହି ଦାୟିତ୍ୱ ଦେଲେ । ଚାରିଟି ଯୁଗ ମଧ୍ୟରୁ ସତ୍ୟ, ତ୍ରେତୟା ଓ ଦ୍ୱାପର ଯୁଗ ପାପକୁ ପ୍ରଶ୍ରୟ ଦେବାକୁ ମନା କରି ଦେଲେ । କିନ୍ତୁ କଳିଯୁଗ ଏଥିପାଇଁ ଉତ୍ସୁକତା ପ୍ରକାଶ କଲା । ଏହାର ପ୍ରୟୋଗ କରିବା ଲାଗି କଳିଯୁଗ ପାପକୁ ଦୁଇ ବନ୍ଧୁଙ୍କ ଘର ଦେଖାଇଲା । ପୃଥିବୀରେ ରହୁଥିବା ଏହି ଦୁଇ ବନ୍ଧୁଙ୍କ ଘରେ ଅନ୍ନର ଅଭାବ ରହିଥିଲା । ଅନେକ ଦିନ ହେବ ଏମାନଙ୍କ ସନ୍ତାନମାନେ ଭୋକରେ ରହୁଥିଲେ । ସେଥିପାଇଁ ଦୁଇ ବନ୍ଧୁ ଶିକାର ନିମନ୍ତେ ଜଙ୍ଗଲକୁ ଗଲେ । ରାତିରେ ଏକ ଶିକାର ସେମାନଙ୍କୁ ମିଳିଗଲା । ମୃତ ଜୀବ ପାଖରେ ଏକ ମୁଦ୍ରା ପଡ଼ିଥିଲା । ଶିକାର ଏବଂ ମୁଦ୍ରା ପ୍ରାପ୍ତ କରି ଦୁଇ ବନ୍ଧୁଙ୍କ ଚେହେରା ଚମକି ଉଠିଲା । ଜଣେ କହିଲା, ଏହି ମୁଦ୍ରାରେ ବଜାରରୁ କିଛି ଖାଇବା ନେଇ ଆସ, ଯଦ୍ୱାରା ଆମର ଭୋକ ଦୂର ହୋଇପାରିବ । ଜଣେ ବଜାର ଚାଲିଗଲା ଓ ଅନ୍ୟ ଜଣେ ଜଙ୍ଗଲରେ ଗଛ ତଳେ ପଡ଼ିଥିବା ଶିକାର ନିକଟରେ ବସିଗଲା । ପ୍ରଥମ ବନ୍ଧୁ ବଜାରରୁ ଲଡୁ କିଣିଲା । ତତ୍‌କ୍ଷଣାତ୍ ସେ ଭାବିଲା, ଯଦି ମୁଁ ମୋ ସାଙ୍ଗକୁ ମାରି ଦିଏ, ଶିକାର ଏବଂ ମୁଦ୍ରା ମୋର ହୋଇଯିବ । ଏହା ଭାବି ସେ ଲଡୁରେ ବିଷ ମିଶାଇ ଦେଲା । ଦ୍ୱିତୀୟ ସାଙ୍ଗ ଭାବିଲା, ବଜାରରୁ ଆସୁଥିବା ସାଙ୍ଗକୁ ହତ୍ୟା କଲେ କିପରି ହେବ । ଏହାପରେ ସବୁକିଛି ମୋର ହୋଇଯିବ । ସେ ନିଜ ବନ୍ଧୁକୁ ଆସୁଥିବା ଦେଖି ତୀର ଚଳାଇଲା । ବନ୍ଧୁ ସେଇଠି ମରିଗଲା । ବନ୍ଧୁ ମରିଯିବା ପରେ ସେ ଲଡୁ ଖାଇବାକୁ ଆରମ୍ଭ କରିବା ମାତ୍ରେ ସେଇଠି ହିଁ ମୃତ୍ୟୁବରଣ କଲା । ଏହିପରି କଳିଯୁଗର ଆରମ୍ଭ ପୃଥିବୀରେ ହୋଇଗଲା ।



# ରକ୍ତଚାପ ଏବଂ ମଧୁମେହକୁ ନିୟନ୍ତ୍ରଣ କରିବାକୁ ସେବନ କରନ୍ତୁ ଏହି ୩ଟି ପତ୍ର



ବିଶ୍ୱବ୍ୟାପି ଲକ୍ଷ ଲକ୍ଷ ଲୋକେ ମଧୁମେହ ଏବଂ ରକ୍ତଚାପରେ ପୀଡ଼ିତ ଅଛନ୍ତି। ଏହି ଦୁଇଟି ଏପରି ରୋଗ ଯାହା ଅନେକ ରୋଗକୁ ଜନ୍ମ ଦେଇଥାଏ। ଏଥିପାଇଁ ଏହି ରୋଗରୁ ନିସ୍ତାର ପାଇବା ଅତ୍ୟନ୍ତ ଜରୁରୀ। ମଧୁମେହ ଏବଂ ରକ୍ତଚାପ ଜୀବନଶୈଳୀ ପାଇଁ ରୋଗ, ଯାହା ପ୍ରତ୍ୟେକ ବୟସର ଲୋକଙ୍କୁ ହୋଇଥାଏ। ଏହି ରୋଗଗୁଡ଼ିକ କାବୁରେ ରଖିବା ପାଇଁ ଆପଣଙ୍କୁ ନିୟମିତ ଔଷଧ ଖାଇବାକୁ ପଡ଼ିବ। ଆପଣ ଏହା ଜାଣିଛନ୍ତି କି ଔଷଧ ବ୍ୟତୀତ ଆପଣ ଔଷଧୀୟ ଗୁଣରେ ଭରପୂର ତୁଳସୀ, ନିମ ପତ୍ର, ଭୃଙ୍ଗ ପତ୍ର ସେବନ କଲେ ମଧ୍ୟ ମଧୁମେହ ଏବଂ ରକ୍ତଚାପକୁ ନିୟନ୍ତ୍ରଣ କରି ପାରିବେ। ଆସନ୍ତୁ ଜାଣିବା କିପରି ଏହି ପତ୍ରଗୁଡ଼ିକ ମଧୁମେହ ଏବଂ ରକ୍ତଚାପକୁ ନର୍ମାଲ ରଖିବାରେ ଲାଭଦାୟକ ହୋଇଥାଏ।

୧. ତୁଳସୀ ପତ୍ର : ତୁଳସୀକୁ ଆୟୁର୍ବେଦର ରାଣୀ କୁହାଯାଏ। ଏହା ଆମ ଶରୀରକୁ ଅନେକ ରୋଗରୁ ଦୂରେଇ ରଖିଥାଏ। ଅନେକ ଗବେଷଣାରୁ ଜଣା ଯାଇଛି ଯେ ଖାଲି ପେଟରେ ତୁଳସୀ ପତ୍ର ସେବନ କଲେ ଟାଇପ ୨ ମଧୁମେହରେ ପୀଡ଼ିତ ଲୋକଙ୍କ ଶର୍କରା ସ୍ତର କମିଥାଏ। ରକ୍ତଚାପକୁ କମ୍ କରିବାରେ ଏବଂ ହୃଦରୋଗରୁ ବର୍ତ୍ତିବା ପାଇଁ ତୁଳସୀ ପତ୍ର ଲାଭଦାୟକ ହୋଇଥାଏ।

୨. ଭୃଙ୍ଗ ପତ୍ର : ଭୃଙ୍ଗ ପତ୍ରକୁ ମିଠା ନିମ ମଧ୍ୟ କୁହାଯାଇଥାଏ। ଭୃଙ୍ଗ ପତ୍ର ଭାରତୀୟ ଖାଦ୍ୟରେ ଅଧିକ ବ୍ୟବହାର କରାଯାଇଥାଏ। ଭୃଙ୍ଗ ପତ୍ର କେବଳ ଆପଣଙ୍କ ଖାଦ୍ୟକୁ ସୁଗନ୍ଧିତ କରିନଥାଏ ବରଂ ଏହାର ବିଭିତ୍ତ ସ୍ୱାସ୍ଥ୍ୟଦାୟକ ଗୁଣ ମଧ୍ୟ ରହିଛି। ଭୃଷଙ୍ଗ ପତ୍ର ନିୟମିତ ସେବନ କରିବା ଦ୍ୱାରା ଇନସୁଲିନ୍ ପ୍ରସ୍ତୁତ କରୁଥିବା କୋଶିକାକୁ ଷ୍ଟିମ୍ୟୁଲେଟ୍ କରିବାରେ ସାହାଯ୍ୟ ମିଳିଥାଏ। ଏହି କୋଶିକାଗୁଡ଼ିକ ରକ୍ତ ଶର୍କରାର ସ୍ତରକୁ ନିୟନ୍ତ୍ରଣ ରଖିବାରେ ସାହାଯ୍ୟ କରିଥାଏ।

୩. ନିମ ପତ୍ର : ନିମ ପତ୍ର ସ୍ୱାସ୍ଥ୍ୟ ପାଇଁ ଅତ୍ୟନ୍ତ ଲାଭଦାୟକ। ନିମ ପତ୍ର ପ୍ରତିଦିନ ସକାଳେ ସେବନ କରିବା ଦ୍ୱାରା ରକ୍ତ ଶର୍କରାର ସ୍ତର କମ୍ ହୋଇଥାଏ। ନିମ ପତ୍ରର ଆଣ୍ଟିହିଷ୍ଟାମାଇନ୍ ପ୍ରଭାବ ରକ୍ତବାହିକାକୁ ପତଳା କରିପାରେ। ଏହି କାରଣ ଯୋଗୁଁ ଏହି ପତ୍ର ରକ୍ତଚାପକୁ କମ୍ କରିବାରେ ସାହାଯ୍ୟ କରିଥାଏ।

# ଶେଷଥର ପାଇଁ ଲକ୍ଷ୍ମଣ ତପସ୍ୟା କରିଥିବା ସ୍ଥାନ

ଋକ୍ ବେଦରେ ଉତ୍ତରାଖଣ୍ଡକୁ ଦେବଭୂମି ରୂପେ ଉଲ୍ଲେଖ କରାଯାଇଛି। ଏହି ପବିତ୍ର ଭୂମିକୁ ମନୁଷ୍ୟଙ୍କ ପୂର୍ଣ୍ଣ କର୍ମ ଭୂମି କୁହାଯାଇଛି। କଣ ଆପଣ ଜାଣିଛନ୍ତି କି ମର୍ଯ୍ୟାଦାପୁରୁଷୋତ୍ତମ ଭଗବାନ ରାମଙ୍କ ସାନ ଭାଇ ଭଗବାନ ଲକ୍ଷ୍ମଣଙ୍କର ମଧ୍ୟ ଉତ୍ତରାଖଣ୍ଡ ସହ ସଂଯୋଗ ରହିଥିଲା। ଲକ୍ଷ୍ମଣ ନିଜର ଶେଷ ତପସ୍ୟା ଦେବଭୂମି ଉତ୍ତରାଖଣ୍ଡରେ କରିଥିଲେ।

ଭଗବାନ ଲକ୍ଷ୍ମଣ ନିଜର ଶେଷ ତପସ୍ୟା ଉତ୍ତରାଖଣ୍ଡର ଗଢ଼ୱାଲରେ କରିଥିଲେ। ମାନ୍ୟତା ଅନୁଯାୟୀ ଲକ୍ଷ୍ମଣ ନିଜର ଶେଷ ତପସ୍ୟା ଟିହରୀ ଗଢ଼ୱାଲର ତପୋବନରେ କରିଥିଲେ। ଯଦି ଆପଣ କେବେ ଉତ୍ତରକାଶୀ ଯାଇଥିବେ ତେବେ ଏହି ତପୋବନ ବିଷୟରେ ନିଶ୍ଚିନ୍ତ ଶୁଣିଥିବେ। ଏଠାରେ ଲକ୍ଷ ଲକ୍ଷ ପର୍ଯ୍ୟଟକଙ୍କ ଭିଡ ଲାଗି ରହିଥାଏ। ଏହି ତପୋବନ ବରଫାବୃତ ଗଙ୍ଗୋତ୍ରୀ ନଦୀ ଠାରୁ ୬ କିଲୋମିଟର ଦୂରରେ ଅବସ୍ଥିତ। ଏଠାର ଅଦ୍ଭୁତ ଦୃଶ୍ୟ ପର୍ଯ୍ୟଟକଙ୍କ ମନ କିଣିନେଇଥାଏ। ଏହି ତପୋବନକୁ ନନ୍ଦନୱନ ମଧ୍ୟ କୁହାଯାଇଥାଏ। ଏଠାରେ ପର୍ବତାରୋହଣ ପାଇଁ କ୍ୟାମ୍ପିଂଗ କରାଯାଇଥାଏ। ନନ୍ଦନୱନ ଠାରୁ ଶିବଲିଙ୍ଗ, ଭାଗୀରଥୀ, କେଦାର ଡ୍ୟାମ ଏବଂ ସୁଦର୍ଶନ ଭଳି ଶିଖରର ଚମତ୍କାର ଦୃଶ୍ୟ ଦେଖାଯାଇଥାଏ। ପର୍ଯ୍ୟଟକମାନେ ଏଠାରେ ସାତାପନ୍ତ, ଖାରକୁଣ୍ଡ, କାଳିନ୍ଦୀ କାଲ, ମେରୁ ଏବଂ କେଦାର ଡମ୍‌ରେ କ୍ୟାମ୍ପିଂ କରିଥାନ୍ତି। ଟ୍ରାକିଂ ବ୍ୟତୀତ ପର୍ଯ୍ୟଟକ ପର୍ବତ ଚଢିବାକୁ ପସନ୍ଦ କରିଥାନ୍ତି। ଏଠାର ସବୁଜିମାରେ ପରିପୂର୍ଣ୍ଣ ଦେବଦାରୁ ବୃକ୍ଷ ପର୍ଯ୍ୟଟକଙ୍କ ମନ ମୋହିଥାଏ।



# ୫୧୮/୫ରେ ଭାରତର ପାଳି ଘୋଷଣା : ୱେଷ୍ଟଇଣ୍ଡିଜ ୧୭୮/୪

**ନୂଆଦିଲ୍ଲୀ,୧୧।୧୦:** ପ୍ରଥମ ଦିନ ଭଳି ୱେଷ୍ଟଇଣ୍ଡିଜ ବିପକ୍ଷ ଦ୍ୱିତୀୟ ଟେଷ୍ଟର ଦ୍ୱିତୀୟ ଦିନରେ ବି ଭାରତୀୟ ଟିମର ଦବଦବା ଦେଖିବାକୁ ମିଳିଛି। ପ୍ରଥମ ଟେଷ୍ଟ ତୁଳନାରେ ଇଣ୍ଡିଜ ଟିମ ଭାରତକୁ ସାମାନ୍ୟ ଟକ୍କର ଦେଇଛି। ତଥାପି ଭାରତୀୟ ଟିମ ଦ୍ୱିତୀୟ ଟେଷ୍ଟରେ ବି ଯଥେଷ୍ଟ ଆଗରେ ରହିଛି। ୫୧୮/୫ରେ ପାଳି ଘୋଷଣା କରିବା ପରେ ଭାରତୀୟ ଟିମ ୱେଷ୍ଟଇଣ୍ଡିଜର ୪ ଜଣ ବ୍ୟାଟରଙ୍କୁ ପ୍ୟାଭିଲିୟନ ପଠାଇ ଦେଇଛି। ଏବେ ବି ୱେଷ୍ଟଇଣ୍ଡିଜ ଟିମ ଭାରତର ପ୍ରଥମ ଇନିଂସର ସ୍କୋର ଠାରୁ ୩୭୮ ରନ ପଛରେ ରହିଛି। ଦଳ ପାଖରେ ମାତ୍ର ୬ଟି ୱିକେଟ ରହିଥିବାରୁ ପ୍ରଥମେ ଫଲୋଅନ ଏଡ଼ାଇବାକୁ ଦଳ ଚେଷ୍ଟା କରୁଛି। ଫଲୋଅନ ଖାଇବା ଠାରୁ ଏବେ ବି ଇଣ୍ଡିଜ ଟିମ ୧୭୮ ରନ ପଛରେ ରହିଛି। ଦ୍ୱିତୀୟ ଦିନର ଖେଳ ଶେଷ ହେବା ବେଳକୁ ଇଣ୍ଡିଜ ଟିମ ୪ ୱିକେଟ ହରାଇ ୧୪୦ ରନ କରିଛି। ଷ୍ଟମ୍ପ ଅପସାରଣ ବେଳକୁ ଅଭିଜ୍ଞ ସାଇ ହୋପ ୩୪ ଓ ୱିକେଟ କିପର ତେଭିନ ଇମଲାଚ ୧୪ ରନ କରି ଅପରାଜିତ ରହିଛନ୍ତି। ଭାରତ ପକ୍ଷରୁ ରବୀନ୍ଦ୍ର ଜାଡେଜା ୩ଟି ଓ କୁଲଦୀପ ଯାଦବଙ୍କୁ ଗୋଟିଏ ୱିକେଟ ମିଳିଛି।

ଦିଲ୍ଲୀରେ ଖେଳାଯାଉଥିବା ଦ୍ୱିତୀୟ ଟେଷ୍ଟ)ର ପ୍ରଥମ ଇନିଂସରେ ଭାରତ ପାଇଁ ଯଶସ୍ୱୀ ଜୈସୱାଲ ଓ ଅଧିନାୟକ ଶୁବମନ ଗିଲ ଶତକ ହାସଲ କରିଛନ୍ତି। ଜୈସୱାଲ ୧୭୫ ରନ ଓ ଗିଲ ଅପରାଜିତ ୧୨୯ କରିଛନ୍ତି। ପ୍ରଥମ ଦିନର ସ୍କୋର ୩୧୮ରୁ ଭାରତର ଦୁଇ ବ୍ୟାଟର ଗିଲ ଓ ଜୈସୱାଲ ଆଜି ବ୍ୟାଟିଂ ଆରମ୍ଭ କରିଥିଲେ। କିନ୍ତୁ ପ୍ରଥମ ଦିନ ୧୭୩ ରନ କରିଥିବା ଜୈସୱାଲ ଆଜି ମାତ୍ର ଆଉ ୨ ରନ କରି ଦୁର୍ଭାଗ୍ୟଜନକ ଭାବେ ରନ ଆଉଟ ହୋଇଯାଇଥିଲେ। ସମସ୍ତଙ୍କୁ ଚକିତ କରି ୫ ନମ୍ବରରେ ବ୍ୟାଟିଂ କରିବାକୁ ଆସିଥିଲେ ନୀତୀଶ କୁମାର ରେଡ୍ଡୀ। ସେ ଦ୍ରୁତଗତିରେ ୪୩ ରନ ଯୋଡ଼ି ଭାରତର ୪୦୦ ପାର କରାଇଥିଲେ। ଏସବୁ ଭିତରେ ଗତକାଲି ୨୦ ରନ କରିଥିବା ଗିଲ ଆଜି ନିଜର ଅର୍ଦ୍ଧଶତକ ହାସଲ କରିଥିଲେ। ଦଳୀୟ ସ୍କୋର ୪୧୬ ଥିବାବେଳେ ରେଡ୍ଡୀ ୪୩ ରନ କରି ଜୋମେଲ ୱାରିକାନଙ୍କ ବଲରେ ଆଉଟ ହୋଇଥିଲା। ଏହା ୱାରିକାନଙ୍କ ତୃତୀୟ ୱିକେଟ। ପ୍ରଥମ ଦିନରେ ସେ କେଏଲ ରାହୁଲ ଓ ସାଇ ସୁଦର୍ଶନଙ୍କ ୱିକେଟ ନେଇଥିଲେ। ରେଡ୍ଡୀ ଆଉଟ ହୋଇଥିଲେ ହେଁ ଏହାର ପ୍ରଭାବ ଗିଲଙ୍କ ଉପରେ ପଡ଼ି ନଥିଲା। ସେ ଧ୍ରୁବ ଜୁରେଲଙ୍କୁ ସାଥୀ କରି ଦଳୀୟ ସ୍କୋରକୁ ଆଗକୁ ନେଇଥିଲେ। ପ୍ରଥମେ ୧୭୭ ବଲରେ ନିଜ ଟେଷ୍ଟ କ୍ୟାରିୟରର ୧୦ମ ଶତକ ହାସଲ କରିଥିଲେ। ଏହା ମଧ୍ୟରେ ୧୩ଟି ଚୌକା ଓ ଗୋଟିଏ ଛକା ରହିଥିଲା। ଏହାପରେ ସେ ଆଉ ଗୋଟିଏ ଛକା ଓ ୩ଟି ଚୌକା ମାରିଥିଲେ। ତାଙ୍କ ସହ ଏହି ସମୟରେ ଧ୍ରୁବ ଜୁରେଲ ରହିଥିଲେ। ଜୁରେଲ ୪୪ ରନ କରି ଆଉଟ ହେବା ପରେ ଭାରତ ପ୍ରଥମ ପାଳିକୁ ୫୧୮/୫ରେ ଘୋଷଣା କରିଥିଲା। ଗିଲ ଅପରାଜିତ ୧୨୯ ରନର ଇନିଂସ ଖେଳିଛନ୍ତି। ଗିଲଙ୍କ ବ୍ୟତୀତ ଯଶସ୍ୱୀ ଜୈସୱାଲ ୧୭୫, ସାଇ ସୁଦର୍ଶନ ୮୭, ନୀତୀଶ କୁମାର ରେଡ୍ଡୀ ୪୩ ଓ କେଏଲ ରାହୁଲ ୩୮ ରନ କରିଛନ୍ତି। ଭାରତ ପ୍ରଥମ ପାଳି ୫୧୮ରେ ଘୋଷଣା କରିବା ପରେ ୱେଷ୍ଟଇଣ୍ଡିଜ ତା'ର ଇନିଂସ ଆରମ୍ଭ କରିଥିଲା। ଆରମ୍ଭରୁ ଦଳ ଜନ କାମ୍ପବେଲ(୧୦)ଙ୍କୁ ହରାଇଥିଲା। ଜାଡେଜାଙ୍କୁ ସେ ସ୍ଲଗ ସୁଇପ କରିବାକୁ ଚେଷ୍ଟା କରୁଥିବା ବେଳେ ଶର୍ଟଲେଗରେ ଚମତ୍କାର କ୍ୟାଚ୍ ଧରିଥିଲେ ସୁଦର୍ଶନ। ୨୧ ରନରେ ଦଳ ପ୍ରଥମ ୱିକେଟ ହରାଇଥିଲେ ହେଁ ଦ୍ୱିତୀୟ ୱିକେଟ ପାଇଁ ଟି ଚନ୍ଦ୍ରପଲ ଓ ଅଲିକ ଅଥାଞ୍ଜେ ଦମଦାର ବ୍ୟାଟିଂ କରିଥିଲେ। ଉଭୟ ଦଳୀୟ ସ୍କୋରକୁ ୮୭ରେ ନେଇ ପହଞ୍ଚାଇ ଦେଇଥିଲେ। କିନ୍ତୁ ଏତିକି ବେଳେ ୩୪ ରନ କରିଥିବା ଚନ୍ଦ୍ରପଲଙ୍କୁ ଆଉଟ କରିଥିଲେ ଜାଡେଜା। ଏହାପରେ କୁଲଦୀପ ୪୧ ରନ କରିଥିବା ଅଥାଞ୍ଜେଙ୍କୁ ପ୍ୟାଭିଲିୟନ ପଠାଇଥିଲେ। ଅଧିନାୟକ ରୋଷ୍ଟନ ଚେଜ୍ ସ୍ଥିତି ସମ୍ଭାଳିବାକୁ ଚେଷ୍ଟା କରିଥିଲେ ହେଁ ଜାଡେଜା ତାଙ୍କୁ ଖାତା ଖୋଲିବାକୁ ଦେଇ ନଥିଲେ। ଇଣ୍ଡିଜ ଟିମ ୧୦୭ ରନରେ ୪ର୍ଥ ୱିକେଟ ହରାଇଥିଲା। ଏହାପରେ ହୋପ୍ ଓ ତେଭିନ ସ୍ଥିତି ସମ୍ଭାଳି ୫ମ ୱିକେଟ ପାଇଁ ଅପରାଜିତ ୩୩ ରନ ଯୋଡ଼ିଛନ୍ତି। ଏଥିସହ ଷ୍ଟମ୍ପ ଅପସାରଣ ଯାଏ ଆଉ କୌଣସି କ୍ଷତି ଘଟାଇ ନାହାନ୍ତି।



# ଜାତୀୟ ଜୁ ଜିତଷୁ ଦ୍ୱିତୀୟ ଦିବସରେ ଓଡିଶାକୁ ୧୪ ପଦକ

**ଭୁବନେଶ୍ୱର,୧୧।୧୦ (ନି.ପ୍ର) :** ଉତ୍ତରପ୍ରଦେଶ ର ସାହରଣପୁର ଠାରେ ଅନୁଷ୍ଠିତ ହେଉଥିବା ଜାତୀୟ ଜୁ ଜିତଷୁ ପ୍ରତିଯୋଗୀତା ର ଆଜି ଦ୍ୱିତୀୟ ଦିବସରେ ପ୍ରତିଯୋଗୀମାନେ ୪ ଟି ସ୍ୱର୍ଣ୍ଣ ଓ ୪ ଟି ରୋପ୍ୟ ଓ ୬ ଟି କାଂସ୍ୟ ପଦକ ସହ ମୋଟ ୧୪ ଟି ପଦକ ହାସଲ କରିଛନ୍ତି । ଆନ୍ତର୍ଜାତୀୟ ଖେଳାଳି ଅନୁପମା ସ୍ୱାଇଁ ଆଜି ୫୨ କିଲୋ ବରିଷ୍ଠ ମହିଳା ନେ- ୱାଜା ପ୍ରତିଯୋଗିତାରେ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଏହି ପ୍ରତିଯୋଗିତାରେ ତାଙ୍କର ୨ୟ ସ୍ୱର୍ଣ୍ଣ ପଦକ ଅଟେ ।

ବରିଷ୍ଠ ପୁରୁଷ ନେ- ୱାଜା ୬୧ କିଲୋ ବିଭାଗରେ ରଞ୍ଜନ ମଙ୍ଗରାଜ, ବରିଷ୍ଠ ପୁରୁଷ ନେ- ୱାଜା ୬୯ କିଲୋ ବିଭାଗରେ ସ୍ୱରାଜ ଜାନି ଓ ୨୧ ବର୍ଷରୁ କମ ପୁରୁଷ ନେ- ୱାଜା ବିଭାଗରେ ଓମ ପ୍ରକାଶ ପ୍ରଧାନସ୍ୱର୍ଣ୍ଣ ପଦକ ଲାଭ କରିଛନ୍ତି। ନିରୂପମା ସ୍ୱାଇଁ ୫୭ କିଲୋ ବରିଷ୍ଠ ମହିଳା ସିଦ୍ଧାର୍ଥ ଶଙ୍କର ମହନ୍ତ ୬୧ କିଲୋ ବରିଷ୍ଠ ପୁରୁଷ ଏବଂ କାହ୍ନା ସାହୁ ୮୫ କିଲୋ ବରିଷ୍ଠ ପୁରୁଷ ନେ- ୱାଜା ବିଭାଗରେ ରୋପ୍ୟ ପଦକ ପାଇଥିବା ସ୍ଥଳେ ସିଦ୍ଧାର୍ଥ ଭୂୟାଁ ୯୪ କେଜି ବରିଷ୍ଠ ପୁରୁଷ ଫାଇଟିଙ୍ଗ ସିଷ୍ଟମ ରେରୋପ୍ୟ ପଦକ ପାଇଛନ୍ତି। ଅଜିଜା ବେଗମ ୬୩ କିଲୋ ବରିଷ୍ଠ ମହିଳା , ଅମରେଶ୍ୱର ସ୍ୱାଇଁ ୫୬ କିଲୋ ବରିଷ୍ଠ ପୁରୁଷ ,ସିଦ୍ଧାର୍ଥ ବେହେରା ୭୭ କିଲୋ ବରିଷ୍ଠ ପୁରୁଷ ଡିଏସପି ରମଣ ୯୪ କିଲୋ ବରିଷ୍ଠ ପୁରୁଷ ନେ- ୱାଜା ରେ କାଂସ୍ୟ ପଦକ ହାସଲ କରିଥିବା ବେଳେ କାହ୍ନା ସାହୁ ୮୫ କିଲୋ ବରିଷ୍ଠ ପୁରୁଷ, କ୍ଷିତିଶ ବଞ୍ଚର ବରିଷ୍ଠ ପୁରୁଷ ଫାଇଟିଙ୍ଗ ସିଷ୍ଟମ ରେ କାଂସ୍ୟ ପଦକ ଲାଭ କରିଛନ୍ତି। ଆସନ୍ତା କାଲି ଜାତୀୟ ଜୁ ଜିତଷୁ ପ୍ରତିଯୋଗୀତା ଉଦଯାପିତ ହେବ । ଆଜିର ସମସ୍ତ କୃତି ପ୍ରତିଯୋଗୀମାନଙ୍କୁ ଓଡିଶା ଜୁ-ଜିତଷୁ ସଂଘ ତରଫରୁ ଅଭିନନ୍ଦନ ଜଣାଯାଇଅଛି ।

# ଟି-୨୦ରେ ଇତିହାସ ରଚିଲା ନାମ୍ବିଆ



**ୱିଣ୍ଡହୋକ,୧୧।୧୦:** ଖେଳାଯାଇଥିବା ଟି୨୦ ମ୍ୟାଚ୍ରେ ନାମ୍ବିଆ ୪ ଉଇକେଟରେ ଦକ୍ଷିଣ ଆଫ୍ରିକାକୁ ପରାସ୍ତ କରି ଇତିହାସ ରଚିଛି। ଟେଷ୍ଟ ପ୍ଲେଇଂ ଦେଶ ବିପକ୍ଷରେ ଏହା ନାମ୍ବିଆର ଚତୁର୍ଥ ବିଜୟ। ଏଥିପୂର୍ବରୁ ଆୟର୍ଲାଣ୍ଡ, ଜିମ୍ବାୱେ ଓ ଶ୍ରୀଲଙ୍କା ଭଳି ଟେଷ୍ଟ ପ୍ଲେଇଂ ଦେଶକୁ ନାମ୍ବିଆ ପରାସ୍ତ କରିଥିଲା। ଅନ୍ୟପକ୍ଷରେ ଟି୨୦ ଫର୍ମାଟରେ ଆସୋସିଏଟ୍ ଦେଶ ବିପକ୍ଷରେ ଏହା ଦକ୍ଷିଣ ଆଫ୍ରିକାର ପ୍ରଥମ ପରାଜୟ। ଜିତି ପ୍ରଥମେ ବ୍ୟାଟିଂ କରିଥିବା ଦକ୍ଷିଣ ଆଫ୍ରିକା ୨୦ ଓଭରରେ ୮ ଉଇକେଟ ହରାଇ ୧୩୪ ରନ କରିଥିଲା। ଦଳ ପାଇଁ ଜେ ସ୍ମିଥ ୩୧, ରୁବିନ ହର୍ମାନ ୨୩ ଓ ଲୁଆନ ଡ୍ରେ ପ୍ରିଟୋରିଅସ ୨୨ ରନ କରିଥିଲେ। ବୋଲିଂରେ ଘରୋଇ ନାମ୍ବିଆ ଲାଗି ରୁବେନ ଟ୍ରୁମ୍ପେଲମାନ ୩ ଓ ମ୍ୟାକ୍ସ ହେଇଙ୍ଗୋ ୨ ଉଇକେଟ ନେଇଥିଲେ। ଜବାବରେ ନାମ୍ବିଆ ୨୦ ଓଭରରେ ୬ ଉଇକେଟ ହରାଇ ୧୩୮ ରନ କରି ମ୍ୟାଚ୍ ଜିତି ନେଇଥିଲା। ଦଳ ପାଇଁ ଅଧିନାୟକ ଜେରାର୍ଡ ଇରାସମସ ୨୧ ରନ କରି ଆଉଟ୍ ହୋଇଥିବା ବେଳେ ଜେନ ଗ୍ରୀନ (୩୦) ଅନ୍ତିମ ବଲରେ ଚୌକା ଲଗାଇ ଦଳକୁ ଐତିହାସିକ ବିଜୟ ଆଣି ଦେଇଥିଲେ। ଦକ୍ଷିଣ ଆଫ୍ରିକା ପକ୍ଷରୁ ନାନ୍ଦ୍ରେ ବର୍ଗର ଓ ଆଣ୍ଡିଲ ସିମେଲେନ ୨ ଲେଖାଏ ଉଇକେଟ ନେଇଥିଲେ।

# ରୋହିତଙ୍କୁ ଟପିଲେ, ଧୋନିଙ୍କ ସମକକ୍ଷ ହେଲେ ଗିଲ୍

**ନୂଆଦିଲ୍ଲୀ,୧୧।୧୦:** ଭାରତୀୟ ଟେଷ୍ଟ ଓ ଦିନିକିଆ ଦଳର ଅଧିନାୟକ ଶୁବମନ ଗିଲ ପୁଣି କମାଲ କରିଛନ୍ତି। ୱେଷ୍ଟଇଣ୍ଡିଜ ବିପକ୍ଷ ଦିଲ୍ଲୀ ଟେଷ୍ଟର ଦ୍ୱିତୀୟ ଦିନରେ ଗିଲ ତାଙ୍କ ଟେଷ୍ଟ କ୍ୟାରିୟରର ୧୦ମ ଶତକ ହାସଲ କରିଛନ୍ତି। ୨୬ ବର୍ଷୀୟ ଗିଲଙ୍କୁ ନିକଟରେ ଭାରତୀୟ ଟେଷ୍ଟ ଟିମର ଅଧିନାୟକ କରାଯାଇଥିଲା। ଅଧିନାୟକ ହେବା କ୍ଷଣି ସେ ବ୍ୟାଟରେ ଦମଦାର ପ୍ରଦର୍ଶନ କରି ଚାଲିଛନ୍ତି। ଏହାକୁ ମିଶାଇ ଗିଲ ଅଧିନାୟକ ଭାବେ ଟେଷ୍ଟ କ୍ରିକେଟରେ ୫ଟି ଶତକ ହାସଲ କରିଛନ୍ତି।

ଅଧିନାୟକ ଭାବେ ଟେଷ୍ଟ କ୍ରିକେଟରେ ୫ମ ଶତକ ହାସଲ କରିବା କ୍ଷଣି ଗିଲ ପୂର୍ବତନ ଅଧିନାୟକ ତଥା ଷ୍ଟାର ବ୍ୟାଟର ରୋହିତ ଶର୍ମାଙ୍କୁ ପଛରେ ପକାଇ ଦେଇଛନ୍ତି। ସେହିପରି ମହେନ୍ଦ୍ର ସିଂହ ଧୋନିଙ୍କ ଟେଷ୍ଟ କ୍ୟାପ୍ଟେନ ରେକର୍ଡର ସମକକ୍ଷ ହୋଇଛନ୍ତି। ରୋହିତ ଟେଷ୍ଟ ଟିମର ଅଧିନାୟକ ଭାବେ ଭାରତ ପାଇଁ ୪ଟି ଓ ଧୋନି ୫ଟି ଶତକ ହାସଲ କରିଥିଲେ। ଇଂଲଣ୍ଡ ବିପକ୍ଷ ଆଣ୍ଡରସନ-ତେନ୍ଦୁଲକର ଟ୍ରଫିରେ ଗିଲଙ୍କୁ ଟେଷ୍ଟ ଟିମର କ୍ୟାପ୍ଟେନ କରାଯାଇଥିଲା। ଏହି ସିରିଜରେ ୪ଟି ଶତକ ହାସଲ କରିଥିଲେ। ଏବେ ୱେଷ୍ଟଇଣ୍ଡିଜ ବିପକ୍ଷ ଘରୋଇ ଟେଷ୍ଟରେ ସେ ଆଉ ଏକ ଟେଷ୍ଟ ଶତକ ହାସଲ କରିଛନ୍ତି।

କ୍ୟାପ୍ଟେନ ଭାବେ ଭାରତ ପାଇଁ ଟେଷ୍ଟରେ ସର୍ବାଧିକ ଶତକ ହାସଲ କରିବା ତାଲିକାର ୧ନଂ ସ୍ଥାନରେ ବିରାଟ କୋହଲି ରହିଛନ୍ତି। ସେ ୨୦ଟି ଶତକ ହାସଲ କରିଥିବା ବେଳେ ତାଙ୍କ ପଛକୁ ୧୧ଟି ଶତକ ସହ ସୁନୀଲ ଗାଭାସ୍କର ଓ ତୃତୀୟ ସ୍ଥାନରେ ୯ଟି ଟେଷ୍ଟ ଶତକ ସହ ମହମ୍ମଦ ଆଝାରୁଦ୍ଦିନ ରହିଛନ୍ତି। ମ୍ୟାଚ୍ କଥା ବିଚାରକୁ ନେଲେ ଗିଲ ପ୍ରଥମେ ୧୭୭ ବଲରେ ନିଜ ଟେଷ୍ଟ କ୍ୟାରିୟରର ୧୦ମ ଶତକ ହାସଲ କରିଥିଲେ। ଏହା ମଧ୍ୟରେ ୧୩ଟି ଚୌକା ଓ ଗୋଟିଏ ଛକା ରହିଥିଲା। ଏହାପରେ ସେ ଆଉ ଗୋଟିଏ ଛକା ଓ ୩ଟି ଚୌକା ମାରିଥିଲେ। ତାଙ୍କ ସହ ଏହି ସମୟରେ ଧ୍ରୁବ ଜୁରେଲ ରହିଥିଲେ। ଜୁରେଲ ୪୪ ରନ କରି ଆଉଟ ହେବା ପରେ ଭାରତ ପ୍ରଥମ ପାଳିକୁ ୫୧୮/୫ରେ ଘୋଷଣା କରିଛି। ଗିଲ ଅପରାଜିତ ୧୨୯ ରନର ଇନିଂସ ଖେଳିଛନ୍ତି। ଗିଲଙ୍କ ବ୍ୟତୀତ ଯଶସ୍ୱୀ ଜୈସୱାଲ ୧୭୫, ସାଇ ସୁଦର୍ଶନ ୮୭, ନୀତୀଶ କୁମାର ରେଡ୍ଡୀ ୪୩ ଓ କେଏଲ ରାହୁଲ ୩୮ ରନ କରିଛନ୍ତି। ଭାରତ ପ୍ରଥମ ପାଳି ୫୧୮ରେ ଘୋଷଣା କରିବା ପରେ ୱେଷ୍ଟଇଣ୍ଡିଜ ତା'ର ଇନିଂସ ଆରମ୍ଭ କରିଛି।



# ଜେଏସଡବ୍ଲୁ ପକ୍ଷରୁ ସମ୍ବଲପୁରରେ ଏକ ନୂତନ ୟୁନିଟ୍ କାର୍ଯ୍ୟକ୍ଷମ

**ଭୁବନେଶ୍ୱର,୧୧।୧୦:** ୨୩ ବିଲିୟନ ଆମେରିକୀୟ ଡଲାରର ବିବିଧ-ଜେଏସଡବ୍ଲୁ ଗ୍ରୁପ୍ର ଏକ ଅଂଶ, ଜେଏସଡବ୍ଲୁ ସିମେଣ୍ଟ, ଏହାର ସହାୟକ ଶିବା ସିମେଣ୍ଟ ମାଧ୍ୟମରେ, ଓଡ଼ିଶାର ସମ୍ବଲପୁରରେ ଏକ ନୂତନ ଅତ୍ୟାଧୁନିକ ସିମେଣ୍ଟ ଗ୍ରାଇଣ୍ଡିଂ ୟୁନିଟ୍ କାର୍ଯ୍ୟକ୍ଷମ କରିଛି। କମ୍ପାନୀର ରଣନୀତି ଅନୁଯାୟୀ, ପୂର୍ବ ଭାରତରେ ଏହାର ବଜାର ଉପସ୍ଥିତିକୁ ସୁଦୃଢ଼ କରିବା ଏବଂ ଏହି ଅଞ୍ଚଳରେ ବର୍ଦ୍ଧିତ ଚାହିଦା ପୂରଣ କରିବା ପାଇଁ କମ୍ପାନୀର ଅଧିକାଂଶ ମାଲିକାନା ଥିବା ସହାୟକ ଶିବା ସିମେଣ୍ଟ ଦ୍ୱାରା ଭୂଷଣ ପାୱାର ଆଣ୍ଡ ଷ୍ଟିଲ୍ ଲିମିଟେଡ୍ (ବିପିଏସଏଲ) ସହିତ ଏକ ବାଣିଜ୍ୟିକ ଚୁକ୍ତି ଅଧୀନରେ ଆର୍ଥିକ ସହାୟତା ଏବଂ ତଦାରଖ ସ୍ୱାକ୍ଷର କରାଯାଇଛି। ଯାହା ଫଳରେ ଶିବ ସିମେଣ୍ଟ ଉତ୍ପାଦନ କ୍ଷମତା ୧.୦ ଏମଟିପିଏ ସହିତ, ଜେଏସଡବ୍ଲୁ ସିମେଣ୍ଟ ମୋଟ ସ୍ଥାପିତ କ୍ଷମତା ୨୧.୬ ଏମଟିପିଏରେ ପହଞ୍ଚିଛି। ଏହି ଅବସରରେ, ଜେଏସଡବ୍ଲୁ ସିମେଣ୍ଟର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀଯୁକ୍ତ ନିଲେଶ ନାର୍ୱେକର କହିଛନ୍ତି, "ଦେଶର ପୂର୍ବାଞ୍ଚଳ ଆଗାମୀ ବର୍ଷଗୁଡ଼ିକରେ ଦ୍ରୁତ ଅଭିବୃଦ୍ଧି ପାଇଁ ପ୍ରସ୍ତୁତ। ରାଜ୍ୟରେ ଉତ୍ପାଦନ ଏବଂ ଭିତ୍ତିଭୂମି କ୍ଷେତ୍ରର ଦ୍ରୁତ ପ୍ରସାର ସହିତ, ଓଡ଼ିଶା ଏହି ଅଞ୍ଚଳର ଶିଳ୍ପ ଏବଂ ଅର୍ଥନୈତିକ ବିକାଶରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛି। ତେଣୁ, ସମ୍ବଲପୁରରେ ଏହି ନୂତନ ଅତ୍ୟାଧୁନିକ ସୁବିଧା ଜେଏସଡବ୍ଲୁ ସିମେଣ୍ଟ ପାଇଁ ଏକ ରଣନୈତିକ ପଦକ୍ଷେପ।

# ନୌକା ପ୍ରତିଯୋଗିତାରେ ଜମ୍ବୁ ଟିମ୍ ଚମ୍ପିୟାନ

**ମହାକାଳପଡ଼ା,୧୧।୧୦:** ମହାକାଳପଡ଼ା ବ୍ଲକ ବାଉଳକଣୀ ପଞ୍ଚାୟତର ଛପାଲି ନିକଟ ସ୍କୁଲଘେରି ଠାରେ ମାସ୍ତଜୀବୀମାନଙ୍କ ମଧ୍ୟରେ ଏକ ନୌକା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଗ୍ରାମର ୩୪ତମ ଗଜଲକ୍ଷ୍ମୀ ପୂଜା ଅବସରରେ ପ୍ରତିବର୍ଷ ଏହି ପ୍ରତିଯୋଗିତା ଅନୁଷ୍ଠିତ ହେଉଛି। ଏହି ପ୍ରତିଯୋଗିତାରେ ବିଭିନ୍ନ ଅଞ୍ଚଳରୁ ୮ଗୋଟି ଟିମ ଅଂଶ ଗ୍ରହଣ କରିଥିଲେ। ଆଜିର ଫାଇନାଲ ପ୍ରତିଯୋଗିତାଟି ଜମ୍ବୁ ଟିମ ଓ ଆମ୍ବ ବେଲାରୀ ଟିମ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଜମ୍ବୁ ଟିମ ଚଳିତ ବର୍ଷ ପାଇଁ ଚମ୍ପିୟାନ ଆଖ୍ୟା ଅର୍ଜନ କରିଥିଲା। ଏହି ଅବସରରେ ନେତାଜୀ ୟୁନାଇଟେଡ଼ କ୍ଲବ ପକ୍ଷରୁ ଏକ ସଭା ଆୟୋଜିତ ହୋଇଥିଲା। ଏହି ସଭାରେ ସ୍ଥାନୀୟ ବିଧାୟକ ଡ଼ ଦୁର୍ଗା ପ୍ରସନ ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଚମ୍ପିୟାନ ଦଳକୁ ନଗଦ ୫ହଜାର ଟଙ୍କା ଅର୍ଥ ରାଶି ସହ ଚମ୍ପିୟାନ ଟ୍ରଫି ଓ ରନର୍ସ ଅଫ ଦଳକୁ ନଗଦ ୨ ହଜାର ଟଙ୍କା ଅର୍ଥ ରାଶି ସହ ରନର୍ସ ଅଫ ଟ୍ରଫି ପ୍ରଦାନ କରିଥିଲେ। ସେହିପରି ତୃତୀୟ ସ୍ଥାନ ଅଧିକାର କରିଥିବା ଟିମକୁ ମଧ୍ୟ ଟ୍ରଫି ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ନିର୍ବାଚନ ମଣ୍ଡଳୀ ସଂଯୋଜକ ସରୋଜକାନ୍ତ ସାହୁ, ଯୁବନେତା ପ୍ରଶାନ୍ତ ସେଠି, ଗଗୁଆ ପଂଚାୟତର ସମିତି ସଭ୍ୟ ଡ଼.ପ୍ରତାପ ଚନ୍ଦ୍ର ଦାସ, ୨୨ନଂ ଜୋନ ସଭାପତି ପବିତ୍ର ଚୌଧୁରୀ, ବଉଳକଣୀ ପଂଚାୟତର ସରପଞ୍ଚ ସାଲବେଗ ମହାଳି, ପୂର୍ବତନ ସରପଞ୍ଚ ହଳଧର ସ୍ୱାଇଁ, ବିଜେପି ଯୁବ ନେତା ଜଗନ୍ନାଥ ଦଳାଇ, ବିଜେପି ନେତା କୁମାରକାନ୍ତ ମହାନ୍ତି, ତରୁଣୀକାନ୍ତ କାଞ୍ଜିଲାଲ, ବଟୀଘର ପଂଚାୟତର ସମିତି ସଭ୍ୟ କ୍ରିଷ୍ଣପଦ ମଣ୍ଡଳ, ନାରୀନେତ୍ରୀ ପ୍ରତିମା ନାୟକ, ୨୩ନଂ ଜୋନ ବିଜେପି ସଭାପତି ତ୍ରିଲୋଚନ ରାଉତ, ୧୯ନଂ ଜୋନ ସଭାପତି ମାନସ ରଞ୍ଜନ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ଅଞ୍ଚଳରୁ ପ୍ରାୟ ୫ହଜାରରୁ ଉର୍ଦ୍ଧ୍ୱ ଜନସାଧାରଣ ଉପସ୍ଥିତ ରହି ଏହି ପ୍ରତିଯୋଗିତାକୁ ଉପଭୋଗ କରିଥିଲେ।



# କ୍ରିତି ସାନନ୍ଙ୍କ ଦ୍ୱାରା 'ୟୁ ଗୋ, ଗାର୍ଲ' ଅଭିଯାନ

**ନୂଆଦିଲ୍ଲୀ,୧୧।୧୦:** ଭାରତର ଅଗ୍ରଣୀ କ୍ରୀଡା ଏବଂ ଆଥଲେଜର୍ ଫୁଟୱେୟାର ବ୍ରାଣ୍ଡ୍ ମଧ୍ୟରୁ ଗୋଟିଏ, କ୍ୟାମ୍ପସ୍ ଆକ୍ଟିଭ୍ୱେୟାର, ଆଜି ଜାତୀୟ ପୁରସ୍କାର ବିଜେତା ଅଭିନେତ୍ରୀ କ୍ରିତି ସାନନ୍ ଙ୍କ ନେତୃତ୍ୱରେ ଏହାର ୟୁ ଗୋ, ଗାର୍ଲ ! ଅଭିଯାନର ଦ୍ୱିତୀୟ ସଂସ୍କରଣ ଉନ୍ମୋଚନ କରିଛି। ପ୍ରଥମ ଅଧ୍ୟାୟ ଯାହା ମହିଳାମାନଙ୍କୁ ନିଜସ୍ୱ ନୀତିରେ ଫ୍ୟାଶନ୍ ଗ୍ରହଣ କରିବାକୁ ଉତ୍ସାହିତ କରିଥିଲା, ଏହି ବର୍ଷର ୟୁ ଗୋ, ଗାର୍ଲ ! ଅଭିଯାନ ଆଉ ଗୋଟିଏ ପାଦ ଆଗକୁ ଯାଇ ମହିଳାମାନଙ୍କୁ ଲେବଲ୍ ର ସଂଶୟରୁ ଆଗକୁ ବଢି ନିଜ ପସନ୍ଦ ଅନୁସାରେ ଆଗକୁ ବଢିବାକୁ ପ୍ରେରଣା ଦେଇଛି। ଅଭିଯାନ ଚଳଚ୍ଚିତ୍ରଟି ପ୍ରତ୍ୟେକ ମହିଳା ଜାଣିଥିବା କିଛି ଜିନିଷକୁ କଏଦ କରେ - ଲେବଲ୍ ଦ୍ୱାରା ଘେରି ରହିବାର ସେହି ନୀରବ, ପରିଚିତ ବୋଝ, ଏବଂ ଏହାଠାରୁ ଉପରକୁ ଉଠିବାର ପସନ୍ଦ। କ୍ରିତି ଏକ ଚମତ୍କାର ଲବିରେ ପାଦ ଦିଅନ୍ତି, କିନ୍ତୁ ତାଙ୍କ ଚାରିପାଖରେ ଏପରି ଲେବଲ୍ ଅଛି ଯାହା ପରିଚିତ ଷ୍ଟେରିଓଟାଇପ୍ ଗୁଡ଼ିକୁ ପ୍ରତିଧ୍ୱନିତ କରେ: ଅତ୍ୟଧିକ ମହତ୍ୱାକାଂକ୍ଷୀ, ଅତ୍ୟଧିକ ସାହସୀ, ଡ୍ରାମା କୁଇନ୍। ଚଳଚ୍ଚିତ୍ରରେ ସେମାନେ ଉଠିଥାନ୍ତି, ପାଖକୁ ଯାଆନ୍ତି, ତାଙ୍କୁ ଅଟକାଇବାକୁ ଚେଷ୍ଟା କରନ୍ତି। ତଥାପି, ସେ ପ୍ରକ୍ରିୟାକୁ ଉପଭୋଗ କରି ନିଜ ଗତିରେ ଆଗକୁ ବଢ଼ି ଚାଲିଥାନ୍ତି। ଯେତେବେଳେ ସେ ଶେଷରେ ଆଗକୁ ପାଦ ଦିଅନ୍ତି, ସେ ହସି ହସି ତାଙ୍କର ଷ୍ଟାଇଲିସ୍ କ୍ୟାମ୍ପସ୍ ଜୋତାକୁ ଇଙ୍ଗିତ କରି କୁହନ୍ତି, 'ବହୁତ ସୁନ୍ଦର ଜୋତା, ବନ୍ଧୁ!'। ଫିଲ୍ମଟି ଏକ ବାକ୍ୟ ସହିତ ଶେଷ ହୁଏ ଯାହା ଅଭିଯାନର ଆତ୍ମା ଏବଂ କ୍ୟାମ୍ପସ୍ର ମୂଳ ବାର୍ତ୍ତା ଉଭୟକୁ କଏଦ କରେ: 'ସେମାନଙ୍କର ସବୁବେଳେ କିଛି କହିବାକୁ ରହିବ।

# ଆଇଏଫଏଟି ଇଣ୍ଡିଆ : ସବୁଜ ପ୍ରଯୁକ୍ତି ଏବଂ ବ୍ୟବସାୟ ସହଯୋଗ ପାଇଁ ଏକ ବୃହତ ପ୍ଲାଟଫର୍ମ

**ମୁମ୍ବାଇ,୧୧।୧୦:** : ଜଳ, ସ୍ୱେରେଜ୍, କଠିନ ବର୍ଜ୍ୟବସ୍ତୁ ଏବଂ ରିସାଇକ୍ଲିଂ ଟେକ୍ନୋଲୋଜି ପାଇଁ ଦେଶର ସର୍ବବୃହତ ବାଣିଜ୍ୟ ମେଳା ଆଇଏଫଏଟି ଇଣ୍ଡିଆ ୨୦୨୫ ଅକ୍ଟୋବର ୧୪ରୁ ୧୬ ପର୍ଯ୍ୟନ୍ତ ମୁମ୍ବାଇର ବମ୍ବେ ଏକ୍ଜିବିସନ୍ ସେଣ୍ଟର (ନେସ୍କୋ) ଠାରେ ଅନୁଷ୍ଠିତ ହେବ। ମେସେ ମୁଏନଚେନ୍ ଇଣ୍ଡିଆ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମ ବର୍ତ୍ତମାନ ସୁଦ୍ଧା ସବୁଠାରୁ ବଡ ସଂସ୍କରଣ ହେବ ବୋଲି ଆକଳନ କରାଯାଇଛି, ଯାହା ପରିବେଶ ଏବଂ ଭିତ୍ତିଭୂମି ଗ୍ରୁପ ମଧ୍ୟରେ ବିଶ୍ୱସ୍ତରୀୟ ଉଭାବକ, ଘରୋଇ କ୍ରେତା ଏବଂ ନୀତି ନିର୍ଣ୍ଣୟକାରୀଙ୍କୁ ଏକତ୍ରିତ କରିବ। ୪୫,୦୦୦ ବର୍ଗମିଟର ପରିବ୍ୟାପ୍ତ, ଚଳିତ ବର୍ଷର ମେଳାରେ ୩୦+ ଦେଶରୁ ୫୦୦+ ପ୍ରଦର୍ଶନକାରୀ ଏବଂ ୫୦+ ଦେଶରୁ ଆନୁମାନିକ ୨୮,୦୦୦+ ବାଣିଜ୍ୟ ପରିଦର୍ଶକ ଆୟୋଜନ କରିବେ। ଆଇଏମଇଏ (ଭାରତ, ମଧ୍ୟପ୍ରାଚ୍ୟ, ଆଫ୍ରିକା), ମେସେ ମୁନଚେନ୍ ଏବଂ ମେସ୍ ମୁନଚେନ୍ ଇଣ୍ଡିଆର ସିଇଓ ଭୂପିନ୍ଦର ସିଂ କହିଛନ୍ତି, ଭାରତ ଏକ ପରିବର୍ତ୍ତନଶୀଳ ସ୍ଥିତିରେ ଅଛି ଯେଉଁଠାରେ ବର୍ଜ୍ୟବସ୍ତୁ ଏବଂ ଜଳ ସମାଧାନ ଆଉ ଇଚ୍ଛାଧୀନ ନୁହେଁ, ବରଂ ସ୍ଥାୟୀ ଅର୍ଥନୈତିକ ଅଭିବୃଦ୍ଧିର କେନ୍ଦ୍ରବିନ୍ଦୁ ଅଟେ। ଟେକ୍ନୋଲୋଜି ଟ୍ରାନ୍ସଫର, ନିବେଶ ଅନୁସନ୍ଧାନ ଏବଂ ବ୍ୟବସାୟ ନେଟୱାର୍କିଂ ପାଇଁ ଆଇଏଫଏଟି ଇଣ୍ଡିଆ ଏକ ବିଶ୍ୱସ୍ତ ପ୍ଲାଟଫର୍ମରେ ପରିଣତ ହୋଇଛି। ଚଳିତ ବର୍ଷ ରେକର୍ଡ ଭାଗିଦାରୀ ସହିତ, ଆମେ ଦୃଢ଼ ବିଶ୍ୱସ୍ତରୀୟ ସହଯୋଗ ଆଶା କରୁଛୁ।

# ଇଣ୍ଡେଲ ମନି ଲିମିଟେଡ୍ ସୁରକ୍ଷିତ

**ନୂଆଦିଲ୍ଲୀ,୧୧।୧୦:** ସୁନା ଋଣ କ୍ଷେତ୍ରରେ ଏକ ଅଣ-ଜମା ଗ୍ରହଣକାରୀ ଅଣ-ବ୍ୟାଙ୍କିଙ୍ଗ ଆର୍ଥିକ କମ୍ପାନୀ ("ଏନବିଏଫସି") ଇଣ୍ଡେଲ ମନି ଲିମିଟେଡ୍, ୧,୦୦୦ ପ୍ରତ୍ୟେକ ମୂଲ୍ୟର ସୁରକ୍ଷିତ ଏନସିଡିର ଷଷ୍ଠ ସାର୍ବଜନୀନ ଇସ୍ୟୁ ଘୋଷଣା କରିଛି। ଏହି ଇସ୍ୟୁ ଅକ୍ଟୋବର ୧୩, ୨୦୨୫ ରେ ଖୋଲିବ ଏବଂ ଅକ୍ଟୋବର ୨୮, ୨୦୨୫ ରେ ବନ୍ଦ ହେବ (ଅଧିକ ସବସ୍କ୍ରିପସନ କ୍ଷେତ୍ରରେ ଶୀଘ୍ର ବନ୍ଦ କରିବାର ବିକଳ୍ପ ସହିତ)। ଏହି ଅବସରରେ ଇଣ୍ଡେଲ ମନିର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଏବଂ ସିଇଓ ଉମେଶ ମୋହନନ କହଲେ, ଆମେ ବଜାରରୁ ଟଙ୍କା ସଂଗ୍ରହ କରିବା ବିଷୟରେ ବହୁତ ଆଶାବାଦୀ କାରଣ ନିବେଶକମାନେ ଆମର ପୂର୍ବ ସାର୍ବଜନୀନ ପ୍ରସଙ୍ଗଗୁଡ଼ିକରେ ଗଭୀର ଆଗ୍ରହ ଦେଖାଇଥିଲେ। ସେମାନଙ୍କର ଆମର ବ୍ୟବସାୟ ମଡେଲ, ଅଭିବୃଦ୍ଧି ସମ୍ଭାବନା, ଲାଭଦାୟକ ଆଶା ଏବଂ ଶାସନ ସଂସ୍କୃତି ଉପରେ ଦୃଢ଼ ବିଶ୍ୱାସ ଅଛି। ଆମର ମୂଳ ଶକ୍ତିକୁ ବ୍ୟବହାର କରି ଏବଂ ସାରା ଦେଶରେ ଆମର ଉପସ୍ଥିତିକୁ ବିସ୍ତାର କରି ଆମେ ସୁନା ଋଣ କ୍ଷେତ୍ରରେ ଆମର ନେତୃତ୍ୱକୁ ସୁଦୃଢ଼ କରିବାକୁ ପ୍ରତିବଦ୍ଧ। ଆମେ ଶାଖାଗୁଡ଼ିକର ଏକ ବ୍ୟାପକ ନେଟୱାର୍କ ମାଧ୍ୟମରେ ଆମର ଋଣ ପୋର୍ଟଫୋଲିଓକୁ ବୃଦ୍ଧି କରିବା ଜାରି ରଖିଥିବାରୁ, ଲାଭଦାୟକତା ବୃଦ୍ଧି ଉପରେ ଆମର ଧ୍ୟାନ ଅକ୍ଷୁର୍ଣ୍ଣ ରହିବ। ଆମେ ଗ୍ରାମୀଣ ଏବଂ ଅର୍ଦ୍ଧ-ସହରୀ ବଜାରରେ ଅପାର ସୁଯୋଗ ଦେଖୁଛୁ ଯେଉଁଠାରେ ଆମେ ନିର୍ଭରଯୋଗ୍ୟ, ସ୍ୱଚ୍ଛ ଏବଂ ଅସୁବିଧାମୁକ୍ତ ଆର୍ଥିକ ସମାଧାନ ସହିତ ବ୍ୟକ୍ତି ଏବଂ କ୍ଷୁଦ୍ର ବ୍ୟବସାୟଗୁଡ଼ିକୁ ସେବା ଯୋଗାଇବାକୁ ଲକ୍ଷ୍ୟ ରଖିଛୁ।

# ଭାରତ-ପ୍ରଶାନ୍ତ ମହାସାଗରୀୟ ସହଯୋଗୀତା ନିମନ୍ତେ ୟୁଡବ୍ଲ୍ୟୁଏ

**ନୂଆଦିଲ୍ଲୀ,୧୧।୧୦:** ଅଷ୍ଟ୍ରେଲିଆର ସମ୍ମାନଜନକ ଗ୍ରୁପ୍ ଅଫ ଏଇଟ୍ (ଜିଓ୮)ର ଜଣେ ସଦସ୍ୟ ତଥା ଦି ୟୁନିଭରସିଟି ଅଫ ୱେଷ୍ଟର୍ଣ୍ଣ ଅଷ୍ଟ୍ରେଲିଆ (ୟୁଡବ୍ଲ୍ୟୁଏ)ର ଡେପୁଟି ଭାଇସ୍ ଚାନସେଲର (ଏଜୁକେସନ ଆଣ୍ଡ ଷ୍ଟୁଡେଣ୍ଟ ଏକ୍ସପେରିଏନ୍ସ) ପ୍ରଫେସର ଗାଏ ଲିଟଲଫେୟାରଙ୍କ ନେତୃତ୍ୱରେ ଏକ ପ୍ରତିନିଧିମଣ୍ଡଳୀ ଦୀର୍ଘସ୍ଥାୟୀ ଖଣି ଖନନରେ ଏହାର ସାମର୍ଥ୍ୟ ଗଠନନିମନ୍ତେ ଭୁବନେଶ୍ୱର ଗସ୍ତ କରିଥିଲେ।

ଏଥିସହିତ ୟୁଡବ୍ଲ୍ୟୁଏ ଶିକ୍ଷାଦାନ, ଗବେଷଣା ଏବଂ ଅନ୍ୟାନ୍ୟ କାର୍ଯ୍ୟକଳାପରେ ଶିକ୍ଷାଗତ ଓ ସାଂସ୍କୃତିକ ଆନ୍ତଃ ଅଦଳବଦଳ ନିମନ୍ତେ ସମ୍ଭାବନାର ବିକାଶ ଦ୍ୱାରା ଦୁଇପକ୍ଷ ମଧ୍ୟରେ ସମ୍ପର୍କ ବୃଦ୍ଧି ଘଟାଇବାକୁ ସେଞ୍ଚୁରିଅନ ୟୁନିଭରସିଟି ଅଫ୍ ଟେକ୍ନୋଲୋଜି ଆଣ୍ଡ ମ୍ୟାନେଜମେଣ୍ଟ (ସିୟୁଟିଏମ୍) ସହିତ ଏକ ବୁଝାମଣା ପତ୍ର (ଏମ୍ଓୟୁ) ସ୍ୱାକ୍ଷର କରିଛି।

ଏହି ଉଲ୍ଲେଖନୀୟ ସହଯୋଗୀତା ସ୍ୱଚ୍ଛ ଶକ୍ତି ଏବଂ ଖଣି କ୍ଷେତ୍ରରେ ଭାରତ-ଅଷ୍ଟ୍ରେଲିଆ ସହଯୋଗକୁ ପୁନଃସୁଦୃଢ କରିଛି, ଯାହା ଓଡ଼ିଶାର ଆକାଂକ୍ଷୀ ବିକାଶ ଲକ୍ଷ୍ୟ ସହିତ ଘନିଷ୍ଠ ଭାବରେ ମେଳଖାଉଛି। ଓଡ଼ିଶା ଦ୍ରୁତଗତିରେ ଏକ ଜାତୀୟ ସ୍ୱଚ୍ଛ ଶକ୍ତି ଗନ୍ତାଘର ଭାବରେ ଉଭା ହେଉଛି ଏବଂ ଏହା ୧.୫ ଟ୍ରିଲିଅନ ଡଲାର ଅର୍ଥନୀତିରେ ରୂପାନ୍ତରିତ ହେବା ପ୍ରୟାସର ଅଂଶଭାବରେ ୨୦୪୭ ସୁଦ୍ଧା ଏହାର ଅକ୍ଷୟ ଶକ୍ତି ଅଂଶ ୧୮%ରୁ ୭୦%କୁ ବୃଦ୍ଧି କରିବା ଯୋଜନା ରହିଛି।

# କୋଟକ ଗୋଲ୍ଡ ସିଲ୍ଭର ପାସିଭ୍ ଏଫଓଏଫ ଉନ୍ମୁକ୍ତ

**ମୁମ୍ବାଇ,୧୧।୧୦:** କୋଟକ ମହିନ୍ଦ୍ରା ଆସେଟ୍ ମ୍ୟାନେଜମେଣ୍ଟ କମ୍ପାନୀ ଲିମିଟେଡ କୋଟକ ଗୋଲ୍ଡ ଇଟିଏଫ୍ ଏବଂ କୋଟକ ସିଲ୍ଭର ଇଟିଏଫ୍ର ୟୁନିଟଗୁଡିକରେ ନିବେଶ କରୁଥିବା ଏକ ଓପନ୍-ଏଣ୍ଡେଡ ଫଣ୍ଡ୍ ଅଫ ଫଣ୍ଡ୍ 'କୋଟକ ଗୋଲ୍ଡ ସିଲ୍ଭର ପାସିଭ ଏଫଓଏଫ୍' ପ୍ରଚଳନ ସମ୍ପର୍କରେ ଆନନ୍ଦର ସହିତ ଘୋଷଣା କରିଛି। ଏହି ନବୋନ୍ମେଷୀ ଫଣ୍ଡ୍ କୋଟକ ଗୋଲ୍ଡ ଇଟିଏଫ୍ ଏବଂ କୋଟକ ସିଲ୍ଭର ଇଟିଏଫ୍ର ୟୁନିଟଗୁଡିକରେ ପୁଞ୍ଜିନିବେଶ ଦ୍ୱାରା ଦୀର୍ଘସୂତ୍ରୀ ପାଣ୍ଠି ବୃଦ୍ଧି ସୃଷ୍ଟି କରିବାକୁ ଲକ୍ଷ୍ୟ ରଖିଛି ଯାହା ନିବେଶକମାନଙ୍କୁ ଉଭୟ ମୂଲ୍ୟବାନ ଧାତୁରେ ସୁଯୋଗ ଦେଉଛି। ଏହି ସ୍କିମ୍ ଜନସାଧାରଣଙ୍କ ସବ୍ସ୍କ୍ରିପସନ ନିମନ୍ତେ ୨୦୨୫ ଅକ୍ଟୋବର ୬ ତାରିଖରୁ ଉନ୍ମୁକ୍ତ ହୋଇଛି ଏବଂ ଏହା ୨୦୨୫ ଅକ୍ଟୋବର ୨୦ ତାରିଖରେ ବନ୍ଦ ହେବ। ସୁନା ଓ ରୂପା ଭଳି ମୂଲ୍ୟବାନ ଧାତୁ ଐତିହାସିକ ଦୃଷ୍ଟିରୁ ମୂଲ୍ୟର ଭଣ୍ଡାର ଭାବରେ ଭୂମିକା ନେଇଆସିଛି ଏବଂ ଏହା ମୁଦ୍ରାସ୍ଫୀତି ଓ ମୁଦ୍ରାର ଅବମୂଲ୍ୟାୟନ କ୍ଷେତ୍ରରେ ପ୍ରତିରୋଧ ଭାବରେ କାର୍ଯ୍ୟ କରିଆସିଛି। ବିଶ୍ୱସ୍ତରରେ ସେଣ୍ଟ୍ରାଲ ବ୍ୟାଙ୍କଗୁଡିକ ସେମାନଙ୍କର ସୁନା ମହଜୁଦ ପରିମାଣ ବୃଦ୍ଧି କରୁଥିବା ଏବଂ ରୂପା ଚାହିଦା ଶିଳ୍ପ ଏବଂ ପୁଞ୍ଜିନିବେଶ କ୍ଷେତ୍ରରେ ବୃଦ୍ଧିପାଉଥିବା ଦୃଷ୍ଟିରୁ କୋଟକ ଗୋଲ୍ଡ ସିଲ୍ଭର ପାସିଭ ଏଫ୍ଓଏଫ୍ ଏହି ସମ୍ପତ୍ତି ବର୍ଗ ନିମନ୍ତେ ଏକ ସମନ୍ୱୟିତ ଏବଂ ବିବିଧକୃତ ପ୍ରବେଶ ଯୋଗାଇ ଦେଉଛି। କୋଟକ ଗୋଲ୍ଡ ସିଲ୍ଭର ପାସିଭ ଏଫ୍ଓଏଫ କୋଟକ ଗୋଲ୍ଡ ଇଟିଏଫ୍ ଏବଂ କୋଟକ ସିଲ୍ଭର ଇଟିଏଫ୍ରେ ନିବେଶ କରିବ, ଯାହା ଉଭୟ ଧାତୁ ସହିତ ସଂସ୍ପର୍ଶରେ ଆସିବାର ମୂଲ୍ୟ ସଞ୍ଚୟକାରୀ ଉପାୟ ଯୋଗାଇ ଦେଉଛି।

Printeö _ Publisheö by Biswajit Samanta on behalf of Kusuma Samanta printeö at Niyati Publication (P) Ltö., 166-B MANCHESWAR INÖUSTRIAL ESTATE, BHUBANESWAR-751010 _ Publisheö From LP-115, PRASANTI VIHAR, HOUSING BOARÖ COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : oöishamahabharata@gmail.com, orissamahabharat@reöiffmail.com Eöitor: SURJIT KUMAR ÖHAL ସମ୍ପାଦକ: ସୁରଜିତ୍ କୁମାର ଧଳ